
ଜିଜ୍ଞାସା
N.C.COLLEGE
NARASINGHA CHOUDHURY (AUTONOMOUS) COLLEGE, JAJPUR
ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ, ଯାଜପୁର

# ଜିଜ୍ଞାସା
# JIJNASA

## 2022-23

ଅଧ୍ୟକ୍ଷ

**ଡ଼. ବିଷ୍ଣୁଚରଣ ଦାସ**

**: ସମ୍ପାଦକ ମଣ୍ଡଳୀ :**

**ଅଧ୍ୟାପକ ଡ଼କ୍ଟର ପ୍ରଦୀପ କୁମାର ବେହେରା**

**ଅଧ୍ୟାପକ ଭରତ ଚନ୍ଦ୍ର ସେଠୀ**

**ଅଧ୍ୟାପକ ଅଜୟ କୁମାର ସାମଲ**

**ଶ୍ରୀ ଅତିଶ୍ କୁମାର ମହାନ୍ତି**

(ବରିଷ୍ଠ ଗ୍ରନ୍ଥାଗାରିକ ତଥା ମୁଖ୍ୟ ନୋଡ଼ାଲ ଅଫିସର)

**ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ,**
**ଯାଜପୁର**

**N.C. (AUTO.) COLLEGE, JAJPUR**




# MESSAGE

*I feel immense pleasure to know that the College Magazine **"JIJNASA"** is going to have its publication for the academic session 2022-23.It is enriched with the creative contributions of students & teachers. The title **"JIJNASA"**(Sanskrit word) generally means the desire to know Curiosity and inquisitiveness are very base of knowledge.*

*The wisdom and thoughts of contributors caged in black and white would inspire the readers. The articles may provide solution to multifari-ous problems of society.*

*I express heartfelt thanks to all the contributors for their passion for knowledge and proud representation.*

*I sincerely pray to Parampita, that **"JIJNASA"** be the source of investigation, deliberation and examination of true knowledge of young budding talents.*

***Prof. Bishnu Ch Das***
***Principal***
***N.C. (Auto) College, Jajpur***




## ।। ସମ୍ପାଦକ ମଣ୍ଡଳୀ ।।

(ବାମରୁ ଡାହାଣକୁ)

**ଅଧ୍ୟାପକ ଡକ୍ଟର ପ୍ରଦୀପ କୁମାର ବେହେରା**

**ଅଧ୍ୟାପକ ଭରତ ଚନ୍ଦ୍ର ସେଠୀ**

**ଅଧ୍ୟକ୍ଷ ଡ. ବିଷ୍ଣୁଚରଣ ଦାସ**

**ଅଧ୍ୟାପକ ଅଜୟ କୁମାର ସାମଲ**

**ଶ୍ରୀ ଅତିଶ୍ କୁମାର ମହାନ୍ତି**

(ବରିଷ୍ଠ ଗ୍ରନ୍ଥାଗାରିକ ତଥା ମୁଖ୍ୟ ନୋଡ଼ାଲ ଅଫିସର)



Subhalaxmi Panda, winner of bronze medal in All India Inter University Kickboxing Championship held at V. B. S Purvanchal University, Uttar Pradesh.




**Van Mahotsava**



**Biraja Lectures**



B



# ସଂପାଦକୀୟ...

ବିଶ୍ୱ ବିଶ୍ରୁତ ଦାର୍ଶନିକ ଆରିଷ୍ଟୋଟଲ ସାହିତ୍ୟକୁ ସଂଜ୍ଞାୟିତ କରିବାକୁ ଯାଇ କହିଥିଲେ ଯେ, 'ସାହିତ୍ୟ ହେଉଛି ପ୍ରକୃତି କୋଳକୁ ପ୍ରତ୍ୟାବ ର୍ନ' । ଏଥିରୁ ପ୍ରକୃତି ସହିତ ସାହିତ୍ୟର ସହବଦ୍ଧ ସ୍ୱଷ୍ଟତଃ ଅନୁମେୟ । ପ୍ରକୃତିରେ ନିହିତ ଅଛି ଜୀବନ ଯନ୍ତ୍ରଣାର ସର୍ବୋତ୍କୃଷ୍ଟ ମହୋଷଧି । ପ୍ରକୃତିର ଦୀପ୍ତ ବିଗ୍ରହ ଜୀବନର ଅବାରିତ ଧାରାକୁ ପୁଷ୍କଳ କରିବାର ସାମର୍ଥ୍ୟ ରଖିଥାଏ । ଋତୁ ଚକ୍ରର ଆବ ର୍ନ, ଦିବାରମ୍ଭ, ଦିବାବସାନର ସମ୍ଭାବନାମୟ ପ୍ରତିଶ୍ରୁତି, ସବୁଜ ବନଲତାର ନିଃସ ର୍ ଆଭା, ନିର୍ଝରିଣୀର ପ୍ଲୁତ ମର୍ମର ବାଣୀ ସତେ ଅବା ମଣିଷ ଜୀବନ ପ୍ରତି ପ୍ରଶାନ୍ତିର ଅଭୟ କବଚ । ସନ୍ତୁଳିତ ମଣିଷ ଜୀବନ ଯାତ୍ରାରେ ଅତିଷ୍ଠ ହୋଇ ପ୍ରକୃତି କୋଳକୁ ଫେରିଆସିଲେ ପ୍ରକୃତିର ନିର୍ଜନତା ବି ତା'ସହିତ କଥା କହେ, ଆଉ ବିବଶ ମଣିଷଟି ତା' ଠାରୁ ସଂଗ୍ରହ କରେ ଜୀବନ ଯୁଦ୍ଧର ଅଭେଦ୍ୟ ସାଞ୍ଜୁ । ପ୍ରକୃତି ଓ ଜୀବନର ଯୁଗ୍ମ ସମାବେଶ ସାହିତ୍ୟରେ ଅନୁବନ୍ଧିତ । ସାହିତ୍ୟ ଅଧ୍ୟୟନ ଅର୍ଥ ପ୍ରକୃତି ଓ ଜୀବନ ଅଧ୍ୟୟନ । କେବଳ ଅଧ୍ୟୟନରେ ସୀମିତ ନରହି ଅବବୋଧ ଆଡ଼କୁ ଗତିକଲେ ମଣିଷ ତା'ର ସଂକୀର୍ଣ୍ଣ ଚେତନାରୁ ମୁକ୍ତିଲାଭ କରି ଏକ ସାର୍ବିକ ଭାବନାରେ ଜଡ଼ିତ ହୁଏ । ତା'ର ଦୃଷ୍ଟି ଭୂମିରୁ ଭୂମାକୁ ସଂଚରିଯାଏ, ତା' ଭିତରର ଅବିଗୁଣ ଗୁଡ଼ାକ ନଗ୍ନ ହୋଇପଡ଼ନ୍ତି । ଆଜିର ପୃଥିବୀରେ ଭୟଙ୍କର ରୋଗଭୂତାଣୁ ମାନଙ୍କର ଅଚିନ୍ତନୀୟ ଆତଙ୍କ ସମସ୍ତଙ୍କୁ କବଳିତ କରିଛି । ଏଥିରୁ ମୁକ୍ତ ପାଇବାର ବୈଜ୍ଞାନିକ ଉପଗମ ଗୁଡ଼ିକ ବାସ୍ତବିକ ପ୍ରଶଂସନୀୟ ମାତ୍ର ଯୁଗାଦୀ ଧରି ସମାଜକୁ ସଂକ୍ରମମଣ କରୁଥିବା ଅମାନବୀୟ ପ୍ରବୃ ିର ନିର୍ଗମନ ପାଇଁ ମଣିଷର ପ୍ରଚେଷ୍ଟା ଉତ୍ସାହପ୍ରଦ ନୁହେଁ । ସାହିତ୍ୟରେ ଏହି ଦୁଷ୍ଟ ପ୍ରବୃ ି ଗୁଡ଼ିକର ରୂପାନ୍ତରଣ ପାଇଁ ସମସ୍ତ

ସମ୍ଭାବ୍ୟ ଉପାଦାନ ସଂଜୀବିତ ଥିବାବେଳେ ସେଗୁଡ଼ିକର ଉପଯୋଗ ଆଜିର ମଣିଷ ପାଇଁ ନିତ୍ୟାନ୍ତ ଅନାବଶ୍ୟକ ହୋଇଡ଼ିଛି । ଫଳରେ ଆଗାମୀ ସମାଜର ଏକ ଅସ୍ୱଷ୍ଟ ଚିତ୍ର ସର୍ବତ୍ର ପ୍ରତିଭାତ । ଅବିବେକିତାର ନିଷ୍ଠୁର ଆଘାତରେ ବିବେକ ଅକି ନତାର ନିର୍ମୋକ ମଧ୍ୟରେ ଆତ୍ମଗୋପନ କରିବାକୁ ବାଧ ହୋଇଛି । ଏକ ରୁଗ୍ନ ମାନସିକତାର ଶିକାର ହୋଇ ଆଜିର ମଣିଷ ଆତଙ୍କିତ ଜୀବନ ନିର୍ବାହ କରୁଛି । ସାହିତ୍ୟ ଅବବୋଧ ମଣିଷକୁ ଏଥିରୁ ମୁକ୍ତ କରି ଏକ ସରଳ, ସାବଲୀଳ, ଅବିନଶ୍ୱର ଧାରାରେ ଗତି କରିବାର ସାମର୍ଥ୍ୟ ପ୍ରଦାନ କରିଥାଏ । ଆମ ମହାବିଦ୍ୟାଳୟର ସାରସ୍ୱତ ସାଧକଗଣ ସେମାନଙ୍କର ସୃଷ୍ଟି ବଳୟରେ ସାହିତ୍ୟର ବିଭବ ଗୁଡ଼ିକୁ ଲୀଳାୟିତ କରିବା ଅବସରରେ ସେହି ମୁକ୍ତିକାମୀ ମାନବୀୟ ସଦ୍‌ଗୁଣାବଳୀର ପୋଷକତା କରିବାରେ କେତେଦୂର ସଫଳ ହୋଇଛନ୍ତି ତାହା ପାଠକୀୟ ବିଚାରର ଅପେକ୍ଷା ରଖେ । ଶେଷରେ ଏହି ମହାବିଦ୍ୟାଳୟର ମୁଖ୍ୟପତ୍ର 'ଜିଜ୍ଞାସା' କୁ ଆଲୋକ ଦେଖାଇବାର ପ୍ରଚ୍ଛନ୍ନ ପ୍ରଚେଷ୍ଟା ଯେଉଁମାନଙ୍କର ରହିଛି, ସେହି ସମସ୍ତ ଅଧିକ ୀ ମାନଙ୍କୁ ଅନ୍ତରର ସାଧୁବାଦ ଜଣାଉଅଛୁ ।

*** ସଂପାଦକ ମଣ୍ଡଳୀ**



# ସୂଚୀ ପତ୍ର


| କ୍ର.ନଂ | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| | **ପଦ୍ୟ ବିଭାଗ** | | |
| ୧. | କରୋନାମହାମାରୀ | ବର୍ଷାରାଣୀ ସାହୁ | ୦୧ |
| ୨. | ଶୀତୁଆ ସକାଳ | ଦୀପିକା ମଲ୍ଲିକ | ୦୧ |
| ୩. | ପ୍ରତିଶ୍ରୁତିର ପାର୍ବଣ | ସ୍ମୃତିରେଖା ଦାସ | ୦୨ |
| ୪. | ଜୀବନ ଛଳନା | ଜୟସ୍ମିତା ପଣ୍ଡା | ୦୨ |
| ୫. | ରାଖି ମୋ ସାକ୍ଷୀ | ଶୁଭଶ୍ରୀ ବାରିକ | ୦୩ |
| ୬. | ବାପା | ପ୍ରତିଭା ଦାଶ | ୦୩ |
| ୭. | ବାପା | ନିବେଦିତା ଦାସ | ୦୪ |
| ୮. | ସମ୍ଭାବନା | ଦୀପ୍ତି ପ୍ରିୟଦର୍ଶିନୀ ସାହୁ | ୦୪ |
| ୯. | ଜୀବନର ପଥ | ଲିଜାରାଣୀ ନାୟକ | ୦୫ |
| ୧୦. | ମାଆ | ପ୍ରିୟଙ୍କା ଯାମୁଦା | ୦୫ |
| ୧୧. | ଅଭାଗା ବାପା | ମଧୁସ୍ମିତା ପଣ୍ଡା | ୦୬ |
| ୧୨. | ରଥଯାତ୍ରା | ବେବିଓଝା | ୦୭ |
| ୧୩. | ଭକ୍ତିଛାନ୍ଦ | ଆଶିଷ ପଣ୍ଡା | ୦୮ |
| ୧୪. | ରତ୍ନପସରା | ଆଶିଷ ପଣ୍ଡା | ୦୯ |
| ୧୫. | କଲେଜ ବାବୁ | ରୁଦ୍ରାଣୀ ମହାଲିକ | ୧୦ |
| ୧୬. | ବାଘ | ସ୍ମୃତିରେଖା ଦାସ | ୧୧ |
| ୧୭. | ନିରୁତ୍ସାହ | ଅବିନାଶ ଯେନା | ୧୧ |
| ୧୮. | ପିତା ମାତା | ସନ୍ଧ୍ୟାରାଣୀ କର | ୧୧ |
| ୧୯. | ଦୁର୍ଗତୀ ନାଶିନୀ ଦୁର୍ଗା | ପାୟଲ ଦାସ | ୧୨ |
| ୨୦. | ମନେପଡ଼େ | ସୂଚୀସ୍ମିତା ନାୟକ | ୧୨ |
| ୨୧. | ରଶ୍ମିର ଅଭୁଲା କାହାଣୀ | ରଶ୍ମିରେଖା ପୃଷ୍ଟି | ୧୩ |
| ୨୨. | ମୁଁ | ନିକିତା ମିଶ୍ର | ୧୩ |
| ୨୩. | ସ୍ମୃତି | ଜୟସ୍ମିତା ପଣ୍ଡା | ୧୪ |

| | | | |
|---|---|---|---|
| ୨୪. | ମୋ ମା | ଦେବସ୍ମିତା ମଲ୍ଲିକ | ୧୪ |
| ୨୫. | ବନ୍ଧୁତ୍ୱ | ସୌମ୍ୟପ୍ରକାଶ ସାମଲ | ୧୪ |
| ୨୬. | ନୀତିଶିକ୍ଷା | ଶୁଭଶ୍ରୀ ବଳ | ୧୫ |
| ୨୭. | ସମାଜ ଓ ନାରୀ | ବିଭୁଦ ନାୟକ | ୧୬ |
| ୨୮ | ତୁମ୍ଭ ଚରଣରେ ମୋର ଶରଣ | ହରପ୍ରିୟା ଯେନା | ୧୭ |
| ୨୯. | ଝରକା ସେ ପାଖରେ | ଅଙ୍କିତ୍ କୁମାର ସ୍ୱାଇଁ | ୧୭ |
| ୩୦. | ମୁଁ ଭିତର କନିକା | ରୋଜାଲିନ୍ ବାରିକ | ୧୮ |
| ୩୧. | ମାଟିର ମହତ୍ୱ | ଦୀପ୍ତି ପ୍ରିୟଦର୍ଶିନୀ ସାହୁ | ୧୯ |
| ୩୨. | ମୋ ବୋଉ | ପ୍ରିୟତମା ଦାସ | ୨୦ |
| ୩୩. | ଶିଶୁ ଶ୍ରମିକ | ସୂଚୀସ୍ମିତା ସାହୁ | ୨୧ |
| ୩୪. | ମୋ ବାପା ମୋ ମା | ଶୁଷାଷିନୀ ମିଶ୍ର | ୨୧ |
| ୩୫. | ମନେ ପଡ଼େ | ସୋମାଲିନ୍ ନାୟକ | ୨୨ |
| ୩୬. | ଛାତ୍ର ଜୀବନ | ପ୍ରୀତିରେଖା ବେହୁରିଆ | ୨୩ |
| ୩୭. | କାହିଁଗଲେ ମୋ ସାଙ୍ଗ ସାଥି | ସୁଶ୍ରୀ ସୋହାନୀ ନାୟକ | ୨୩ |
| ୩୮ | ତୁମ ପାଇଁ | ତପସ୍ୱିନୀ ନାୟକ | ୨୪ |
| ୩୯. | ମନେରଖ ଆଜି ଏତିକି | ନିରୁପମା ସେଠୀ | ୨୪ |
| ୪୦. | ମନୁଷ୍ୟ | ଅର୍ପିତା ବିଶ୍ୱାଳ | ୨୫ |
| ୪୧. | କାହିଁଗଲେ ମୋ ସାଙ୍ଗ ସାଥି | ଦେବସ୍ମିତା ମଲିକ୍ | ୨୬ |
| ୪୨. | ମା | ଦୀପ୍ତିପ୍ରିୟଦର୍ଶିନୀ ସାହୁ | ୨୬ |
| ୪୩. | ମୋ ବାପା | ଚନ୍ଦ୍ରଶେଖର ସାହୁ | ୨୭ |
| ୪୪. | ସୌନିକ ଜୀବନୀ | ବିପାସା ରାଉତ | ୨୭ |
| ୪୫. | ମୋ ମା | ଶ୍ରଦ୍ଧାଞ୍ଜଳି ସାହୁ | ୨୮ |
| ୪୬. | ନାରୀ | ବୈଶାଖୀ ସାହୁ | ୨୯ |
| ୪୭. | ଆମ ପରିବେଶ | ସୀମା ପଣ୍ଡା | ୨୯ |
| ୪୮. | ଆହେ ଜଗନ୍ନାଥ | ପ୍ରମିଜ୍ ଶତପଥି | ୩୦ |
| ୪୯. | ମା ବିରଜା | ଶାଶ୍ୱତୀ ପତି | ୩୧ |
| ୫୦. | ଆସରେ କରୋନା ରୋକିବା | ସୌମ୍ୟପ୍ରକାଶ ସାମଲ | ୩୧ |
| ୫୧. | ଦୁଇପଦ କଥା | ଦେବସ୍ମିତା ମଲ୍ଲିକ | ୩୨ |
| ୫୨. | ମା ପରା ସିଏ | ଲଳିତ ନାୟକ | ୩୨ |

| | | | |
|---|---|---|---|
| ୫୩. | ଗୁରୁ | ନିବେଦିତା ଦାସ | ୩୩ |
| ୫୪. | ଦେହସୁହା | ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ | ୩୩ |


## ଗଦ୍ୟ ବିଭାଗ


| | | | |
|---|---|---|---|
| ୧. | ମୋ ବୋଉ | ଅତିଶ କୁମାର ମହାନ୍ତି | ୩୪ |
| ୨. | ଏକ ବିକଶିତ ରାଷ୍ଟ୍ର ହେବାର ଲକ୍ଷ୍ୟ | ଦେବରାଜ ନାୟକ | ୩୭ |
| ୩. | ଆମର ବ୍ରହ୍ମାଣ୍ଡ କେତେ ବଡ଼ | ଦେବବ୍ରତ ତ୍ରିପାଠୀ | ୪୦ |
| ୪. | ଅହଙ୍କାର | ଲିପ୍‌ସା ପଣ୍ଡା | ୪୧ |
| ୫. | ଅତିପ୍ରିୟ ସୁଖ | ସମାପିକା ସାହୁ | ୪୪ |
| ୬. | ଅହଂକାରୀ ରାଜକୁମାରୀ | ମଧୁମୟୀ ଧିକ୍ଷିତ୍ | ୪୬ |
| ୭. | ସୃଷ୍ଟି ପ୍ରକ୍ରିୟାର ଶୀର୍ଷରେ ନାରୀର ଭୂମିକା | ହିମାଂଶୁ ଶେଖର ସାହୁ | ୪୭ |
| ୮. | ନୂତନ ଯୁଗରେ ଅମାନବିକତା ମଣିଷ ସମାଜ | ଶୁଭଶ୍ରୀ ସାମଲ | ୪୯ |
| ୯. | ମହାନ ଗଣିତଜ୍ଞ | ସଂଘମିତ୍ରା ପୃଷ୍ଟି | ୫୧ |
| ୧୦. | ଉନ୍ନତିର ମାଗର୍ର ପିତା ଓ ମାତା | ଶୁଭଶ୍ରୀ ସେଠୀ | ୫୨ |
| ୧୧. | ଜୀବ ଓ ବ୍ରହ୍ମ | ଦେବବ୍ରତ ତ୍ରିପାଠୀ | ୫୩ |
| ୧୨. | ଗର୍ବ ଠାରୁ ଦୂରରେ ରୁହ | ଦୀପ୍ତିପ୍ରିୟଦର୍ଶିନୀ ସାହୁ | ୫୪ |
| ୧୩. | ହେ କୃଷ୍ଣ ତୁମେ ହିଁ ଜଗତ | ଚିନ୍ମୟୀ ରଣା | ୫୬ |
| ୧୪. | ଭାଗ୍ୟ ଓ ପରିଶ୍ରମ | ଶୁଭସ୍ମିତା ସେଠୀ | ୫୭ |
| ୧୫. | ନାରୀ | ଜୟସ୍ମିତା ପଣ୍ଡା | ୫୮ |
| ୧୬. | କଳି ଯୁଗର କଳ୍କି ଅବତାର | ସମାପିକା ସାହୁ | ୫୯ |
| ୧୭. | ଦେଶର ୧୫ତମ ରାଷ୍ଟ୍ରପତି : ଦ୍ରୌପଦୀ ମୁର୍ମୁ | ସୋମାଲିନ୍ ନାୟକ | ୬୨ |
| ୧୮. | ଶୁଦ୍ଧ ଏବଂ ପ୍ରକୃତ ସଂପର୍କର ଲକ୍ଷଣ / ଗୁଣ | ଶୁଭଶ୍ରୀ ବାରିକ | ୬୩ |
| ୧୯. | ବରଗଛ ଓ ବାଟୋଇ | ଲଳିତା ନାୟକ | ୬୪ |
| ୨୦. | ପିତାମାତାଙ୍କ ମହ ୍ | ଅରୁନ୍ଧତୀ ସାହୁ | ୬୫ |
| ୨୧. | ଉ ର ଦେବେ ଆପଣ | ରିତାରାଣୀ ସାମଲ | ୬୭ |
| ୨୨. | ପରିବାର | ରୋଜି ପଣ୍ଡା | ୬୯ |
| ୨୩. | ଆଜିର ନାରୀ ଭବିଷ୍ୟତର ସମ୍ମାନ | ଉଷା ପାଣିଗ୍ରାହୀ | ୭୦ |
| ୨୪. | ବାହ୍ୟଜ୍ଞାନ | ସତ୍ୟବାନ୍ ପେରାଇ | ୭୨ |

| | | | |
|---|---|---|---|
| ୨୫. | ଶୂନ୍ୟର ଏକ ଇତିହାସ | ଲିପ୍ସା ପଣ୍ଡା | ୭୩ |
| ୨୬. | ଖୁସି ଓ ଆନନ୍ଦ | ଆର୍.ଏସ୍. ସୋନାଲି | ୭୮ |


## English Section


| | | | |
|---|---|---|---|
| 1. | Value of Time | Rudrani Mahalik | 80 |
| 2. | My Lovely mother | Sipra Dhal | 80 |
| 3. | Meaning of Life | Sushree Srabani Nayak | 81 |
| 4. | The wonder of Nature | Somya Prakash Samal | 81 |
| 5. | Three Coins | Pratishruti Behera | 82 |
| 6. | I Love Music | Promise Satapathy | 83 |
| 7. | The girl I call Sister | Debansi Rout | 83 |
| 8. | Voice of Smart phone and Students | Sanjay Kumar Pothal | 84 |
| 9. | Commerce Life | Mahesh Kumar Sahoo | 85 |
| 10. | Ray of hope | Prachi Biswal | 85 |
| 11. | Dear Papa | Bistrutika Sahoo | 86 |
| 12. | Fabulous Friends | Rojalin Barik | 87 |
| 13. | My Twin | Supriya Behera | 88 |
| 14. | Dear Sahadev | Sania Afroz | 88 |
| 15. | Save the Earth | Priyatama Das | 89 |
| 16. | Tell Them so | Saphaya Rout | 89 |
| 17. | Exam | Lipsa Rani Samal | 90 |
| 18. | What is Important | Subhasmita Sethy | 90 |
| 19. | To be an odia | Itishree Dash | 91 |
| 20. | Child hood | Disha Digdarshini | 92 |
| 21. | Importance and Role of Libraries in our Country | Anil Ku. Pradhan | 93 |
| 22. | Life is Cofee- Enjoy it | Manisha Monalisha Muduli | 95 |
| 23. | Good news for farmers becomes Bad News | Sangita Parida | 96 |
| 24. | The Story of Diwali | Itishree Das | 97 |
| 25. | In Conspicuous power | Swasti Mishra | 98 |
| 26. | Punctuality | Himanshu Sekhar Sahoo | 100 |
| 27. | National Science Day 2023 | | 101 |


- 0 -

H

# କରୋନା ମହାମାରି

✤ ବର୍ଷାରାଣୀ ସାହୁ

+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ଦିପ ଜାଳି ଈଶ୍ୱରଙ୍କୁ ଆମ ପ୍ରାର୍ଥନା,
ପୂରଣ କର ହେ ଆମରି କାମନା ।
ଏ ସଂଘର୍ଷରେ ହାରିଯାଉ କରୋନା,
ମହାମାରି ପାଇଁ ଉନ୍ନତି ହୁଏନା ।
କାହାକୁ କାହାକୁ ଅନ୍ନ ମିଳେନା,
କେବେ ବିପଦ ଯିବ ଜାଣି ହୁଏନା ।
ଚୁନା ହୋଇଲା ଆମ ସବୁ କଳ୍ପନା
କେବେ ସରିବ ଏହି ଦୁଃଖ ବେଦନା ।
ଅନେକ ହାରୁଛନ୍ତି ନିଜ ଆପଣା,
ସବୁବେଳେ ବିପଦ ଆଣେ ଚାଇନା ।
ହୋଇଯିବ ଆମର ମହାକ୍ଷତି,
କ୍ଷତି ଭରିବ ସମୟର ଗତି ।
ହୁଅ ସତର୍କ କର ବି ସତର୍କ,
କରନ୍ତୁ ନାହିଁ ଅଯଥା ବିତର୍କ ।
ପ୍ରକୃତି କରଜ ରଖେନା ବାକି,
ଫେରାଇ ଦିଏ ସେ ସୁଯୋଗ ଦେଖି ।
ବିପଦ ନୁହେଁ ଏ ମହାବିପଦ,
ହାନି ହୁଏ ଆମ ଅନସମ୍ପଦ ॥

# ଶୀତୁଆ ସକାଳ

✤ ଦୀପିକା ମଲ୍ଲିକ

+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ପହିଲି ଉଷାର ଶୀତୁଆ ସକାଳ
ଥୁରୁଥୁରୁ ଦେହ ମନ
ପାକଲା ଜେଜେଙ୍କ ନାଲି ଚହା ପାଣି
ଜିଣି ନେଇଥାଏ ମନ ।
ଗ୍ରାମର ଯୁବକ ଶୁଷ୍କତରୁ ଡାଳେ
ନିଆଁ ପୁଉଁ ଥାଏ ବସି
ଭାଲୁକୁଣି ଆଗ ଅଇଁଠା ବାସନୁ
ଛଡ଼ାଇ ପାଉଁଶ ଘସି ।
ରାତିଟା କେମିତି ଶୀଘ୍ର ସରିଯାଏ
ମା' ଡାକଛାଡ଼େ ରାଗରେ
ଘଡ଼ିଏ ହେଲାଣି ରାତି ପାହିଲାଣି
କୁଆ ରାବିଲାଣି ଦାଣ୍ଡରେ ।
ପାଣି ଲାଗୁଥାଏ ଅନଳ ସମାନ
ସଭିଏଁ ଡରନ୍ତି ତାକୁ
ନିଆଁକୁ ଆଦରି ଘେରି ବସିଥାନ୍ତି
ପାପୁଲେ ସେକି ଗାଲକୁ ।
ରାତି ଘଡ଼ିକରୁ ଧାନର ଖଳାରୁ
ଶୁଭୁଥାଏ ଦୁମ୍ ଦୁମ୍
କୃଷକ ଭାଇନା ଧାନ କଳେଇରୁ
କିଛି ନଦିଶଇ ଦୁରୁ ।
ନମାନି ବୁଲଇ ଚପଳ ବାଳକ
ଥଣ୍ଡା କାଶ ସର୍ଦ୍ଦି ଧରେ
ଶୀତୁଆ ସକାଳ ଆଣି ଦେଇଥାଏ
କାନନର ପୁଷ୍ପବନ
ଉପଭୋଗ କରେ କଷ୍ଟ ହେଲେ ମଧ
ପୁଲକିତ ହୁଏ ମନ ।

## ପ୍ରତି ଶ୍ରୁତିର ପାର୍ବଣ

✤ ସ୍ମୃତିରେଖା ଦାସ
+୩ ଦ୍ୱିତୀୟ ବର୍ଷ କଳା

ସିନ୍ଦୂରା ଫଟେଇ ହସିଲା
ଲକ୍ଷେ ସମ୍ଭାବନାର ପ୍ରାଚୀ ଗଗନ..
ଲୋଟେଇ ପୋଟେଇ ହେଲା
ଆୟୁତ ପ୍ରତିଶ୍ରୁତିର ଡେଣା ଝାଡ଼ି
କାକର-ଶେଯ-ମୁକୁଳା
ଶୀତଳ ପବନ..
ହେମନ୍ତ ଋତୁର ଧାନକ୍ଷେତ ହସେ
ବୁକୁରେ ମେଲାଇ ସୁନାରଙ୍ଗୀ
ଐଶ୍ୱର୍ଯ୍ୟ ପ୍ଲାବନ..
ପବିତ୍ର ପବିତ୍ର ବାସେ
କା ିକର ଅମୃତ ଲଗନ..!
ଆ କା ମା ବୈ
ପାନ ଗୁଆ ଥୋଇ
ଦୀପ-ଧୂପ-ଝୁଣା
ଚନ୍ଦନ-କର୍ପୁର ଦେଇ ଭସାଏ
ପଲ୍ଲୀବଧୂ ପୁଣ୍ୟର ନଉକା
ସାରି ସକାଳ ସ୍ନାହାନ!

## ଜୀବନ ଛଳନା

✤ ଜୟସ୍ମିତା ପଣ୍ଡା
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ବିଭାଗ)

ଜୀବନଟା ନୁହେଁ ଖେଳନା
ନୁହେଁ ସେ ନୀରବ ଲାଞ୍ଛନା
ଯେତେ ତାକୁ ନେଇ ଖେଳିଲେ
କରେନା ସେ ତା'ର ଉପମା
କରେନା ସେ ତା'ର ଉପମା
ତାକୁ ନେଇ ଯିଏ ଖେଳେ ବାସ୍ତବରେ
ନଥାଏ ତା'ର କଳ୍ପନା
ନଥାଏ ତା'ର କଳ୍ପନା
ଜୀବନକୁ ନେଇ ଖେଳନା
ଜୀବନଟା ନୁହେଁ ଛଳନା
ନୁହେଁ ସେ ନୀରବ ଲାଞ୍ଛନା ।

## ରାକ୍ଷୀ ମୋ ସାକ୍ଷୀ

✤ ଶୁଭଶ୍ରୀ ବାରିକ
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ବିଭାଗ)

ରାକ୍ଷୀ ଅଛି ସାକ୍ଷୀ ଭୁଲିବୁନି ଭାଇ
ଦେଲି ମୁଁ ରାକ୍ଷୀର ରାଣ
ତୁ ମୋ ଜୀବନ ତୁ ମୋର ଗେହ୍ଲା ଭାଇ
ତୁହି ପରା ମୋର ପ୍ରାଣ ॥
ବର୍ଷକୁ ଥରେ ଆସେ ରାକ୍ଷୀ ପୂନେଇଁ
ସଦା ସୁଖ ମନାସିବି
ସରଗର ଚାନ୍ଦ ତୁହି ମୋର ଭାଇ
ମୁଖେ ହସ ଫୁଟାଇବି ॥
କାହାକୁ ନ ଡ଼ରଇ ତୁ ଥିଲେ ଭାଇ
ରାକ୍ଷୀ ଶକ୍ତି ଏହି ପରା
ତୋର ସ୍ନେହ ଆଗେ ସବୁ ଫିକା ଭାଇ
ଦେଖୁଛି ସଂସାର ସାରା ॥
ଏ ରାକ୍ଷୀ ବନ୍ଧନ ଅତୁଟ ବନ୍ଧନ
ଶେଷ ଯାଏଁ ରହିଥାଏ
ରଖିଛୁ ରଖିବୁ ଭଉଣୀର ମାନ
ଏ ସଂସାର ଥିବା ଯାଏଁ ॥

## ବାପା

✤ ପ୍ରତିଭା ଦାଶ
+୩ ଦ୍ୱିତୀୟ ବର୍ଷ କଳା (ଇତିହାସ ବିଭାଗ)

ଜଞ୍ଜାଳ ସବୁକୁ ମୁଣ୍ଡେଇ
ଅସୀମ ଧୈର୍ଯ୍ୟ ଆଉ ସାହାସ ରଖି
ହାତ ଧରି ରାସ୍ତା ଦେଖାଉ ଥିବା ଗୋଟେ
ମଣିଷ ର ନାଁ ବାପା....
କାଠୋରତା ଆଉ ଅନୁଶାସନ ଭିତରେ
ନିଜ ପ୍ରେମ କୁ ଲୁଚେଇ ରଖିଥିବା ଗୋଟେ
ମଣିଷ ର ନାଁ ବାପା....
ଜୀବନରେ କମେଇଥିବା ନିଜ ପରିଚୟକୁ
ଦେଇ ଦେଇ ପରିଚିତ କରୁଥିବା ଗୋଟେ
ମଣିଷ ର ନାଁ ବାପା....
ସବୁ ସ୍ୱପ୍ନକୁ ସାକାର କରିବାର
ସାମର୍ଥ୍ୟ ରଖୁଥିବା ଆଉ
ଶ୍ରେୟ ମାଗୁ ନଥିବା ଗୋଟେ
ମଣିଷର ନାଁ ବାପା....
ସବୁ ବାଜି ଜାଣି ଜାଣି ହାରିଯାଇ
ଜିତାଉ ଥିବା ଗୋଟେ ଅପରାଜୟ
ମଣିଷର ନାଁ ବାପା....

## ବାପା

✤ ନିବେଦିତା ଦାସ
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ବିଭାଗ)

ଜୀବନଟା ମିଶାଇ ଏଇ ଖରା ଛାଇ,
ଦୁଃଖର ବଜାରେ ମିଳେ ଲୁହର ନଈ ॥
ତୁମ ରାଗ ରକ୍ଷା ଅଭିନୟ ପ୍ରାୟ,
ତୁମେ ମୋ ପାଇଁ ଶ୍ରଦ୍ଧା ସୁମନ ଶ୍ରେୟ ॥
ତୁମ କଥା ଭାବିଦେଲେ ମନରେ ଥରେ,
ମନ ଅଗଣାରେ ମୂର୍ଚ୍ଛନା ବିନମ୍ରେ ଝରେ ॥
ସ୍ନିଗ୍ଧ ଅଟେ ତୁମ କର୍ମ ତୁମର ସାହାସ,
ବିସ୍ମୟ ହୋଇ ଉଠେ ମନ ତୁମ କର୍ମ ସରସ ॥
ଏଇ ଶବ୍ଦର ମୂଲ୍ୟ ଯେ କେତେ ମହଙ୍ଗା,
ପାରି କରିଦିଅ ସତେ ଏଇ ଜୀବନର ଡଙ୍ଗା ॥
ବାପା ବୋଲି ଡାକିଦେଲେ ମିଳେ ମନେ ତୃପ୍ତି,
ତୁମ ଆଶୀର୍ବାଦ ର ହସ୍ତେ ମିଳେ ମତେ କୃତି ॥
ତୁମ ଅଗଣାରେ ମୁଁ ଟିକି ଚଢ଼େଇଟିଏ,
ତୁମ କୋଳରେ ପାଏ ଖୁସିର ଝଲକଟିଏ ॥
ବାପା ଶବ୍ଦରେ ସତେ ଥାଏ ଯେ କେତେ ମଧୁରତା,
ତମ ନାମ ନେଇ ଲଢ଼ିଯିବି ବାପା ଜୀବନର ଏ
ସଉଦା ॥
ମୋ ବାପା... ମୋ ବାପା... ମୋ ବାପା...

## ସମ୍ଭାବନା

✤ ଦୀପ୍ତି ପ୍ରିୟଦର୍ଶିନୀ ସାହୁ
+୨ ଦ୍ୱିତୀୟ ବର୍ଷ ବିଜ୍ଞାନ

ଟିକି ଫୁଲଟିରେ ଥାଏ ସମ୍ଭାବନା
ବିକଶିତ ହେବା ପାଇଁ
ଟିକି ପ୍ରଦୀପରେ ଥାଏ ସମ୍ଭାବନା
ଆଲୋକ ପ୍ରଦାନ ପାଇଁ
ମୋ ମନରେ ଥାଏ ସେହି ସମ୍ଭାବନା
ଦେଶପ୍ରେମୀ ହେବା ପାଇଁ
ଦେଶ ଠାରୁ ବଳି ଆଉ ବଡ଼ ପ୍ରିୟ
କହ କିଏ ଆଉ ଅଛି ?
ସେହି ସମ୍ଭାବନା ଜାଗ୍ରତ ପାଇଁ
ଦେଶପ୍ରେମୀ ଆସ ଧାଇଁ
ଜାଗ୍ରତ ହୁଅ, ଉଦ୍ୟତ କର
ସେହି ସମ୍ଭାବନା ପାଇଁ ।

## ଜୀବନର ପଥ

✤ ଲିଜାରାଣୀ ନାୟକ
+୩ କଳା ପ୍ରଥମ ବର୍ଷ (ରାଜନୀତି ବିଜ୍ଞାନ)

ଜିଇଁବାଟା ଏଠି କେତେ ଦୁଃଖାବହ
ଲେଖି ଯାହା ହୁଏ ନାହିଁ
ଅନୁଭବୀ ସିନା ଜାଣିପାରେ ଏକା
ବୁଝାଇ ଯା' ହୁଏ ନାହିଁ ॥
ବେଳେବେଳେ ଏଇ ଜୀବନର ପଥ
ଲମ୍ବା ପୁଣି ହୋଇଯାଏ
କହି ହୁଏନା କି ସହିବି ହୁଏନା
ନିଜ ଲୁହ ପିଉଥାଏ ॥
ଚିହ୍ନା ଲୋକ ଏଠି ଅଚିହ୍ନା ପରିକା
ପରିଚୟ ଦିଏ ନାହିଁ
ଅସୁମାରୀ ଏହି ଆଶାର ଯେମିତି
ଶେଷ ଜମା ମରେ ନାହିଁ ॥
ପଲକରେ ଏଠି ରଙ୍ଗ ବଦଳାଇ
ଋତୁ ଆସି ଚାଲିଯାଏ
ସମୟ ସାଥିରେ ଚାଲି ନପାରେ ଯେ
ପଛରେ ସେ ରହିଯାଏ ॥

## ମାଆ

✤ ପ୍ରିୟଙ୍କା ଯାମୁଦା
+୩ ଦ୍ୱିତୀୟ ବର୍ଷ କଳା (ସମାଜ ବିଜ୍ଞାନ ସମ୍ମାନ)

ମାଆ ମୋର ଅଟେ ଅତି ସୁନ୍ଦର
ମାଆ କୋଳ ଲାଗେ ଅତି ନିଜର
ଗେଲ କରି ସିଏ କୋଳେ ଧରଇ
ଆନନ୍ଦ ଭାବରେ ଦିଏ ହଲେଇ
କେବେ ତାକୁ ଭୁଲିପାରିବି ନାହିଁ ।
ମାଆ ନାମ ଅଟେ ବଡ଼ ମଧୁର
କରୁଥାଏ ସିଏ କେତେ ଆଦର ।
ରୁଷି ଗଲେ ସିଏ କୋଳକୁ ନିଅଇ
ଝାଡ଼ି ଝୁଡ଼ି ଦେହ ମୋହର
ଆମ ପାଇଁ ହୁଏ ଅଧୁର
ଦିନ ରାତି ସିଏ ହାତ ଯୋଡୁଥାଏ
ମଂଗଳ ହେବାକୁ ଆମର
ଆମେ ଭଲ ପାଠ ପଢ଼ିବୁ
ସୁଖରେ ଜୀବନ ଗଢ଼ିବୁ
ଦେଶ ପାଇଁ ଭଲ କାମ କରି
ସବୁଠାରେ ନାଆଁ ରଖିବୁ
ସେଥିପାଇଁ ମାଆ ଆମର
କଥା କଥା କହେ କେଡ଼େ ମଧୁର
ତାହାର ଆଶୀଷ ଯାହା ଶୀରରେ
ଦୁନିଆଁ ଜିଣିବ ସିଏ ସତରେ ।

# ଅଭାଗା ବାପା

✤ ମଧୁସ୍ମିତା ପଣ୍ଡା
+୩ କଳା ପ୍ରଥମ ବର୍ଷ (ଇଂରାଜୀ ସମ୍ମାନ)

ଆସିଲି ମୁଁ ଯେବେ ମାତୃ ଗର୍ଭକୁ
ଆନନ୍ଦ ଗଲା ତ ଖେଳି,
ଜନମିଲି ଯେବେ ମାଆ ମୋର ଦେଖି
ଖୁସିରେ ହେଲା ପାଗିଳି ।
ମୋର ପରିବାର ଜାଣିଲେ ଯେବେ ମୁଁ
ଜନମିଛି ଏକ କନ୍ୟା,
ସବୁ ଖୁସି ପରା ପାଣି ଫାଟି ଗଲା
ବହିଲା ଦୁଃଖର ବନ୍ୟା ।
ସେହିଦିନୁ ମୋର ଅନାଥ ଆଶ୍ରମେ
ଗଢି ଦେଇଥିଲେ ଘର,
ବୁଦ୍ଧି ହେଲା ଯେବେ ଜାଣିଲି ସେଠି ମୋ
ନୂଆ ଏକ ପରିବାର ।
ଭାଇ ଭଉଣୀ ମୋ ସବୁଥିଲେ ସେଠି
ନଥିଲେ ମୋ ବାପା ମାଆ,

ଶୁଣିଥିଲି ଦିନେ ଅନାଥ ପିଲାଙ୍କୁ
ଭଗବାନ ହେବେ ସାହା ।
ମନ ଲଗାଇ ମୁଁ ପଢିଲି ଯେ ପାଠ
ଦିନ ରାତି କରି ଏକ,
ପ୍ରଭୁଙ୍କ କୃପାରୁ ଅଧାପିକା ହେଲି
ରଖିଲି ଜାତିର ଟେକ ।
କଲେଜରେ ଦିନେ ବକ୍ତୃତା ଦେଲି ମୁଁ
କହିଲି ନିଜ କାହାଣୀ,
କାହାଣୀ ମୋ ଶୁଣି କଲେଜ୍ ଅଧକ୍ଷ
ଆଖିରୁ ଝରିଲା ପାଣି ।
କାନ୍ଦି କାନ୍ଦି ମତେ କହିଲେ ସେ ଆସି
ଅନାଥ ହେବୁ ତୁ କିମ୍ପା
ପାରିବୁ ତୁ ଯଦି କ୍ଷମା କରିଦେ
ମୁହିଁ ତୋ ଅଭାଗା ବାପା ।

# ରଥଯାତ୍ରା

✤ ବେବି ଓଝା
+୩ ପ୍ରଥମ ବର୍ଷ କଳା (ଓଡ଼ିଆ ସମ୍ମାନ)

ଭକତି ର ଭାବ ତୁମେ କବି ର କବିତା
ଶୁଣିଛି ମୁଁ ତୁମେ କାଳେ ଭକତିରେ ବନ୍ଧା ।
କହନ୍ତି ଯେ ଲୋକେ ତୁମେ କାଳିଆ ଗୋସାଇଁ
ଭକତର ଦୁଃଖ କାଳେ ସହିପାର ନାହିଁ ।
ମନ୍ଦିର ଭିତରେ ବୋଧେ ମନ ପୁରେ ନାହିଁ,
ସେଥିପାଇଁ ଆସ ବଡ଼ ଦାଣ୍ଡକୁ ଓହ୍ଲାଇ ।
ନାମିତ କରିଛ ତାକୁ ରଥଯାତ୍ରା ନାମେ,
ପ୍ରସିଦ୍ଧ ଏ ପର୍ବ ତୁମ ପ୍ରତି ଗ୍ରାମେ ଗ୍ରାମେ ।
କାହିଁ କେତେ ଭକତ ତୁମ ଦରଶନ ପାଇଁ,
ଅନେକ ଦୂର ଦୂରାନ୍ତରୁ ଆସିଛନ୍ତି ଧାଇଁ ।
ବେଗେ ବେଗେ ଆସ ପ୍ରଭୁ ଡେରି କରନାହିଁ,
ବ୍ୟାପୁ ଏ ଧରା ପୃଷ୍ଠ ତୁମ ସ୍ପର୍ଶ ପାଇଁ ।

ସ୍ତବ୍ଧ ଆଜି ବୃକ୍ଷଲତା ତୁମ ଅପେକ୍ଷାରେ,
ତଟୀନି ଆଜି ଗୀତଗାଏ ସ୍ୱାଗତ ଭି  ିରେ ।
ପବନ ବି ଦିଗହରା ତୁମ ଲାଳସାରେ,
ତୁମ ଅଙ୍ଗ ସ୍ପର୍ଶ କରି ଖେଳିବ ସଂସାରେ ।
ପୁରୀ ଉଠେ ବଡ଼ଦାଣ୍ଡ ଘ   ଘ   । ସ୍ୱରେ,
ଭାଇ ଭଉଣୀ ଙ୍କୁ ଘେନି ବିଜେକର ଧୀରେ ।
ମଳୟ ପବନେ ସବୁ ହୁଅନ୍ତୁ ଜାଗ୍ରତ,
ଭକ୍ତ ଚ   ଳ ହୋଇ ସମଗ୍ର ଜଗତ ।
ପାପ ସବୁ କ୍ଷୟ କର ସୁଦର୍ଶନ ଆରେ,
ଶାନ୍ତି ର ମନ୍ତ୍ର ଦିଅ ସଭିଙ୍କର କର୍ଣ୍ଣ ରେ ।
ଏତିକି ମିନତି ମୋର ଜଗତର ନାଥ,
ଗ୍ରହଣ କର ହେ ପ୍ରଭୁ ମୋର ପ୍ରଣିପାତ ।

# ଭକ୍ତି ଛାନ୍ଦ

✤ ଆଶିଷ ପଣ୍ଡା
+୩ ତୃତୀୟ ବର୍ଷ ବାଣିଜ୍ୟ

ଜୟ ଅନନ୍ତ ଗୋପାଳ ହେ....
ରଖ କଳିକାଳରୁ ଉଦ୍ଧାରି....
ଶଂଖ, ଚକ୍ର, ପଦ୍ମ, ଗଦା ତୁମ ହସ୍ତେ
ଶୂନ୍ୟରେ ଶୂନ୍ୟରେ ଥିବ
ବାର ହାତ ଖଣ୍ଡା ହସ୍ତରେ ତୁମର
କଳ୍କୀ ବେଶ ହୋଇଥିବ
ଦକ୍ଷିଣ ଆଲଟ ଶ୍ୱେତାଶ୍ୱେ ଶୋଭିତ
ଭକ୍ତଙ୍କୁ ରଖ ହେ ହରି
କଳି କାଳରୁ ଉଦ୍ଧାରି....
ଜୟ..................

କାଳୀୟ ଗଞ୍ଜନ ପତିତ ପାବନ
ଆହେ ନିତ୍ୟପୁର ବାସୀ
ଭକ୍ତଙ୍କ ଗହଳେ ଲୀଳା କରୁଥିବ
ଗୋଲକେ ବୈକୁଣ୍ଠେ ବସି
ଚକ୍ଷୁ ଦୁଇ ତୁମ୍ଭ ସୂର୍ଯ୍ୟ ଚନ୍ଦ୍ର ପରି
ଆଲୋକ ଦିଏ ବିତରି
କଳି କାଳରୁ ଉଦ୍ଧାରି......
ଜୟ..................

ଖଦଡ଼ ପୋଷାକେ ମସ୍ତକରେ ଟୋପି
ଲୋହିତ ବର୍ଣ୍ଣର ରୂପ
ନିରାକାର ମଧ୍ୟେ ସାକାର ବ୍ରହ୍ମ ହେ
ତୁମ୍ଭର ଜ୍ୟୋତି ଅନେକ
କୋଟିଏ ସୂର୍ଯ୍ୟର ଆଲୋକର ତେଜ
ଭକ୍ତ ଜନଙ୍କୁ ଆବରି
କଳି କାଳରୁ ଉଦ୍ଧାରି.....
ଜୟ..........

# ରତ୍ନ ପସରା

✥ ଆଶିଷ ପଣ୍ଡା
+୩ ତୃତୀୟ ବର୍ଷ ବାଣିଜ୍ୟ

ଖଣ୍ଡ ଗିରି ଶିରେ ହାଟ ବସାଇଛ ପତିତ ମାନଙ୍କ ପାଇଁ
ମହା କଳେବର ରୂପ ଧରିଅଛ
                ଲୋହିତ ବର୍ଣ୍ଣ ଗୋସାଇଁ
ଶ୍ୱେତ ମୂ ି ଶ୍ୱେତ ବାସରେ ଗଢ଼ାଏ
                ଅଜାନୁ ଲମ୍ବିତ ଭୂଜ....
ଲୋହିତ ବର୍ଣ୍ଣର କଳେବର ତୁମ
                ପିପାଷୁ ଅମୃତ ସୁଖ
ରତ୍ନବଟ ବାସି ରତ୍ନରେ ସୁବେଶୀ
                କୋଟି କଇବଲ୍ୟ ନାଥ
ତୁଳସୀ ଦୟଣୀ ଦେଇ ସମର୍ପିଲେ
                ପୁରିଯାଏ ଆତ୍ମା ସୁଖ

ବଟ ରକ୍ଷାକ ା ବଟକୁ ଉଦ୍ଧାରି
                ରତ୍ନ ବଟ ନାମ ଦେଲ
ପୁଷ୍ୟାଭିଶେକ କରେ ଅଭିଶେକ ହୋଇ
                ମଣିମା ନାମ ବୋଇଲ
କ୍ଷିତି ମଧେ ଜ୍ୟୋତି କଇବଲ୍ୟ ପତି
                ବିରାଟ ରୂପ ପ୍ରକାଶ
ଅମରାବତୀରେ କ୍ଷେତ୍ର ଛତିଆରେ
                ଲୀଳା ଆରମ୍ଭିଣ ଅଛ ।
ସାବିତ୍ରୀ ନନ୍ଦନ ହେ ବିଶିକେଶନ
                ହେ ଭକ୍ତ ବତ୍ସଳ ନାଥ
ପତିତ ପାବନ ବାନାକୁ ଉଡ଼ାଇ
                ମହୀ ମଣ୍ଡଳକୁ ରଖ ।

# କଲେଜ ବାବୁ

✤ ରୁଦ୍ରାଣୀ ମହାଳିକ
+୨ ପ୍ରଥମ ବର୍ଷ

ବାବୁତ ବାବୁ କଲେଜ ବାବୁ
କଲେଜରେ ପାଠ ପଢ଼ାନ୍ତି
ଜିନ୍ ପ୍ୟା   ୍ ସଙ୍ଗେ ପଏ   ଡ୍ ମାରି
ଷ୍ଟାଇଲ୍ ଦେଖାଇ ବୁଲନ୍ତି ।
ବାବୁତ ବାବୁ କଲେଜ ବାବୁ
ନିତି କଲେଜ ଆସନ୍ତି
କ୍ଲାସ୍ ନକରି ତିରଙ୍ଗା ପାଟିରେ ପକାଇ
ଝିଅଙ୍କୁ ଲାଇନ୍ ମାରନ୍ତି ।
ପାଠପଢ଼ା ସବୁ ଦେଖିବ କ'ଣ
ଖାଲି ମୋଟା ବହି ହାତେ ଧରନ୍ତି
ଦିନ ଦୁଇଦିନ ଗଲାପରେ ବାବୁ
ବହିନାମ ଭୁଲି ଯାଆନ୍ତି ।
ଲେଖାଲେଖି ସବୁ ଦେଖିବ କ'ଣ
ଜେଟର ପେନ୍‌ରେ ଲେଖନ୍ତି

ନୋଟ୍ ଖାତାରେ ପାନ ଦୋକାନିର
ବାକିଆ ହିସାବ ଟିପନ୍ତି ।
ପରୀକ୍ଷା ଦେବାକୁ ଦେଖିବ କ'ଣ
ମିଛେ ଆଡ଼ିସ୍‌ନାଲ୍ ମାଗନ୍ତି
ବୁଟ୍, ମୋଜା, ତଥା ପାନ ପୁଡ଼ିଆରୁ
କପି କାଢ଼ି ବାବୁ ଟିପନ୍ତି ।
ବାବୁତ ବାବୁ କଲେଜ ବାବୁ
ଡେଲି କଲେଜ ଆସନ୍ତି
ବ୍ୟାକ୍ ପେପର୍ ଏବଂ ଉଇଥେଲଡ୍ ତ୍ରପସହ
ଘନିଷ୍ଠ ସମ୍ପର୍କ ରଖନ୍ତି ।
ବାବୁତ ବାବୁ କଲେଜ ବାବୁ
କଲେଜରେ ପାଠ ପଢ଼ନ୍ତି
ନିତି କଲେଜ ଆସନ୍ତି
ବଉଳ ମୂଳେ ବସନ୍ତି ମ୍ୟାମ୍ କୁ ଦେଖି ହସନ୍ତି
ପ୍ରିନ୍‌ସିପାଲ୍ ଗାଳି ଦିଅନ୍ତି
ମିଛଟାରେ ଗାଲୁ ମାରନ୍ତି ।

## ବାଘ

✤ ସ୍ମୃତିରେଖା ଦାସ
ଦ୍ୱିତୀୟ ବର୍ଷ

ଘ ାର କ । ସବୁକୁ ଭାଙ୍ଗିଦେଇ
ମୁଁ ଭାବିଲି ସମୟକୁ ଫାଙ୍କି ଦେଲି
ହେଲେ ସମୟ ଆସି
ଠିଆ ହୋଇଛି ଆଜି ମୋ ପାଖରେ
ମଣିଷଖିଆ ବାଘ ହୋଇ ।

## ପିତା ମାତା

✤ ସନ୍ଧ୍ୟାରାଣୀ କର
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ପିତା ମାତା ଠାରେ ରହିଛି ସରଗ,
ତାଙ୍କୁ ସଦା ପୂଜୁ ଥିବ ।
ଏକ ଗୁଣା ପ୍ରେମ ଦେଇଥିଲେ ତାଙ୍କୁ,
ଶହେ ଗୁଣା ପାଉଥିବ ।
ରହିଥିବେ ସାଥେ ଜୀବନେ ତୁମର,
ସବୁ ଦୁଃଖେ ଆଉ ସୁଖେ ।
ସ୍ୱାର୍ଥ ସରିଗଲେ ସଭିଏଁ ଫେରିବେ,
ହେଲେ ରହିଥିବେ ସେ ପାଖେ ।
ଚଳନ୍ତି ଦେବତା ସେ ପରା ଅଟନ୍ତି,
ତାଙ୍କ କଥା ମାନୁଥିବ ।
ତେବେ ପାଇଁ କରି ଦୁନିଆରେ ତୁମେ,
ଭଲ ମଣିଷଟେ ହେବ ।
ଭଲ ମଣିଷଟେ ହେବ ।

## ନିରୁତ୍ସାହ

✤ ଅବିନାଶ ଯେନା
+୩ ଦ୍ୱିତୀୟ ବର୍ଷର ଛାତ୍ର (ଓଡ଼ିଆ  ସମ୍ମାନ)

ତୁମ ଆଖିର ଗ୍ହାଣୀ
ମୋ ହୃଦୟକୁ ଦିଏ ହାଣି ।
ତୁମେ ପାଗଳ ଯେ ମତେ କର
କରି କରିବାକୁ ଇଛା ଯେ ମୋ ଦୃତ କର ।
ଭାବନାରେ ଅବା ସ୍ୱପ୍ନରେ
ତୁମ କେଉଁ ରୂପ ରହିଯାଏ ।
ନିରୁତ୍ସାହ.........
ନିରୁତ୍ସାହ ନିରୁତ୍ସାହ..........
କେବେ ମିଶିବ ମୋ ଦେହରେ
ଅପେକ୍ଷାରେ ନିରୁତ୍ସାହ ହୁଏ ।
ତୁମ ଯୌବନର ଚପଳତା
ହୃଦୟ ବିଦାରତା
ଓଃ............
ନିରୁତ୍ସାହ ନିରୁତ୍ସାହ
ଆଖି ଯେ ତୁମର ନୀଳ ସମୁଦ୍ର
ଓଠ ଯେ ତୁମର ରକ୍ତ ମନ୍ଦାର
ଚ୍ଲି ଯେ ତୁମର ଅତି ଚ ଳ
କରିଦିଏ ମତେ ସତେ ପାଗଳ
କାହିଁ ଅବା ସାଜି ଅଛ ଛଳନାର କେନ୍ଦ୍ର ବିନ୍ଦୁ
ତୁମ ମଥାରେ ଦେବାକୁ ଇଛା ହୁଏ ସିନ୍ଦୁରର ବିନ୍ଦୁ

# ଦୁର୍ଗତୀ ନାଶିନୀ ଦୁର୍ଗା

✤ ପାୟଲ ଦାସ
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ସାଦର ରେ କରୁଛି ମା' ତୁମକୁ ସ୍ୱାଗତ,
ପାପକୁ ବିନାଶ କରି ପୁଣ୍ୟକୁ କରିଛ ତୁମେ ଜାଗ୍ରତ ।
ନୟନର ତେଜରେ ମା' ପାପୀ କଲ ବିନାଶ,
ସ୍ୱାଗତ କରୁଛି ତୁମକୁ ଆସ ମାଗୋ ଆସ ।
ହସ୍ତରେ ଧରିଛ ମାଗୋ ଅସ୍ତ୍ର ପାପସଂହାର ତ୍ରିଶୂଳ,
କମନୀୟ, ନମନୀୟ, ସଦାସର୍ବଦା ପୂଜନୀୟ
ପତି ତୁମର ମହାକାଳ ।
ମା ତୁମେ ସ୍ୱୟଂ ସଂହାର କ ଙ୍କର ଅର୍ଦ୍ଧାଙ୍ଗିନୀ,
ତୁମେ ବି ସଂହାର କାରିଣୀ ମାଗୋ ମହିଷା ମର୍ଦ୍ଦିନୀ ।
ଧରା ପୃଷ୍ଠକୁ ଅବତରିଲ ମା ସୃଷ୍ଟି ରକ୍ଷା ନିମନ୍ତେ,
ଭୁଲିବ ଜଗତ ମା' ତୁମ ଅବଦାନ କେମନ୍ତେ !
ଯୁଗେ ଯୁଗେ ଶୁଣି ଆସିଛ ମା' ଦୁଃଖୀ ସନ୍ତାନର,
ବିପଦରୁ ରକ୍ଷା କର ମା' ନିଜ ସନ୍ତାନକୁ ହୋଇ ତତ୍ପର ।
ପୂଜୁଛି ପୂଜିବ ଏଇ ଜଗତ ମା' ଦୁର୍ଗାଙ୍କୁ,
ଦୁର୍ଗତି ନାଶିଛ, ଶାନ୍ତି ଆଣିଛ ପୂଜା ପାଅ ମା କାଳକାଳକୁ
ସିଂହ ବାହିନୀ ମହିଷା ମର୍ଦ୍ଦିନୀ,
"ତୁମ କର୍ମ ପଥ ସତ୍ୟ ହେଉ
ଚଲାପଥ ଥାଉ ମା'ଗୋ ଧର୍ମେ" ।

# ମନେପଡ଼େ

✤ ସୂଚୀସ୍ମିତା ନାୟକ
+୩ ତୃତୀୟ ବର୍ଷ କଳା (ରାଜନୀତି ବିଜ୍ଞାନ)

ଯେବେ ସଞ୍ଜ ନଇଁ ଆସେ ଜହ୍ନ ଖେଳିଯାଏ
ମନେ ପଡ଼େ ମୋର ତାର
ମାଆର ମମତା ବାପାଙ୍କର କଥା
ସବୁ ମନେଅଛି ମୋର...
ଖାତା ବହି ଧରି ଯାଉଥିଲି ଯେବେ
ସ୍କୁଲକୁ ନିତି ମୁହିଁ
ଥି । ବରଗଛ ପାରିହେବାଯାଏ
ମାଆ ରହୁଥିଲା ଚାହିଁ
ଗାଁ ଦାଣ୍ଡେ କେତେ ଖେଳିଛି ମୁଁ ଖେଳ
ମନେ ପଡ଼ିଛି ମୋ ବେଶି....
ଦେଖୁନି ତ ଆଉ ମାଆ ହସ ମୁହିଁ
ମାଆର ଡାକ ଶୁଭୁନି
ଖାଇସାରି ଏଠି ମୁହିଁ ପୋଛିବାକୁ
ପାଉନି ମାଆର କାନି
ମୋ ମାଆ କଥା ଯେବେ ଭାବି ଦିଏ ଥରେ
ଆଖିରୁ ମୋ ଝରେ ଲୁହ
ତାଙ୍କ ଋଣ କେବେ ଶୁଝିପାରିବିନି
ଭାବିଲେ ଉଠଇ କୋହ
ସମୟର ନଇ ଧୀରେ ଯାଏ ବହି
ଛୋଟରୁ ହୋଇଲି ବଡ଼
ଥିଲେ ଯେତେ ଦୂରେ
ରହିକି ପାରଇ
ମାଆ କଥା ମନେ ପଡ଼େ....

## ରଶ୍ମିର ଅଭୁଲା କାହାଣୀ

✤ ରଶ୍ମିରେଖା ପୃଷ୍ଟି
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ହୃଦୟରେ କରି ଘର
କଲା ମତେ ଆଜି ସେ ପର ।।
କାହାକୁ କହିବି ଦୁଃଖ ମୋର
ନିଜ ଲୋକତ ଏଠି ପର ।।
ନିଜଠୁ ଅଧିକା ପାଇଥିଲି ଭଲ
ସେ ଆଜି ଅଜଣା ମୋର ।।
ବୁଝିଲାନି ମୋ ଭଲ ପାଇବାକୁ
ବୁଝିଲା ଭୁଲ୍‌କୁ ମୋର ।।
କଥା ଦେଇଥିଲା ସାଥେ ଚାଲିବାକୁ
ସେ ଆଜି ଧରିଲା ଆଉ କାହା ହାତ ।।
ବିଚିତ୍ର ତୁମ ପ୍ରେମ ଉପହାର
ରଶ୍ମିର ଜୀବନ କଲ ଅନ୍ଧକାର ।।

## ମୁଁ

✤ ନିକିତା ମିଶ୍ର
+୩ ବିଜ୍ଞାନ (ପ୍ରାଣୀବିଜ୍ଞାନ ସମ୍ମାନ)

ସ୍ୱପ୍ନ ଦୁନିଆରୁ ଟିକେ ବୁଲି ଆସି
ବାସ୍ତବତା କୁ ଟିକେ ପରଖି ଦେଖି
ଜୀବନର ଦୋଛକିରେ ନିଃଶବ୍ଦ ପାଲଟି ଯାଏ ମୁଁ ।
ସମୟର ଚକ୍ରବ୍ୟୁହକୁ ଅଭିମନ୍ୟୁ ପରିଭେଦି
ପରିସ୍ଥିତିକୁ ଟିକେ ନିରିଖେଇ ଦେଖି
ଜନ୍ମମୃତ୍ୟୁର ଦ୍ୱନ୍ଦରେ ଅସହାୟ ପାଲଟିଯାଏ ମୁଁ ।
ମନର ସେ ଅଦେଖା ଆଘାତର ଉପଶମ ପାଇଁ
ଆତ୍ମହରା ହୋଇ ଖୋଜିଚାଲେ ମୁଁ ମଲମ,
ଟିକିଏ ଟିକିଏ ଦୁଃଖ ସୁଖକୁ ସାଉଁଟି ଚାଲି
ଭାବ ବିହ୍ୱଳ ହୋଇ କେବେ କେବେ ଧରେ ମୁଁ କଲମ ।
ଆୟୁ ସୂର୍ଯ୍ୟ ସାଥିରେ ସ୍ମୃତିର ସେ ରଙ୍ଗିନ୍ ଅଟାଳିକାକୁ
ଉଚ୍ଚ କରିଚାଲେ ମୁଁ,
ଏ ଜୀବନ ବାଟରେ ଅନୁଭୂତି ର ସେ କ୍ଷୁଦ୍ର ରାସ୍ତାଟିକୁ
ପ୍ରଶସ୍ତ କରିଚାଲେ ମୁଁ ।
ଅନ୍ଧାରକୁ ଗ କରି ସନ୍ଧାନରତ ମୁଁ ଆଲୋକ ଗୁଚ୍ଛର,
ମୁଁ, ଜଣେ ତୃଷାର୍ଥ ପଥିକ ମୋ ଜୀବନର...

## ସ୍ମୃତି

✤ ଜୟସ୍ମିତା ପଣ୍ଡା
+୩ ଦ୍ୱିତୀୟ ବର୍ଷ କଳା(ସଂସ୍କୃତ ସମ୍ମାନ)

ମଣିଷ ମରିଲେ ସବୁତ ସରିବ
ରହିଯିବ ଟିକେ ସ୍ମୃତି
ସେହି ସ୍ମୃତିଟିକୁ ସାଇତି ରଖିଲେ
ଜୀବନରେ ହେବୁ ଦୁଃଖୀ ।
ସେଇ ଦୁଃଖି ପୁଣି କେତେଦିନ ପରେ
ହୋଇଯିବ ଗୋଟେ ଭାବନା
ସେଇ ଭାବନାକୁ ସାଇତି ରଖିଲେ
ହୋଇଯିବ ପୁଣି ଛଳନା ।
ଛଳନା ଜୀବନେ କାହାକୁ ଡରନା
କାହାଠୁ ବି ତୁମେ ହାରନା
ଅତୀତ ସ୍ମୃତିକୁ ସାଇତି ରଖିଲେ
ସୁଖ ହୋଇଯିବ ଭାବନା ।

## ମୋ ମା'

✤ ଦେବସ୍ମିତା ମଲ୍ଲିକ୍
+୩ ଦ୍ୱିତୀୟ ବର୍ଷ କଳା

ମୋ ଦୁଃଖ ରେ ଦୁଃଖୀ ହୁଏ ସିଏ
ମୋ ଲୁହରେ କଷ୍ଟ ପାଏ ସିଏ
ମୋ ହସରେ ଖୁସି ହୁଏ ସିଏ
ମୋ ବିପଦରେ ସାହା ହୁଏ ସିଏ
ମୋ ସଫଳତାର କାରଣ ସିଏ
କାରଣ ମୋ ମା' ସିଏ ।

## ବନ୍ଧୁତ୍ୱ

✤ ସୌମ୍ୟପ୍ରକାଶ ସାମଲ
+୩ ଦ୍ୱିତୀୟ ବର୍ଷ କଳା (ଇତିହାସ ସମ୍ମାନ)

ବନ୍ଧୁତ୍ୱ ଏକ ଏମିତି ସମ୍ପର୍କ,
ଯାହା ଗଢ଼ିଉଠେ ହୃଦୟରୁ ।
ଦୁଃଖରେ ଥିଲେ ମୁଁ,
ଯିଏ ଦୁଃଖି ହୁଏ ।
ଖୁସିରେ ଥିଲେ ମୁଁ,
ଯିଏ ଖୁସି ହୁଏ ।
ବିପଦେ ଆପଦେ ଯିଏ ଛିଡ଼ା ହୁଏ,
ସେହି ଏକା ପ୍ରକୃତ ବନ୍ଧୁ ।
ବନ୍ଧୁତା ଏକ ଏମିତି ଦାୟିତ୍ୱ,
ଯିଏ ନିଭାଏ ସେ ହି ମଣିଷ ।
ଏଇ ଜୀବନ,
ବିନା ବନ୍ଧୁତା ରେ ଦାୟିତ୍ୱ ହୀନ ।

# ନୀତିଶିକ୍ଷା

✤ ଶୁଭଶ୍ରୀ ବଳ
ସ୍ନାତକୋ  ର ପ୍ରଥମ ବର୍ଷ

ଯେଉଁ ସମ୍ପର୍କ ଆମକୁ କନ୍ଦେଇ ଦିଏ ତା ଠାରୁ
ଗଭୀର ସମ୍ପର୍କ ଆଉ ଦୁନିଆରେ କିଛି ନାହିଁ ।
ଆଉ ଯେଉଁ ସମ୍ପର୍କ ଆମେ କାନ୍ଦୁଥିବା ବେଳେ
ଆମକୁ ଛାଡ଼ି ଚାଲିଯାଏ ତା ଠାରୁ ଦୁର୍ବଳ ସମ୍ପର୍କ
ଦୁନିଆରେ ନାହିଁ । ତେଣୁ ବନ୍ଧୁଙ୍କ ଦୁଃଖ ଦୁର୍ଦ୍ଦିନରେ
ପାଖରେ ଛିଡ଼ା ହେବାକୁ ଚେଷ୍ଟା କରନ୍ତୁ ।
ଗୋଟିଏ ଭୁଲ୍ ଅନେକ ଭୁଲ୍ କରିବା ପାଇଁ ବାଧ
କରାଏ, କିନ୍ତୁ ଗୋଟିଏ ଭଲ କାମ ଅନେକ
ଭଲ କାମ କରିବା ପାଇଁ ପ୍ରେରଣା ଯୋଗାଏ ।
ତେଣୁ ପ୍ରଥମେ ଛୋଟିଆ ଭଲ କାମଟିଏ କର
ଏହା ଆଗକୁ ବଢ଼ିବା ପାଇଁ ବାଟ ଦେଖାଇବ ଓ
ନିଜର ଆତ୍ମବଳ ବୃଦ୍ଧି ପାଇବ ।
ପ୍ରତ୍ୟେକ ବ୍ୟକ୍ତି ଭଲ ନହୋଇ ପାରନ୍ତି ହେଲେ
ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ କିଛି ନା କିଛି ଭଲ
ଗୁଣ ରହିଛି । ତେଣୁ କାହା ପ୍ରତି ହେୟଜ୍ଞାନ କରନ୍ତୁ
ନାହିଁ । ସେମାନଙ୍କ ଠାରେ ଥିବା ଭଲ ଗୁଣକୁ
ଚିହ୍ନନ୍ତୁ । ସେହି ଭଲ ଗୁଣକୁ ସମାଜର ହିତ ପାଇଁ
ବ୍ୟବହାର କରନ୍ତୁ ।

କାହାକୁ କିଛି ଖରାପ କହିବା ପୂର୍ବରୁ ଥରେ
ଚିନ୍ତା କରି ଦେଖ, ଯଦି କେହି ତୁମକୁ ସେତିକି
କହିବ ତୁମେ ସହିପାରିବ ତ, ସେଥିପାଇଁ
ଅନ୍ୟକୁ ସେତିକି କୁହ ଯେତିକି ତୁମେ ନିଜ
ପାଇଁ ସହିପାରିବ ।
ମନୁଷ୍ୟର ବ  ର୍ମାନ ସ୍ଥିତି ଦେଖି ତାର
ଭବିଷ୍ୟତକୁ ଉପହାସ କରିବା ଉଚିତ ନୁହେଁ ।
କାହିଁକି ନା ଭବିଷ୍ୟତର ଏତେ ଶକ୍ତି ଅଛି ଯେ
କୋଇଲାକୁ ମଧ ହୀରାରେ ପରିଣତ
କରାଇଦିଏ ।
ସକାଳ ହେଲେ ଫୁଲକୁ ବି ଜଣା ନଥାଏ
ସେ ମନ୍ଦିର ଯିବ ନା ମଶାଣୀକୁ ।
ସେଥିପାଇଁ ଜୀବନକୁ ଉପଭୋଗ କର
ହସ ଆଉ ହସାଅ, ରାଗ ଓ ହିଂସା ଛାଡ଼..
କାରଣ ମଣିଷର ନିଶ୍ୱାସକୁ ବି
ଜଣା ନଥାଏ ସେ ଫେରିବ କି ନାହିଁ ।

# ସମାଜ ଓ ନାରୀ

✤ ବିଭୁଦ ନାୟକ
ସ୍ନାତକୋ ର ପ୍ରଥମ ବର୍ଷ ଇତିହାସ ବିଭାଗ

ଯଦି ସମାଜ ହୁଏ ନାରୀ ଏହାର ବାସ୍ନା
ଯଦି ସମାଜ ଜଳ ଟିକେ ହୁଏ ନାରୀ ତାହାର ତୃଷ୍ଣା ।
ଯଦି ସମାଜ ଅଳଙ୍କାରଟିଏ ନାରୀ ହୋଇ ସୁନ୍ଦରତା
ଯଦି ସମାଜ ଭୀମ ହୁଏ ନାରୀ ତାର କ୍ଷମତା ।
ଯଦି ସମାଜ ବଧୁଟିଏ ହୁଏ ନାରୀ ତା"ମଥାର ସିନ୍ଦୁର
ଯଦି ସମାଜ ସଙ୍ଗୀତ ହୁଏ ନାରୀ ମା' ସୁମଧୁର ସୁର ।
ଯଦି ସମାଜ ପରିବାର ହୁଏ ନାରୀ ଏହାର ସମ୍ପର୍କ
ଯଦି ସମାଜ ଈଶ୍ୱର ହୁଏ ନାରୀ ତାହାଙ୍କ ଅର୍ଦ୍ଧ ଅଙ୍ଗ ।
ଯଦି ସମାଜ ମହୁ ଟିକେ ହୁଏ ନାରୀ ଏହାର ମଧୁରତା
ଯଦି ସମାଜ ଧରଣୀ ହୁଏ ତାହାର ବ୍ୟାପକତା ।
ଯଦିସମାଜ ମାଆ ଗଙ୍ଗା ହୁଏ ନାରୀ ଏହାର ପବିତ୍ରତା
ଯଦି ସମାଜ ମାନବ ହୁଏ ନାରୀ ତାହାର ମାନବିକତା
ଯଦି ସମାଜ ବିଦ୍ୟାଳୟ ହୁଏ ନାରୀ ଏହାର ଶିକ୍ଷା
ଯଦି ସମାଜ ଆଶ୍ରମ ହୁଏ ନାରୀ ତାହାର ଦୀକ୍ଷା ।
ଯଦି ସମାଜ ସୂର୍ଯ୍ୟହୁଏ ନାରୀ ଏହାର କିରଣ
ଯଦି ସମାଜ ଶରୀର ଟେ ହୁଏ ନାରୀ ତାହାର ଜୀବନ
ନାରୀ ସୃଷ୍ଟି, ନାରୀ ସ୍ରଷ୍ଟା, ନାରୀ ହିଁ ବିକାଶ....
ନାରୀ ଧ୍ୱଂସ, ନାରୀ ପ୍ରଳୟ, ନାରୀ ହିଁ ବିନାଶ.... ।

## ତୁମ୍ଭ ଚରଣରେ ମୋର ଶରଣ

✤ ହରପ୍ରିୟା ଯେନା
+୩ ତୃତୀୟ ବର୍ଷ କଳା

ଏ ଜୀବନ ଅଟେ ତୁମରି ଦାନ
ତୁମ ବିନା ପ୍ରଭୁ ଲାଗେ ସବୁ ଶୂନ୍ୟ
ସଦା ଖୋଜେ ଆଖି ତୁମରି ଦର୍ଶନ
ତୁମ୍ଭ ଚରଣରେ ମୋର ଶରଣ ॥
ଜଗତଟା ପରା ତୁମ ଅଧୀନ
ତୁମ୍ଭେ ନ ଚାହିଲେ ନ କଟେ ଯେ ଦିନ
ଆଦି-ଅନାଦିର ତୁମେ ହିଁ କାରଣ
ତୁମ୍ଭ ଚରଣରେ ମୋର ଶରଣ ॥
ବ୍ୟାପି ରହିଅଛ କୋଟିବ୍ରହ୍ମାଣ୍ଡ
ଯାହାର କି କେବେ ନାହିଁ ଯେ ଅନ୍ତ
ପାପପୁଣ୍ୟ ଅଟେ ତୁମ୍ଭର କଲ୍ୟାଣ
ତୁମ୍ଭ ଚରଣରେ ମୋର ଶରଣ ॥
ଭକ୍ତିଯୋଗେ ମୋର ରହିଥାଉ ମନ
ଏ ଜୀବନ ଯାଉ କରି ପ୍ରଭୁ ଧ୍ୟାନ
ଭିକ୍ଷା ଘେନୁଛି ହେ ତୁମ୍ଭରି ନନ୍ଦନ
ତୁମ୍ଭ ଚରଣରେ ମୋର ଶରଣ ॥

## ଝରକା ସେ ପାଖରେ

✤ ଅଙ୍କିତ୍ କୁମାର ସ୍ୱାଇଁ
ବି.ସି.ଏ ପ୍ରଥମ ବର୍ଷ

ଝରକା ସେପାଖେ ଝାସ ଦେଲେ ଥରେ
ଚପଳ ବୟସ ବାଳୁତ,
ଫିରିଙ୍ଗି କୁକୁର ବନ୍ଧୁକ ମୁନରେ
କରିଥିଲା ତାକୁ ନିହତ । (୧)
ଝରକା ସେପାଖେ ଦେଖିଥିଲା ଦିନେ
ଅଖଣ୍ଡ ଭାରତ ସପନ,
ସୁନେଲି ସପନ ପାହିବା ଆଗରୁ
ଗଲାବ୍ୟୋମେ ତାଙ୍କ ଜୀବନ । (୨)
ସାରା ଓଡ଼ିଶାଟା ସ୍ତମ୍ଭୀଭୂତ ଥିଲା
ହୋଇଥିଲା ଗୋପପ୍ରୟାଣ,
ଉତ୍କଳ ଲଳନା ଗବାକ୍ଷ ପୁଡ଼ାରେ
କରିଥିଲା ଶେଷ ଦର୍ଶନ । (୩)
ନୟନ ଫେଡ଼ି ହେ ଚାହଁ ମୂଢ଼ଜନ
ଝରକା ସେପାଖେ ଯମ,
ଜୀବନର ଦୀପ ଲିଭିବା ଆଗରୁ
ତୁଣ୍ଡେ ରହୁ ହରିନାମ । (୪)
ଆସ ଆସ ଭାଇ ସମୟ ଆସିଛି
ମିଶାଅ ହାତରେ ହାତ,
ଝରକା ସେପାଖେ ବଇରୀ ମରିବ
ଏକ ହାତ ହେଲେ ସାତ । (୫)

# ମୁଁ ଭିତରକନିକା

✤ ରୋଜାଲିନ୍ ବାରିକ୍
+୩ ତୃତୀୟ ବର୍ଷ ବାଣିଜ୍ୟ ବିଭାଗ

ମୁଁ ଭିତରକନିକା କହୁଛି
କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ
ପୂର୍ବ ଉପକୂଳେ ପଡ଼ି ରହୁଛି
ମୁଁ ଭିତରକନିକା କହୁଛି ।

ଲୁଣା ଜଙ୍ଗଲର ଶାଗୁଆ ଶାଢ଼ୀରେ
ପରିହିତା ହୋଇ ରହୁଛି
ଅପରୂପ ମୋର ସୌନ୍ଦର୍ଯ୍ୟର ନିତି
ପର୍ଯ୍ୟଟକ ମନ ମୋହୁଛି
ମୁଁ ଭିତରକନିକା କହୁଛି ।

ମୋ ଦେହରେ ନଦୀ ବହୁଛି
ନଦୀ ପଠା ଧାରେ ବଉଳା କୁମ୍ଭୀର
ଆନନ୍ଦରେ ଖରା ପାଉଛି
କୁମ୍ଭୀରକୁ ଦେଖି ଜଙ୍ଗଲ ଭିତରେ
ହରିଣ ବିଚରା ଧାଉଁଛି
ମୁଁ ଭିତରକନିକା କହୁଛି ।

ବଙ୍ଗୋପସାଗର ନୀଳ ଉର୍ମିମାଳା
ମୋ ଚରଣ ନିତି ଧୋଉଛି
ମୁଁ ଭିତରକନିକା କହୁଛି ।

ବାତ୍ୟାରୁ ସୁରକ୍ଷା ଦେଉଛି
ତଥାପି ମାନବ ନିଜ ସ୍ୱାର୍ଥ ଲାଗି
ଗଛଲତା କାଟି ଦେଉଛି
କି ସୁଖ ଅବା ପାଉଛି
ମୁଁ ଭିତରକନିକା କହୁଛି ।

ସବୁଦେଖି ତୁନି ରହୁଛି
ସ୍ୱାର୍ଥପର ଏଇ ମାନବ ସକାଶେ
ଅସହ୍ୟ ଯାତନା ସହୁଛି
ବିଶ୍ୱ ଐତିହ୍ୟରେ ମୋ ନାଁ ରହୁ
ଏତିକି ଖାଲି ମୁଁ ଚାହୁଁଛି
ମୁଁ ଭିତରକନିକା କହୁଛି ।

-୦-

# ମାଟିର ମହତ୍ୱ

✤ ଦୀପ୍ତି ପ୍ରିୟଦର୍ଶିନୀ ସାହୁ
+୨ ଦ୍ୱିତୀୟ ବର୍ଷ ବିଜ୍ଞାନ

ମାଟିର ମହତ୍ୱ କିଏ ସେ ବୁଝିବ
କିଏ ବା ଦେବ ତା ମୂଲ୍ୟ,
ମାଟି ପରା ଅଟେ ମାତୃଭୂମି ଆମ
ତା ଆଗେ ସବୁ ଅମୂଲ୍ୟ ।
ମାଟିର ଦେହରେ ଗୋଳିହୋଇ ପୁଣି
ଶିଶୁଟେ ଆନନ୍ଦ ଲଭେ,
ପିଲାଦିନ ଧୂଳି ଖେଳର ଜୀବନ
ମନେରଖନ୍ତି ସରବେ ।
ବୀର ଯବାନ ର ପାଇଁ ଏ ମାଟି
ଅଟଇ ମାଆ ସମାନ,
ଖାତିର ନ କରି ଜୀବନକୁ ତାର
ରଖଇ ଏ ମାଟି ମାନ ।
କୁମ୍ଭାର ପାଇଁକି ଏ ଦେଶର ମାଟି
ଅଟଇ ଯେ ଭାତହାଣ୍ଡି,
ମାଟିର ଦେହରେ ଭରଇ ଜୀବନ
ଆଉ କେ ତାଠୁ ବଡ଼ତ ?
କୃଷକ ଟେ ପାଇଁ ମାଟିର ଶରଧା
ରହିଛି କେଉଁ କାଳରୁ,
ବରଷା ପାଣିରେ କାଦୁଅ ମାଟିରେ
ଫଳାଏ ସେ ଶସ୍ୟ ତରୁ ।
ଗୃହିଣୀଟିଏ ର ମାଟିରେ ଆଦର
ମାଟିକାନ୍ଥ ଲିପୁଥାଏ,
କେଡ଼େ ମନୋରମ ଝୋଟି ଚିତା ଆଙ୍କି
ସଭିଙ୍କର ମନମୋହେ ।
ପାର୍ଥିବ ନିଶ୍ୱାସ କି ଅବା ବିଶ୍ୱାସ
ନିଏ ସେ ଦିନେ ବିଦାୟ,
ମାଟିର ଦେହ ଏ ମାଟିରେ ମିଶଇ
ମାଟି ଆମ ପରିଚୟ ।

# ମୋ ବୋଉ

✤ ପ୍ରିୟତମା ଦାସ
+୩ ପ୍ରଥମ ବର୍ଷ, କଳା (ଦର୍ଶନ ଶାସ୍ତ୍ର ବିଭାଗ)

ବୋଉ ବୋଉ କହି କୋଳରେ
ତୋହର କେତେ ମୁଁ କରିଛି ଅଳି,
ଯେତେ ଭୁଲ୍ କଲେ ଦିନଟିଏ ମୋତେ
ଦେଇ ନାହୁଁ ଜମା ଗାଳି ।
ଝୁ ି ପଡ଼ିଲେ ମୁଁ ଆହା ବୋଲି କହି
ନେଇଛୁ କୋଳରେ ଟୋଳି,
ଚଉଁରାର ମାଟି ମଥାରେ ମୋହର
ଦେଇଛୁ କେତେ ତୁ ବୋଳି ।
ଦେହଟା ଯଦି ମୋ ଗରମ ଲାଗଇ
ମନ ତୋର ମାନେ ନାହିଁ,
ଘଡ଼ି ଘଡ଼ି ଖାଲି ମଥାରେ ମୋହର
ହାତ ମାରୁଥାଉ ତୁହିଁ ।

ଜ୍ୱର ହେଇଗଲେ କେବେ କେବେ ଥରେ
କେତେ ମାନସିକ କରୁ,
ଦାଣ୍ଡ ଦୁଆରକୁ ଆସି ଚାହୁଁଥାଉ
ବାହାରି ଗଲେ ମୁଁ ଘରୁ ।
ମନ ଜାଣି ମୋତେ ଖାଇବାକୁ ଦେଉ
ମିଠା ମିଠା କଥା କହି,
ଅନେକଙ୍କ ସାଥେ କରିଅଛୁ କଳି
କେବଳ ମୋହରି ପାଇଁ ।
ଆଜି କାହିଁ ମୋର ଭାରି ମନେପଡୁ
ବୋଉଲୋ ତୋହରି କଥା,
ଲାଗୁଛି ଯେମିତି ମୋ ପାଖେ
ବସି ତୁ ଆଉଁସି ଦେଉଛୁ ମଥା ।

# ଶିଶୁ ଶ୍ରମିକ

✤ ସୂଚୀସ୍ମିତା ସାହୁ
+୨ ପ୍ରଥମ ବର୍ଷ କଳା

କୁନି କୁନି ଶିଶୁ ଶ୍ରମିକ ଭାଇ,
କାମ କରିବାକୁ ନିୟମ ନାହିଁ ।
ଭେଦ ଟପିନି ପିଲା ବୟସ,
ତୁଚ୍ଛାରେ ତୁମକୁ କରୁଛ ନାଶ ।
କଣ୍ଢେଇ ଖେଳିବା ବୟସ ତୁମ,
ବିପଦ ଶଙ୍କୁଳ କରୁଛ କାମ ।
ବିଡ଼ି ତିଆରିରୁ ପଥର ଭଙ୍ଗା,
ପତର ତିଆରି କାଗଜ ଠୁଙ୍ଗା ।
କାରଖାନା, ଗାଡ଼ି, ହୋଟେଲ କାମ,
କରିବାକୁ ମନା କରେ ନିୟମ ।
ଧନ ଅରଜିବ ଅଛି ସମୟ,
ସେଥିପାଇଁ ଜମା ନୁହେଁ ଅଥୟ ।
ଭବିଷ୍ୟତ କଥା କର ବିଚାର,
ପାଠ ବିନା ଜୀବନଟା ଅସାର ।
ବିଦ୍ୟାଳୟେ ଯାଇ ନାମଟି ଲେଖ ।
ପାଠ ଘୁ ାଇବ ତୁମରି ଦୁଃଖ ।
ଯେତେବେଳେ ଯାହା କରିବା କଥା,
ହେଳା କଲେ ଦୁଃଖ ନିଶ୍ଚେ ଜାଣିଥା ।
ଭଲ ମଣିଷଟେ ହୋଇବା ପାଇଁ,
ଦୁଃଖ, କଷ୍ଟ ଦିନେ ଆସିବ ଭାଇ ।
ଏବେ ବହି, ଖାତା, କଲମ ଧର,
ସରସ, ସୁନ୍ଦର ଜୀବନ ଗଢ଼ ।

# ମୋ ବାପା ମୋ ମା

✤ ଶୁଭାଷିନୀ ମିଶ୍ର
+୩ ଦ୍ୱିତୀୟ ବର୍ଷ (ସଂସ୍କୃତ ସମ୍ମାନ)

ମୁଁ ଭୁଲ୍ କଲେ ଯିଏ ଗାଳି ଦିଅନ୍ତି ସତ
ହେଲେ ପରେ କ୍ଷମା କରିଥାଆନ୍ତି
ମୁଁ ଅବାଟରେ ଗଲେ ଯିଏ ମତେ
ଠିକ୍ ବାଟ ଦେଖାଇଥାନ୍ତି
ଯିଏ ନିଜେ ଅଭାବରେ ଥାଇ ମଧ
ମୋର ସବୁ ଅଭାବକୁ ଦୂର କରନ୍ତି
ମୋ ଆଖିର ଲୁହ ଦେଖି
ଯିଏ ନିଜେ କାନ୍ଦି ପକାନ୍ତି
ମୋତେ ଟିକେ କଷ୍ଟ ହେଲେ
ଯାହାଙ୍କୁ ତା'ର ଶହେଗୁଣ କଷ୍ଟ ହୁଏ
ସେ ଆଉ କେହି ନୁହଁନ୍ତି
ସେ ମୋର ବାପା ମୋ ମା
ସେହିଁ ମୋ ଦୁନିଆ
ସେ ହିଁ ମୋର ହସଖୁସି
ଭଗବାନ ତ କର୍ମ
ଦେଖି ଫଳ ଦିଅନ୍ତି
ହେଲେ ମୋର ବାପା ମୋ ମା
କିଛି ନ ଭାବି
ମୋର ସବୁ ଅଳି ଅଝଟ ପୂରଣ କରନ୍ତି ।

# ମନେ ପଡ଼େ

✤ ସୋମାଲିନ୍ ନାୟକ

**+୩ ତିନି ଦ୍ୱିତୀୟ କଳା (ରାଜନୀତି ବିଜ୍ଞାନ ସମ୍ମାନ)**

ଆଜି କାଇଁ ମନେ ପଡ଼େ ମୋ ଅତୀତର ଦିନ,

ଯେଉଁଠି ମୁଁ ବିତେଇଛି ମୋ ଅଭୁଲା ସମୟ ।

ମନେ ପଡ଼େ ରାଜା ରାଣୀ ଗପ ଜେଜେମାର କାହାଣୀ,

ମନେପଡ଼େ ବୋଉର ସେ ଶାଗ ଭଜା ଆଉ ବାସି ପଖାଳ ତୋରାଣୀ ।

ମନେପଡ଼େ ବାପାଙ୍କର ସ୍ନେହ ଭରା ନାଲି ଆଖି,

ମନେପଡ଼େ ଭାଇ ଭଉଣୀର ସେ ଅତୁଟ ସଂପର୍କର ସ୍ମୃତି ।

ମନେପଡ଼େ ସାଙ୍ଗସାଥୀ ଆଉ ମୋ ପିଲାଦିନ,

ମନେପଡ଼େ ମୁଁ ବିତେଇଥିବା ମୋ ଅତୀତର ଦିନ ।

ଆଜି କାଇଁ ମନେପଡ଼େ ମୋ ଅତୀତର ଦିନ,

ଯେଉଁଠି ମୁଁ ବିତେଇଛି ମୋ ଅଭୁଲା ସମୟ ।

## ଛାତ୍ର ଜୀବନ

✤ ପ୍ରୀତିରେଖା ବେହୁରିଆ
+୩ ପଥମ ବର୍ଷ କଳା

ଛାତ୍ର ଜୀବନ ଅଟେକି ମଧୁର,
ଛାତ୍ର ଜୀବନ ସବୁଠୁ ମଧୁର ।
ଛାତ୍ର ରୂପେ ଯେବେ ପିଲାହୁଏ ଗଣା,
ମନଖୁସି ହୁଏ ତା'ର ଛ' ଗୁଣ ।
ମନରେ ଥାଏ ଅଭୁଲା ସ୍ୱପ୍ନ,
ସାଜିବେ ସେଦିନ ଭାରତ ରତ୍ନ ।
ଯେବେ ସାଜିବେ ଭାରତ ରତ୍ନ,
ପୂରା ହେବ ତାଙ୍କ ଅଭୁଲା ସ୍ୱପ୍ନ ।
ଆମେ ଯଦି ଭାରତର ରଖିବା ଟେକ,
ଛାତ୍ର ଜୀବନ ଆମ ହୋଇବ ସାର୍ଥକ ।
ଗୁରୁ ରୂପେ ଦେବତା ହୁଅନ୍ତି ଆବିର୍ଭାବ,
ଆମେ ତାଙ୍କୁ ପୂଜା କରୁ ସେ ଦିଅନ୍ତି ଆଶୀର୍ବାଦ
ଛାତ୍ର ହିଁ ଦେଶର ଗର୍ବ ଗୌରବ,
ଛାତ୍ର ବିନା ଜଗତ ହୋଇବ ଯବ ।
ପିତାମାତା ପରେ ଗୁରୁଜୀ ଶ୍ରେଷ୍ଠ,
ଶିକ୍ଷା ହିଁ ଛାତ୍ରର ପ୍ରକୃତି ଉତ୍କୃଷ୍ଟ ।
ପ୍ରଭୁଙ୍କ ପାଖରେ ଏତିକି ମିନତୀ,
ଛାତ୍ର କରି ରଖ ମତେ ଏମିତି ।

## କାହିଁ ଗଲେ ମୋ ସାଙ୍ଗସାଥି

✤ ସୁଶ୍ରୀ ସୋହାନୀ ନାୟକ
ବି.ସି.ଏ ପ୍ରଥମ ବର୍ଷ

କାହିଁ ଗଲେ ମୋ ସାଙ୍ଗ ସାଥି,
ମନେପଡ଼ିଯାଏ ଆଜି ସେହି ସ୍ମୃତି ।
ପରସ୍ପର ଠାରୁ ଅଲଗା ହେଲୁ,
ନିଜ ଭବିଷ୍ୟତ ପାଇଁ ଆଗେଇ ଗଲୁ ।
କଲେଜ ଲାଇଫ୍‌ର ସାଙ୍ଗସାଥି,
ଦୁଇ ଦିନର କୁଣିଆ ଏଠି ।
କାହା ପ୍ରତି ତାଙ୍କ ଦରଦ ନାହିଁ,
ସେନେହ ବା ତାଙ୍କ ମନୁ ଆସିବ କାହିଁ ।
ନିଜ କାମରେ ସଭିଏଁ ଲିପ୍ତ,
ପଢ଼ା ପାଇଁ ଏଠି ସମସ୍ତେ ବ୍ୟସ୍ତ ।
ପଢ଼ା ସରିଗଲେ ସ୍ମାର୍ଟ ଫୋନ୍‌ରେ,
ଲାଗିଯାନ୍ତି ଆଜିକା ପିଲାରେ ।
କାହିଁ ଆସିବ ସାଙ୍ଗ ପାଇଁ ବେଳ,
ଫେସ୍‌ବୁକ୍, ହ୍ୱାଟ୍‌ସପ ରେ କଟିଯିବ ବେଳ ।
ସଭିଏଁ ନୁହଁନ୍ତି ଏକା ପ୍ରକାର,
ଅଛନ୍ତି କ୍ୱଚିତ୍ ହୃଦୟ ବାନର ।
ତଥାପି ଖୋଜୁଥାଏ ମୋ ପୁରୁଣା ଦିନ,
ସାଙ୍ଗ ସାଥି ମିଳନ୍ତେ କି ମୋତେ ସେ ଦିନ ।

## ତୁମ ପାଇଁ

✤ ତପସ୍ୱିନୀ ନାୟକ
+୩ ଦ୍ୱିତୀୟ ବର୍ଷ  କଳା (ଅର୍ଥନୀତି ସମ୍ମାନ)

ତୁମେ ତୃଷ୍ଣା ମୋ ଶରୀର,
ତୁମେ ଜ୍ୟୋସ୍ନା ବିଧୌତ ଚନ୍ଦ୍ରମା
ମୋ କାଳିମା ଭରା ଆକାଶର ॥
ତୁମେ ସ୍ୱାତି ନକ୍ଷତ୍ରର ବର୍ଷା ବିନ୍ଦୁ,
ମୋ ଅପେକ୍ଷାରତ ଶାମୁକା ଜୀବନର ॥
ତୁମେ ବତୀଘର ଆଲୋକ
ମୋ ଦିଗଭରା ଜାହାଜର
ତୁମେ ସ୍ୱପ୍ନ ମିଶା ମେଘ
ମୁଁ ଓଦା ଓଦା ଆଳାପ ॥
ତୁମେ ଗୋଧୂଳି ବେଳର ଲାଲ୍ ସୂର୍ଯ୍ୟ
ମୁଁ ଅପେକ୍ଷାରତ କାହା ଫେରିବାର ॥
ତୁମେ ବଂଶୀର ମଧୁର ମୂର୍ଚ୍ଛନା
ମୁଁ ପ୍ରେୟସୀ ସେଇ ବଂଶୀବାଦକର ॥

## ମନେରଖ ଆଜି ଏତିକି

✤ ନିରୁପମା ସେଠୀ
+୩ ଦ୍ୱିତୀୟ ବର୍ଷ  କଳା (ସଂସ୍କୃତ ସମ୍ମାନ)

ଯାହା କିଛି ଅଛି ଅଳପ ବହୁତ
ମିଳିଛି ତୁମକୁ ଯେତିକି
ମନ ଊଣା କେବେ କରନାହିଁ ଜମା
ମିଳିନାହିଁ ଆଉ ସେତିକି ।
ଜୋତା ନାହିଁ ବୋଲି ତୁମ ମନ ଦୁଃଖ
ଚାହିଁ ଦେଖ ଟିକେ ଏଣିକି
ଗୋଡ଼ ନାହିଁ ଯାର ଜନମ ବେଳରୁ
ଯିବ ଅବା ସିଏ କେଣିକି ।
ତୁମ ସାଙ୍ଗସାଥୀ ଖୁସି ମଉଜରେ
କାଟୁଛନ୍ତି ଦିନ ଯେମିତି
ତୁମର କାହିଁକି ଗାଡ଼ି ଘୋଡ଼ା ନାହିଁ
ଖାଇବାକୁ ନାହିଁ ସେମିତି ।
ଏକ କଥା ଯଦି ଭାବୁଥାଅ ବସି
ବଡ଼ ହେବ ଭଲା କେମିତି
ଜୀବନଟା ଖାଲି ଫୁଲ ଶେଯ ନୁହେଁ
କ    । ଅଛି କେବେ ଏମିତି ।
ଯାହା ଆମେ ଖୋଜୁ ସବୁ ତ ମିଳେନା
ମିଳିଛି ବା ଯାହା ଯେତିକି
ସେଇଥିରେ ତୁମେ ଖୁସିହେବା ଶିଖ
ମନେ ରଖ ଆଜି ଏତିକି ।

# ମନୁଷ୍ୟ

✤ ଅର୍ପିତା ବିଶ୍ୱାଳ

+୩ ବର୍ଷ ବର୍ଷ  କଳା (ଇଂରାଜୀ ସମ୍ମାନ)

ମନୁଷ୍ୟ ନୁହେଁ କାହାର
ଯିଏ ତାକୁ ଲାଳସାର ଲୋଭ ଦେଖାଏ,
ସିଏ ହୋଇଯାଏ ତାହାର ।
ଲାଳସାର ଲୋଭ ପାଇଁ ମନୁଷ୍ୟ ହୋଇଯାଏ ହିଂସ୍ର
କିନ୍ତୁ ତାକୁ ଜଣା ନଥାଏ ସେହି ହିଂସ୍ର,
ଦିନେ ହେବ ତାହାର ମୃତ୍ୟୁର ଅସ୍ତ୍ର ।
ହିଂସା, ଅହିଂସା ମନୁଷ୍ୟକୁ ଖାଏ ଗୋଡ଼େଇ
ଗୋଡ଼େଇ
କିନ୍ତୁ ମନୁଷ୍ୟ ଜାଣି ନପାରି, ତା ପଛରେ ଯାଏ ଧାଇଁ
ଧାଇଁ ।
ଆଜି ଯିଏ ଅଟେ ତା ପାଇଁ ସୁଖ ସମୃଦ୍ଧିର କାରଣ
କାଲି ସିଏ ହେବ ତା ପାଇଁ, ମୃତ୍ୟୁର ଏକମାତ୍ର
କାରଣ ।
ଏହି ବିଶାଳ ପୃଥିବୀରେ ସବୁ ହୋଇପାରେ ମିଛ
କିନ୍ତୁ ଜନ୍ମ, ମୃତ୍ୟୁ ସର୍ବଦା, ହୋଇଥାଏ ସତ୍ୟ ।
ଏହି ଧରାପୃଷ୍ଠରେ ଜନମିଛି ଯିଏ
ମୃତ୍ୟୁର ଫାଶରେ ଅବଶ୍ୟ, ଛନ୍ଦି ହୋଇଛି ସିଏ ।
ମନୁଷ୍ୟ ତ ଅଟେ ଛାରପୋକ
କାଳର କ୍ରୁର ହାତରୁ, କେମିତି ବା ସିଏ
ବ  ିଯାଇପାରିବ ।
ସମୟେ ସମୟେ ମୃତ୍ୟୁ ରହିଛି ଅନାଇ
ତାକୁ ଯେ ଆମନ୍ତ୍ରଣ କରିବ, ସିଏ ଆସିବ ଧାଇଁ ଧାଇଁ
ଲୋଭ, ହିଂସା, ଅହିଂସା ଯିଏ ଛାଡ଼ିଇ
ସୁଖୀ ଜୀବନୀ ସେ ହୁଅଇ ।
ତେଣୁ ଲୋଭ, ହିଂସା, ଅହିଂସା ଛାଡ଼ ଏବେଠାରୁ
ସୁଖୀ ଜୀବନୀ ହୁଅଇ ବ  ର୍ମାନରୁ ।
ଏହି ମିଛ ଦୁନିଆରେ ଗୋଟିଏ ସତ
ସିଏ କେବଳ ପ୍ରଭୁ ଜଗନ୍ନାଥ ।

## କାହିଁ ଗଲେ ମୋ ସାଙ୍ଗସାଥି

✤ ଦେବସ୍ମିତା ମଲିକ୍
+୩ ଦ୍ୱିତୀୟ ବର୍ଷ କଳା

ଏମିତି ସ୍ୱପ୍ନ ଦେଖିଛି ଏ ଆଖି
ପୁରା କରିବାକୁ ଚାହେଁ ମନକିଛି
କରିକି ପାରିବ ଏ ସ୍ୱପ୍ନ କୁ ସତ
ଆସୁଛି ମୋ ମନକୁ ଡର
ମନ ସିନା ମୋର ଡରୁଛି ସତ
ହାରିନାହିଁ ସେ ଏକଥା ସତ
କରିବାକୁ ସ୍ୱପ୍ନ ସତ ମୋର
କରିବି ସାମ୍ନା ସବୁ ବିପଦ
ସମୟକୁ ଧରି ଚାଲିବା ଶିଖିବି
କରିବିନି ଆଉ ଏ ସମୟ ନଷ୍ଟ
ଦର୍ଶନ ଶାସ୍ତ୍ର ମୋ ପ୍ରଥମ ପାହାଚ
ମୋ ସ୍ୱପ୍ନର ସେ ପ୍ରଥମ ପ୍ରୟାସ ।

## ମା

✤ ଦୀପ୍ତିପ୍ରିୟଦର୍ଶିନୀ ସାହୁ
+୨ ଦ୍ୱିତୀୟ ବର୍ଷ ବିଜ୍ଞାନ

କେତେ କଷ୍ଟ ସହି ଜନ୍ମ ତୁ ଦେଇଛୁ
ଦେଖେଇଛୁ ଏ ଦୁନିଆ
ତୋ ସନ୍ତାନ ବୋଲି ପରିଚୟ ଦେଇ
ସଂସାରେ କରିଛୁ ଠିଆ ।
ବର୍ଷ ବର୍ଷ ଯିବ ଯୁଗବି ବିତିବ
କରିବା ତୋ ସେବା ଚରଣ
ଯୋଗ୍ୟ ହେବିନାହିଁ ସୁଝିବାକୁ ତୋର
ମୋ ଉପରେ ଥିବା ଋଣ ।
ଦେ ମା ଆଶିଷ ଥାଉ ମୋ ବିଶ୍ୱାସ
ଚିରଦିନ ତୋ ପାଦରେ
ମା ନାମ ଧରି ତୁଣ୍ଡେ ଶେଷ ବେଳେ
ଯାଉ ପ୍ରାଣ ସ୍ୱର୍ଗପୁରେ ।
ସରଗର ଶଶୀ ଲୋଡ଼ା ନାହିଁ ମୋର
ଆଶା ନାହିଁ ପାରିଜାତ
ଶିରେ ମୋର ରହୁ ତୋ ପଣତ ଛାଇ
ଏତିକି ପାତୁଛି ହାତ ।
କି ଅବା ମାଗିବି ତତେ ଆଉ ମା
ଦେଇଚୁ ବଡ଼ ସମ୍ପଦ
ଜୀବନ ରୂପକ ଉପହାର ଦେଇ
କରିଛୁ ମତେ ତୁ ଧନ୍ୟ
କରିଛୁ ମତେ ତୁ ଧନ୍ୟ ।

# ମୋ ବାପା

✤ ଚନ୍ଦ୍ରଶେଖର ସାହୁ
+୩ ପ୍ରଥମ ବର୍ଷ ପ୍ରାଣୀ ସମ୍ମାନ

ସବୁଠୁ ନିଜର ବାପା ମୋହର ।
ତାଙ୍କ ପାଦତଳେ ଶହେ ଜୁହାର ॥
ଆକାଶ ପରି ସେ ଭାରି ନିର୍ମଳ ।
ସାଗର ପରି ସେ ଭାରି ଚ    ଳ ॥
ହିମାଳୟ ପରି ସେ ଭାରି ଗମ୍ଭୀର ।
ଦିବାକର ପରି ଚିର ଉଜ୍ଜ୍ୱଳ ॥
ରାଗିଗଲେ ମୁହଁ କୋଳକୁ ନେଇ ।
ସେନେହେ ମୁଣ୍ଡରେ ହାତ ବୁଲାଇ ॥
ପୁରାଣର ଗପ ମତେ ଶୁଣାଇ ।
ମନ କଷ୍ଟ ମୋର ଥାନ୍ତି ଭୁଲାଇ ॥
ପାଠ ପଢୁ ପଢୁ ନିଦ ଲାଗିଲେ ।
କି ଅବା ଅଧୁରା ଥକି ପଡ଼ିଲେ ॥
ବିରକ୍ତି ନ ହୋଇ ଜମା ନ ରାଗି ।
ଶୋଇ ପଡ଼ିବାକୁ ସିଏ କୁହନ୍ତି ॥
ମେଳା ଯାତରା ବୁଲାଇ ଥାନ୍ତି ।
ମନ ଇଛା ସବୁ କିଣି ଦିଅନ୍ତି ॥
ଖୁଆଇ ଖୁଆଇ ପେଟ ଭରନ୍ତି ।
ଯେତେ ମନାକଲେ ବାଧ କରନ୍ତି ॥
ତାଙ୍କ ମନ ଜାଣି ପାଠ ପଢ଼ିବି ।
ବଡ଼ ହୋଇ ମୁଁ ଦେଶ ଗଢ଼ିବି ॥
ଦିନ ଦୁଃଖୀଙ୍କର ସେବା କରିବି ।
ଜଗନ୍ନାଥଙ୍କର ଆଶୀଷ ନେବି ॥

# ସୈନିକ ଜୀବନୀ

✤ ବିପାସା ରାଉତ
+୩ ଦ୍ୱିତୀୟ ବର୍ଷ କଳା

ସୈନିକ ଭାଇ ମୋ ସୈନିକ ଭାଇ
କାହା ପାଇଁ ଗଲୁ ନିରବେ ଶୋଇ,
ଦେଶ ମାତୃକାର ସୁରକ୍ଷା ପାଇଁ
ଗୁଳି ଆଗେ ଦେଲୁ ଛାତି ପତାଇ ॥
କାନ୍ଦେ ତୋ ଭଉଣୀ କାତର ହୋଇ
ଫେରିଆ ଥରେ ମୋ ସୁନା ଭାଇ,
କାନ୍ଦୁଛି ମା ତୋ ଅଧୀର ହୋଇ
ଗଣ୍ଠିଧନ ତା'ର ଫେରିନି କାହିଁ ॥
ଅପେକ୍ଷା କରିଛି ପତ୍ନୀ ତୋହର
ଦେବା ପାଇଁ ତୋତେ ଖୁସି ଖବର,
କାନ୍ଦି କାନ୍ଦି ଆଜି ମୁଣ୍ଡ ପିଟଇ
କାହିଁ ସାଥି ତା ଠୁ ଗଲୁ ଦୂରେଇ ॥
ଚାହିଁ ରହିଛି ରେ ପ୍ରେମିକା ତୋର
କାହିଁ ଭାଙ୍ଗିଦେଲୁ ସ୍ୱପ୍ନ ତାହାର,
କହିଥିଲୁ ତାକୁ ସିନ୍ଦୁର ଦେବୁ
ସାଥୀ କରି ନିଜ ଘରକୁ ନେବୁ ॥
ଅନେଇ ରହିଛି ବାପ ତୋହର
କହିଥିଲୁ ଯିବା ତୀର୍ଥ ଭ୍ରମଣ,
ଚାଲିଗଲୁ ଏକା ସ୍ୱର୍ଗ ଧାମକୁ
ନେଲୁ ନାହିଁ କାହିଁ ପାଇଁ ରେ ତାକୁ ॥
ଚିତାରେ ତୋ ପୁଅ ଅଗ୍ନି ଯୋଗଇ
ଆଖି ଛଳ ଛଳ କରି କହଇ,
ସେ ବି ବଡ଼ ହେଲେ ସୈନିକ ହେବ
ଦେଶ ପାଇଁ ସେ ବି ଶହୀଦ୍ ହେବ ॥

# ମୋ ମା

✤ ଶ୍ରଦ୍ଧାଞ୍ଜଳି ସାହୁ
+୩ ତୃତୀୟ ବର୍ଷ କଳା

ମା ଏକା ଏମିତିକା
କୁହୁକ ଶବଦ
ଲୁହ ନେଇ ଦିଏ
ସେ ଆଖିରେ ନିଦ ॥
ତା କଥାରେ ଥାଏ
କେତେ ଯେ ଅମୃତ
ତା ମନରେ ଥାଏ
କେତେ ଯେ ସଂକଳ୍ପ
ମା ଏକା ଏମିତିକା
କୁହୁକ ଶବଦ ।
ଲୁହ ନେଇ ଦିଏ
ସେ ଆଖିରେ ନିଜ ॥
ସବୁ ସମୟରେ ଠିଆହୁଏ
ପାଖରେ ସେ ଆମର
ଠିକ୍ ଭୁଲର ବାଟ ଦେଖାଇ
କରିଥାଏ ନିଜର ॥
ସେଥିପାଇଁ ସିଏ ଏକ
ମମତାର ପ୍ରତୀକ
ମା ଏକା ଏମିତିକା
କୁହୁକ ଶବଦ ॥
ପୃଥିବୀ ଠାରୁ ବଡ଼ ସିଏ
ସରଗଠୁ ସୁନ୍ଦର

ତା ଡାକରେ ଥାଏ
କେତେ ଯେ ମଧୁର
ମନକଥା ବୁଝିପାରି
ଦେଇଥାଏ ସାହସ
ମା ଏକା ଏମିତିକା
କୁହୁକ ଶବଦ ॥
ଆଗକୁ ଯିବା ପାଇଁ
ଦେଇଥାଏ ବିଶ୍ୱାସ
ଆମ କଥା ଭାବି ଭାବି
ଗଲେ ତା'ର ନିଃଶ୍ୱାସ ।
ତା ପଣତ ଛାଇତଳେ
ଲାଗେ ବେଶୀ ଆନନ୍ଦ
ମା ଏକା ଏମିତିକା
କୁହୁକ ଶବଦ ॥
ଦେବୀର ସେ ପ୍ରତିମୂର୍ତ୍ତି
ଭରଷାର ଆଶ୍ୱାସ
ଦୁଃଖ କଷ୍ଟ ସବୁସହି
କରିଥାଏ ମଣିଷ ।
ମା ଏକା ଏମିତିକା
କୁହୁକ ଶବଦ ।

# ନାରୀ

✤ ବୈଶାଖୀ ସାହୁ
+୩ ପ୍ରଥମ ବର୍ଷ ବିଜ୍ଞାନ (ଗଣିତ ସମ୍ମାନ)

ଜୀବନ ମୋର ହେଉଛି ଅଙ୍କାବଙ୍କା ସିଡ଼ି
ପାହାଚେ ପାହାଚେ ଥାଏ ଦୁଃଖର ଝଡ଼ି
କେତେବେଳେ ପୁଣି ତ୍ୟାଗ ଓ କ ର୍ତ୍ତବ୍ୟ ମଝିରେ ପଡ଼ିଯାଏ ମୁଁ ବଳି
ମୁଁ ହେଉଛି ନାରୀ..........
କେତେବେଳେ ମନ୍ଦିରରେ ପୂଜା ପାଉଥାଏ ହୋଇ ମୁଁ ଦେବୀ
କେତେବେଳେ ପୁଣି କଳଙ୍କ ଶଯ୍ୟାରେ ପାହିଯାଏ ମୋ ରାତି
ମୁଁ ହେଉଛି ନାରୀ......
କେତେବେଳେ ମୁଁ ଛୁଆଁ ଅଛୁଆଁ ନାମରେ ଗୃହେ ରହେ ବନ୍ଦୀ
ସୃଷ୍ଟିର ଏହି ଅଲୋଡ଼ା ନିୟମରେ ହୋଇଯାଇଛି ମୁଁ ବାନ୍ଧି
ମୁଁ ହେଉଛି ନାରୀ.......

# ଆମ ପରିବେଶ

✤ ସୀମା ପଣ୍ଡା
+୩ ପ୍ରଥମ ବର୍ଷ କଳା

ଆମ ଚାରିପଟେ ରହିଅଛି ଯେତେ
ପଶୁପକ୍ଷୀ ଗଛଲତା ।
ମନଦେଇ ଶୁଣ ହେ ଭାଇ ଭଉଣୀ
ଆମ ପରିବେଶ କଥା ।

ଗାଁ ପରିବେଶ ଶାନ୍ତ ଓ ସୁନ୍ଦର
ଥାଏ ମାଟି ଚାଳିଘର
ମାଟି ପଥ ପରେ ଶଗଡ଼ ଗାଡ଼ିରେ
ଚାଷୀ ବୁହେ ନଡ଼ା, ପାଳ

ସହରର ପକ୍କା ସଡ଼କ ଓ କୋପ
ସେଟେଲ, ଟ୍ରାଫିକ୍, ଥାନା ।
କଳକାରଖାନା, ବଜାର, ପାର୍କ
ବିଜ୍ଞାନର ଏ ରଚନା
ଆମ ପରିବେଶ ସ୍ୱଚ୍ଛ ରଖିଲେ
ଆମେ ଟି ରହିବା ଭଲ ।
ସବୁ ଜୀବଜନ୍ତୁ ଖୁସିରେ ଚଳିବେ
ସୁନ୍ଦର ହେବ ସଂସାର ।

# ଆହେ ଜଗନ୍ନାଥ

✤ ପ୍ରମିଜ୍ ଶତପଥି
+୩ ଦ୍ୱିତୀୟ ବର୍ଷ ବିଜ୍ଞାନ (ଗଣିତ)

ଆହେ ଜଗନ୍ନାଥ    କୋଟି ଧନ୍ୟବାଦ
ଏଇଠୁ ତୁମକୁ ଦେଲି,
ଅତୀବ ସୁନ୍ଦର    ଏଇ ଦୁନିଆରେ
ଜନମ ଦେଇଛ ବୋଲି ।

ଲକ୍ଷ୍ମୀ ଦେବୀ ଭଳି    ମାଆଟେ ଦେଇଛ
ତୁମେ ଏ ସମାଜ ପିତା,
ସୁଭଦ୍ରାଙ୍କ ଭଳି    ଭଉଣୀ ଦେଇଛ
ଧନ୍ୟ ତୁମେ ଆହେ ଦାତା ।

ଗରିବ ଘରେ ମୁଁ    ଜନମ ହୋଇବି
ଅଭାବ ମୁଁ ଜାଣିନାହିଁ,
ଏଭଳି ବାପା ମା    ପାଖରେ ଥିଲେ ମୋ
ଦୁଃଖ କରିବି କି ପାଇଁ ?

ଏତେ ଭଲ ମତେ    ବନ୍ଧୁ ଦେଇଅଛୁ
କାହାକୁ ନାହିଁ ମୋ ଭୟ,
ସେମାନେ ସାଥିରେ    ଥିଲେ ମତେ ଲାଗେ
ବିଶ୍ୱ କରିଯିବି ଜୟ ।

ସବୁ ରାଗରୋଷ    ଦୂର କର ମୋ ଠୁଁ
କହେ ମୁଁ ମଧୁର କଥା,
କଟୁ କଥା କହି    କାହାରି ମନରେ
କେବେ ମୁଁ ନ ଦିଏ ବ୍ୟଥା ।

ସୁପଥରେ ଯିବି    ସୁମଣିଷ ହେବି
ସ୍ୱପ୍ନ ମୋ ବାପା ମା'ଙ୍କର
ସପନ ତାଙ୍କର    ସତ ହେଉ ପ୍ରଭୁ
ଏତିକି ପ୍ରାର୍ଥନା ମୋର ।

ଜାଣିନି ମୁଁ ପୂଜା    ଜାଣିନି ମନ୍ତ୍ର
ଜାଣେ ଖାଲି ତୁମ ନାମ,
ଭକ୍ତି ଭରା ମନେ    ସେହି ନାମ ଧରି
ବୁଲିଯିବି ସବୁ ଧାମ ।

## ମା ବିରଜା

✤ ଶାଶ୍ୱତୀ ପତି
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ବିଭାଗ)

ସିଂହ ବାହିନୀ ମା ତ୍ରୀଶୂଳ ଧାରିଣୀ
ନାମ ତୋର ବିରଜାଇ ।
ଯାଜପୁରେ ତୁହି ଅଧିଷ୍ଠାତ୍ରୀ ଦେବୀ
ବିଶ୍ୱଜନେ ତୋତେ ଧାଇ ।
ତୋ ମହିମା ମା' ଗୋ କେ କହିପାରିବ
ଅପାର କରୁଣା ତୋର ।
ତୋ ନାମ ଧରିଲେ ଦୂର ହୁଏ ସବୁ
ବାଧା ବିଘ୍ନ ରିଷ୍ଟ ମାନ ।
ତୋ ନାମକୁ ଯିଏ କରେ ଜପା ମାଳି
ପାପ ହୁଏ ତା ଖଣ୍ଡନ ।
ତୋ ଦୁଃଖିନୀ ସନ୍ତାନ ଡାକୁଛି ମାଆଲୋ
ବାରେ ତୁ ସୁଦୟା କର ।
ଆପଦେ ବିପଦେ ସାହା ତୁ ହୁଅ ମା
କୋଟି କୋଟି ନମସ୍କାର ।

## ଆସରେ କରୋନା ରୋକିବା

✤ ସୌମ୍ୟ ପ୍ରକାଶ ସାମଲ
+୩ ଦ୍ୱିତୀୟ ବର୍ଷ କଳା (ଇତିହାସ ସମ୍ମାନ)

ଦେଶ ଆମର ସୁନାର ଦେଶ
ତା ପରି ଜଗତେ ନାହିଁ ॥
ସୁନା ନୁହେଁ ତ ଫୁଲର ଦେଶ ବି
ସବୁଙ୍କୁ ସ୍ଥାନ ସେ ଦିଅଇ ॥
ଯେତେ ବି ବିପଦ ଆସଇ ଦେଶେ
ସବୁକୁ ସାମ୍ନା ସେ କରଇ ॥
ଡରେ ନାହିଁ କେବେ ହାରେ ନାହିଁ ସେତ
ଅମର ବୀର ପରି ॥
ଚାଇନା ରୁ ଆରମ୍ଭ ହୋଇ
ଆମ ଦେଶେ ଆସିଲାଣି ॥
ଡର ନାହିଁ ତାକୁ ଛାଡ଼ ନାହିଁ ତାକୁ
ତାହେଲେ ପାରିବ ରୋକି ॥
କରୋନା ଭଳି ମହାମାରୀକୁ
କରିଛି ସାମ୍ନା ଏ ଦେଶ ॥
ନାହିଁ ତା'ର କିଛି ଔଷଧ
ନା ଅଛି ତାର ଉପାୟ ॥
ପରିଷ୍କାର ଆମେ ରହିବା ଯେତେ
ରୋକିପାରିବା ସେ ରୋଗକୁ ସେତେ ॥

## ଦୁଇପଦ କଥା

✤ ଦେବସ୍ମିତା ମଲ୍ଲିକ
+୩ ଦ୍ୱିତୀୟ ବର୍ଷ କଳା

ଦେହ ମୋର
ହେଲେ ନିଶ୍ୱାସ ତୁମର
ଆଖି ମୋର
ହେଲେ ଲୁହ ତୁମର
ଓଠ ମୋର
ହେଲେ ଖୁସି ତୁମର
ନିଦ ମୋର
ହେଲେ ସ୍ୱପ୍ନ ତୁମର
ହୃଦୟ ମୋର
ହେଲେ ସ୍ପନ୍ଦନ ତୁମର
ଦୁଃଖ ମୋର
ହେଲେ ଖୁସି ତୁମର
ତୁମେ ମୋର
ଆଉ ମୁଁ ତୁମର ॥

## ମା' ପରା ସିଏ

✤ ଲଳିତ ନାୟକ
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ସେନେହ ପରସି ଦିଏ ବିନା ସ୍ୱାର୍ଥେ ଯିଏ
କୋମଳ ଓଠରେ କହିବା ଶିଖାଏ
ଦୁନିଆଁ ଦେଖାଏ ନୟନ ଖୋଲି
ଆଦରି ନିଏ କୋଳକୁ ତାହାର
ମମତା ଭରା ହୃଦୟରେ
କଠିନ ପଥରେ ଚାଲିବା ଶିଖାଏ
ଝ ିବା ଆଗରୁ ପାଛୋଟି ନିଏ
ମା' ପରା ସିଏ......
ରାତିରେ ଚେଇଁକି କୋଳରେ ଶୁଆଏ
ସ୍ନେହରେ ନଥାଏ ଊଣା
ଖାଇବା ଶିଖାଏ ନାନା ଲୋରି ଗାଇ
କୋଳଟି ତାହାର ନିଦ୍ରାର ଘର
ଆତ୍ମା ହୋଇଯାଏ ତୃପ୍ତି
ଜୀବନକୁ ଆମ ମଙ୍ଗଳ ମନାସୀ
ମମମତା ଧାରାରେ ଭସାଇ ଦିଏ
ମା' ପରାସିଏ......
ମା' ପରାସିଏ......

## ଗୁରୁ

✤ ନିବେଦିତା ଦାସ
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ଗୁରୁ ନୁହେଁ ସେ ଯେ ଦୁଇଟି ଅକ୍ଷର,
ଅର୍ଥ ଅସୀମ ସାଗର ।
ଅନ୍ଧାରୁ ଆଲୋକ ପଥ ଦେଖାନ୍ତି ଯେ,
ସମାଜର କର୍ଣ୍ଣଧାର ।
ନିଜେ ଜଳି ଜଳି ସଳିତା ପରିକା,
ବିତାରୁଥାନ୍ତି ଯେ ଜ୍ଞାନ ।
ଶିକ୍ଷିତ ସମାଜ ଗଢ଼ିତୋଳେ ପୁଣି,
ବଢ଼ାନ୍ତି ଜାତିର ମାନ ।
ଜ୍ଞାନ ସାଗରୁ ବିଦ୍ୟାରତ୍ନ ଖୋଜି,
କରାନ୍ତି ଯେ ବିତରଣ ।
ସବୁରି ଭବିଷ୍ୟ ଗଢ଼ିବା ପାଇଁ କି,
ସଦା ଆତୁର ତାଙ୍କ ପ୍ରାଣ ।
ବିଜ୍ଞାନ ଯୁଗର ଟିକିନିକି କଥା,
କରୁଥାନ୍ତି ସମାଧାନ ।
ମୋବାଇଲ୍ ଆଉ ଇ ରନେଟ୍‌ରେ ଯେ,
ଦେଉଥାନ୍ତି ସବୁ ଜ୍ଞାନ ।
ଗୁରୁ ପରି କିଏ ହେବ,
ସବୁ ଶିକ୍ଷା ଜ୍ଞାନ କ ର୍ବ୍ୟ ନିଷ୍ଠତା
ଆଦି ଗୁଣର ସମ୍ଭାର ।

## ଦେହସୁହା

✤ ପ୍ରିୟଙ୍କା ପ୍ରିୟଦର୍ଶନୀ ରାୟ
+୩ ତୃତୀୟ ବଷ ବିଜ୍ଞାନ

ଆଖିର ଲୁହ ଆଉ ମନର କୋହ
ଯେବେ ଦେହସୁହା ହୁଏ
ରଙ୍ଗୀନ ଫଗୁଣଟା ବି
ଅପସରି ଯାଇପାରେ
ବିନା ଦ୍ୱିଧାରେ
ଶବ୍ଦ ସବୁ ନୀରବ କ୍ଷତ
ସୃଷ୍ଟି କରେ ଏ ହୃଦୟରେ !
ନାଲି ରଙ୍ଗର ଗାଢ଼ତା
ଏବେ ରଙ୍ଗହୀନ ପ୍ରାୟ
ତୁମେ ବହୁତ ଥର କହିଛ
ତୁମେ ମୋ କଥା ଭାବୁଥିବା ବେଳେ
ମୁଁ ତୁମକୁ ମନେ ପକାଏ
ତେବେ ଏବେ କ'ଣ
ମୁଁ ତୁମର ମନେ ପଡୁଛି ?
ତୁମେ ପଡ଼ିଲେ ମନେ
ମୁଁ ଦେଖେ ତୁମ ପ୍ରୋଫାଇଲ୍
ବାରମ୍ବାର ପଢ଼େ ତୁମ ପୋଷ୍ଟ
କମେ ଦେବବାକୁ ଟାଇପ୍ କରି
ସଙ୍ଗେ ସଙ୍ଗେ କାଟିଦିଏ
ପୁଣି ଭାବିଦିଏ
ତୁମ ପାଇଁ ମୋ ପ୍ରେମ
ଚହ୍ନ କଣ ନୁହେଁ ଯଥେଷ୍ଟ !

# ମୋ ବୋଉ

✤ ଅତିଶ କୁମାର ମହାନ୍ତି
ବରିଷ୍ଠ ଗ୍ରନ୍ଥାଗାରିକ ତଥା ନୋଡାଲ ଅଫସର

ବୋଉଲୋ ଆଜି କାହିଁ ଭାରି ମନେ ପଡୁଛୁ । ଆଖିର ଲୁହ ମନର କୋହକୁ ରୋକି ନପାରି ତୋ ପାଇଁ ଦୁଇପଦ ଲେଖି ବସୁଛି । ଏ ହତଭାଗ୍ୟ ପୁଅକୁ ତୋ ଆଶୀର୍ବାଦରୁ କେବେ ବି ଊଣା କରିବୁନି । ତୋ ପଣତ କାନି ତଳେ ସଦା ଢାଙ୍କି ରଖିଥିବୁ ।

ସେଦିନ ଥାଏ ୧୯୯୯ ମସିହା ଜୁଲାଇ ମାସ ଗୁରୁବାର । ସକାଳୁ କାହିଁକି କେଜାଣି ମୋ ବାମ ଆଖିଟା ଫରକୁ ଥାଏ । ମନଟା ମୋର ଅଥୟ ହେଉଥାଏ । ଯେତେ ଚେଷ୍ଟା କଲେ ବି ଅମାନିଆ ମନକୁ ଥୟ କରି ପାରୁନଥାଏ । ତତେ ଡାକ୍ତରଖାନାରେ ଛାଡ଼ି ଆସିବା ପରେ କେବଳ ମନ ମୋର ତୋ ପାଖରେ ଥାଏ । ହଠାତ୍ ଏକ ଅଶୁଭ ମୁହୂ ର୍ତ୍ତ ଆସି ପହ ଞ୍ଚିଲା ଯାହାକି ବିଶ୍ୱାସ ନକରି ପାରିଲେ ବି ନିଷ୍ଠୁର ବାସ୍ତବତାକୁ ଆଦରିବାକୁ ପଡ଼ିବ ଭାବି ତୋ ମୃତ୍ୟୁ ଖବର ଜାଣିଲି । ତତକ୍ଷଣାତ୍ କଲେଜରୁ ଧାଇଁ ଆସିଲି ତୋ ପାଖକୁ । ଦେଖିଲି ତୋର ହସହସ ସୁନ୍ଦର ମୁହଁଟା କଳାକାଠ ପଡ଼ିଯାଇଛି । ଭାବିଲି ଜୀବନର ସବୁ ସୁଖ, ସ୍ୱପ୍ନ, ଅଳି ଅଝଟ ଆଜି ତୋ ପାଖରୁ ଦୂରେଇଗଲା । ତୋ ସ୍ନେହବୋଳା ଟୁକନ ଡାକର ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ଭାବିନେଲି ବୋଧହୁଏ କ ର୍ତ୍ତବ୍ୟରେ କିଛି ଅବହେଳା ତୋ ପାଇଁ ହୋଇଗଲା । ଯାହାକି ଆଜି ତତେ ମୁଁ ବଂଚାଇ ପାରିଲିନି । ସମସ୍ତେ କହନ୍ତି ମୁଁ କାଳେ ତୋର ଗୋଟେ ଅବାଧ ପୁଅ । ତୋର କୌଣସି କଥାକୁ ମାନେ ନାହିଁ । ଦୁଷ୍ଟାମୀ, ଅଝଟିଆମୀ ର ସୁବଯାକ ଗୁଣ ତୋ ପାଖରେ ଦେଖାଏ । ତୁ ମତେ ଯେତେ ଚେଷ୍ଟା କରିଥିଲୁ ଶୀଘ୍ର ବାହାକରି ପୁଅ ବୋହୁ, ନାତି ନାତୁଣୀ ସୁଖଟିକେ ଦେଖିବା ପାଇଁ ହେଲେ ମୁଁ ସବୁବେଳେ ତୋ କଥାରେ ଅରାଜି ହେଲି । ଏବେ ସମସ୍ତେ ମତେ ଦୋଷ ଦେଉଛନ୍ତି ତୁ କାଳେ ମୋ କଥା ଚିନ୍ତା କରି କରି ଚାଲିଗଲୁ । ଯଦି ତାହା ହୋଇଥାଏ ତେବେ ମୁଁ ତୋ ପାଖରେ ଚିର ଦୋଷୀଟିଏ । ଆଜି ତୁ ମୋତେ କ୍ଷମା କରି ତୋ ସ୍ନେହ କରୁଣାରୁ ଦୂରେଇ ଦେବୁନି ।

ତୋ ନାଆଁ ଥିଲା ଅନ୍ନପୂର୍ଣ୍ଣା । ସତରେ ତୁଥିଲୁ ଲକ୍ଷ୍ମୀ ପ୍ରତିମାଟିଏ । ଗାଁ, ଗଣ୍ଡା, ସାହି, ପଡ଼ିଶା ସମସ୍ତେ କହନ୍ତି ମାନବ ରୂପୀ ଦେବୀଟିଏ । । ଯାହାକି ଆମ ଘରେ ଦୁଃଖ ଅଶାନ୍ତି କେବେ ଦେଖିନି । ତୁ ତୋର ପଣତ କାନି ତଳେ ସବୁ ଦୁଃଖ, ଅଶାନ୍ତି, କଷ୍ଟକୁ ଲୁଚେଇ ରଖି ସମସ୍ତଙ୍କ ମୁହଁରେ ହସ ଫୁଟାଇବାକୁ ଶତ ଚେଷ୍ଟାକରୁ । ଏବେ ମୁଁ ବୁଝି ପାରୁଛି ତୋ ଅନୁପସ୍ଥିତି ଟା ମୋ ପାଇଁ କେତେ ଯନ୍ତ୍ରଣା ଦାୟକ ।

ବୋଉଲୋ ଆମ ଘରର ସବୁ ଦୁଃଖ ସମୟରେ ମନକୁ ତୋର କଷ୍ଟ ନଦେଇ ସବୁ ଦୁଃଖ, ଜଂଜାଳକୁ ସାମନା କରି ଥକି ନ ଯାଇ ଚଳେଇ ନେଇଥିଲୁ । ଏତେ ବଡ଼ ପରିବାର ଭିତରେ ଆଗଡାକ ତୁ ଥିଲୁ । 'କୁନି ବୋଉ' ବୋଲି ସମସ୍ତଙ୍କ ମୁହଁରୁ ଝୁରି ପଡୁଥିଲା । ସମସ୍ତଙ୍କର ଅଳି ଅଝଟକୁ ସମ୍ଭାଳି ନେବାଭଳି ଶକ୍ତି ଭଗବାନ ତତେ ଦେଇଥିଲେ । ଆଜି କିନ୍ତୁ ସୁଖର ଦିନ ଆସିଛି, ହେଲେ ତୁ ମୋ ପାଖରେ ନାହୁଁ । ମୁଁ ବାହା ହୋଇ ତୋ ବୋହୁ ଓ ନାତୁଣୀ ବାପାଙ୍କୁ ପାଖରେ ରଖି ଅତି ଆନନ୍ଦରେ ଅଛି ହେଲେ, ତୋର ଅନୁପସ୍ଥିତିଟାକୁ ଏ ପର୍ଯ୍ୟନ୍ତ ପୂରଣ କରିପାରିନାହିଁ । ବାପା କେବେ କେମିତି ତୋ କଥା ମନେପକାଇ ଝୁରି ହୁଅନ୍ତି । ଝିଅ ତୋ କଥା ବାରମ୍ବାର ପଚାରିବୁଝେ । ଅନେକ ସମୟରେ ତୋ ଫଟକୁ ଚାହିଁ ହତବାକ୍ ହୋଇଯାଏ ଓ ସକାଳେ ସନ୍ଧ୍ୟାରେ ଫଟରେ ଧୂପଦିଏ । ବୋହୁ ତୋର ତା ପାଇ ତୁ ସାଇତି ରଖିଥିବା ନାଲି ଶାଢ଼ୀଟାକୁ ମାଣବସା ଗୁରୁବାରରେ ପିନ୍ଧି ପୂଜା କରେ ଓ ତୋ କଥା ମନେ ପକାଇ ଦୁଇ ଟୋପା ଲୁହ ଢାଳେ । ସବୁବେଳେ କହେ ଏ ହତଭାଗିନୀ ବୋହୁଟା ତା ଦେବୀ ପ୍ରତିମା ଶାଶୁଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦରୁ ଚିର ବଂଚିତ । ତଥାପି ତୁ ଯେଉଁଠି ଥିଲେ ବି ଆମ ସମସ୍ତଙ୍କୁ ତୋ ସ୍ନେହ କରୁଣାରୁ ଊଣା କରିବୁନି ।

ତୋ କଥା ଲେଖି ବସିଲେ ସରିବନି । ତଥାପି ଏ ଅବୁଝା ମନକୁ ବୁଝାଇ ଟିକେ ଶାନ୍ତି ପାଇବା ପାଇଁ ଆଜି ଦୁଇଧାଡ଼ି ଲେଖିବସୁଛି । ମତେ ପିଲା ଦିନରୁ ଥଣ୍ଡା ଲାଗିରହେ ବୋଲି ତୁ ପ୍ରତ୍ୟେକ ଦିନ ମୋ ପାଦରେ ତେଲ ମାରି ଦେଉ । ସବୁ ଖାଦ୍ୟ ମତେ ରୁଚୁ ନଥିଲାବେଳେ ଏଣୁ ତେଣୁ ମିଛ ସତ ଗପ କହି ମେ ।ଏ ଖୁଆଇ ଦେଉ । ଆଜି କିନ୍ତୁ ସବୁ ଖାଦ୍ୟ ଅତି ଖୁସିରେ ଗିଳି ଚାଲିଛି କାରଣ ତୁ ମୋ ପାଖରେ ନାହୁଁ । ଆମ ଘର କହିଲେ ତୁ ଆଉ ତୁ କହିଲେ ଆମକୁ ଘରକୁ ବୁଝାଏ । ତୁ ଦିନେ ନଥିଲେ ସବୁ ନିଃସ୍ୱ ଓ ଅନ୍ଧାର ଲାଗେ । ଘରେ କାହାର ଦେହ ଖରାପ ହେଲେ ତୁ ରାତି ରାତି ଅନିଦ୍ରା ହୋଇ ଜଗିବସିଥାଉ । ସକାଳୁ ରାତି ଅଧଯାଏ ସବୁ ସମୟ ତୋର ଚୁଲିମୁଣ୍ଡରେ କଟେ । କିଏ କ'ଣ ଖାଇବ, କିଏ କ'ଣ ଖାଇବାକୁ ଭଲପାଏ ମନ ଜାଣି ରାନ୍ଧି ଦେଉ । ତୋର ସେହି ଅନ୍ନପୂର୍ଣ୍ଣା ହାତରେ ସମସ୍ତଙ୍କୁ ଏମିତି ପରସି ଦେଉ ଯେ କେହି କେବେ ଅସନ୍ତୁଷ୍ଟ ହୁଅନ୍ତି ନି । ତା ଭିତରେ ତୁ ତୋ ନିଜକଥା ଭୁଲିଯାଇଥାଉ । ବଡ଼କୁଟୁମ୍ବ, ପିଲାଛୁଆଙ୍କ ସଂସାର ଭିତରେ ତରକାରୀ ସରିଗଲେ ଚୁଲିପାଉଁଶରେ ଦରପୋଡ଼ା ଆଳୁ, ବାଇଗଣ ଚକଟି ଖାଇଦେଇ ଖୁବ୍ ଶାନ୍ତି ପାଉ । ମୁଁ ନିଜେ ଦେଖିଛି ତୋ ଭାଗ୍ୟରେ ଭଲ ତରକାରୀ ପତ୍ରଟିକେ ନଥାଏ ଯଦି ବି କେବେ କେମିତି ଥାଏ ତାକୁ ତୁ ଚୁଲି କଡ଼ରେ ଲୁଚେଇ ରଖିଥାଉ ମୋ ପାଟିରେ ସେତକ ପୁରେଇ ଦେଲେ ତୋ ପେଟ ଆପେ ପୁରିଯାଏ ।

ସତରେ ତୁ ମା ନୁହେଁ ଦେବୀଟିଏ । ସବୁ ମା ଙ୍କ ଭଳି ମା ନୁହେଁ ତୁ ଏକ ଭିନ୍ନ ଦୁନିଆର ମଣିଷ । ଘରର ପ୍ରତ୍ୟେକଙ୍କ ପାଇଁ ଠାକୁରଙ୍କ ପାଖରେ ମୁଣ୍ଡ ବାଡ଼େଇ ଆଶିଷ ଓ ଆଶୀର୍ବାଦ ଭିକ୍ଷାକରୁ । ଏମିତିକି ଦିନେ ଦୁଇଦିନ ନିର୍ଜଳା ଉପବାସ ରହି ବ୍ରତ କରୁ । ବେଳେବେଳେ ଭାବେ ତୋ ଶରୀରଟା କ'ଣ ରକ୍ତ ମାଂସରେ ତିଆରି ହୋଇନଥିଲା ? ଆଉ ଗୋଟେ କଥା ଏବେ ବି ସ୍ପଷ୍ଟ ମନେପଡ଼େ ତୁ ଯେତେବେଳେ ସବୁଦିନ ସଂଜବେଳେ ମୁଣ୍ଡ ଓଢ଼ଣୀ ଦେଇ ଦାଣ୍ଡ ଚଉଁରା ମୂଳେ ସଂଜବତୀ ଜାଳୁ ସେତେବେଳେ ତୁ ଦୀପଠାରୁ ବି ଉଜ୍ଜ୍ୱଳ ଦିଶୁ । ମଗୁଶୁର ଗୁରୁବାରରେ ବଡ଼ି ଭୋରୁ ଉଠି ଗାଧୋଇ ଓଦା ମୁଣ୍ଡରୁ ପାଣିଝରି ପଡୁଥିବା ଆଉ ତୋର ସେ ନାଲି କୁମ୍ଭପକା ଧଳା ଶାଢ଼ୀଟାକୁ ପିନ୍ଧି ପକାଇ ଝୁଣା, ଅଗୁରୁ, ଚନ୍ଦନର ଅପୂର୍ବ ମହକ ଭିତରେ ତୁ ଯେତେବେଳେ ଏପଟ ସେପଟ ହେଉ ମତେ ଲାଗେ ସାକ୍ଷାତ୍ ଲକ୍ଷ୍ମୀ ଠାକୁରାଣୀଙ୍କ ପରି । କେବଳ ଯେ ତୁ ଦିଶୁନା ଲକ୍ଷ୍ମୀ ମାଙ୍କ ଭଳି ସମସ୍ତଙ୍କ ପେଟକୁ ଚିହ୍ନି ପାରୁ । ବନ୍ଧୁ ବାନ୍ଧବ ଅତିଥି ଅଭ୍ୟାଗତ ଏପରିକି ଭିକାରୀଟିଏ ବି ତୋ ନଜରରୁ କେବେ ଫେରେନା ।

ସବୁ ସତ ଭିତରେ କେବଳ ଆଜି ମୁଁ ଗୋଟାଏ ମିଛକୁ ମାନି ନେବାକୁ ବାଧ ହେଉଛି । କ'ଣ ଜାଣିଛୁ ନା ବୋଉ ! ତୁ ଥିଲୁ ଗୋଟେ ସ୍ୱାର୍ଥପର ମଣିଷ । ତୋର ସବୁ ପିଲାଙ୍କୁ ମଣିଷ କରିବା ପାଇଁ ଶତଚେଷ୍ଟା କରି ଶେଷରେ ଠକି ଦେଇ ଚାଲିଗଲୁ । ଅବିଶ୍ରାନ୍ତ ଜୀବନ ଭିତରେ ଟିକେ ବିଶ୍ରାମ ଓ ଚିରନିଦ୍ରାକୁ ଖୁବ୍ କମ୍ ବୟସରୁ ବାଛିନେଇ ଏକ ଅଫେରା ରାଇଜକୁ ଚାଲିଗଲୁ । ଯେଉଁଠୁ କି ଆଉ ଫେରି ପାରିଲୁନି । ନାତୁଣୀ ତୋର ହାତ ବଢ଼ାଇଲେ ତତେ ଧରି ପାରୁନି ଆଖି ଖୋଲିଲେ ତୋର ସେ ଉଜ୍ଜ୍ୱଳ ମୁହଁକୁ ଦେଖି ପାରୁନି । ଖାଲି ତୋର ଗୁଣ କି ର୍ତ୍ତିମାନ ଶୁଣି ଗୁମୁରି ଗୁମୁରି କାନ୍ଦୁଛି ।

ହଁ ଲୋ ବୋଉ କେତେବେଳେ କେମିତି ମନରେ ଦୁଃଖ କଷ୍ଟ ଆସିଲେ ଅର୍ଦ୍ଧରାତ୍ରୀରେ ତୋ କଥା ଭାରି ମନେ ପଡ଼େ । ମୁଁ ସ୍ପଷ୍ଟ ଭାବରେ ଅନୁଭବ କରିପାରେ ତୁ ମୋ ପାଦ ପାଖରେ ବସି ମୋ ପାଦରେ ତେଲ ମାରିଦେଉଛୁ । ତୋର ସେହି ଚୁଡ଼ିର ରୁଣୁଝୁଣୁ ଶବ୍ଦ ମୋ ନିଦ ଭାଙ୍ଗିଦିଏ । ଆଖି ଖୋଲି ବାସ୍ତବ ଦୁନିଆକୁ ଫେରି ଆସିଲେ ସବୁ ଖାଲି ଶୂନ୍ୟ ଶୂନ୍ୟ ଲାଗେ । ସେତେବେଳ ଠାରୁ ସକାଳ ଯାଏ ଅମାନିଆ ଲୁହ ଗୁଡ଼ାକ ବୋହିଚାଲିଥାଏ ଯେ ବୋହି ଚାଲିଥାଏ । କାହାକୁ ଏ କଥା କହିପାରେନା ଲୋ ବୋଉ ।

# ଏକ ବିକଶିତ ରାଷ୍ଟ୍ର ହେବାର ଲକ୍ଷ୍ୟ

✤ ଦେବରାଜ ନାୟକ
+୩ ଦ୍ୱିତୀୟ ବର୍ଷ କଳା (ଇତିହାସ ସମ୍ମାନ)

ଭାରତ ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ପ୍ରଧାମନ୍ତ୍ରୀ ତାଙ୍କ ସ୍ୱାଧୀନତା ଦିବସ ବକ୍ତବ୍ୟରେ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରୂପେ ଗଢ଼ିତୋଳିବା ପାଇଁ ଆହ୍ୱାନ କରିଥିଲେ । ଅନେକ ବୁଦ୍ଧିଜୀବୀ, ବିଶେଷଜ୍ଞ ଏବଂ ଗବେଷକମାନେ ଏହି ବକ୍ତବ୍ୟକୁ ବିଭିନ୍ନ ଭାବରେ ବାଖ୍ୟା କରିଥିଲେ ଯାହାକି ଆମକୁ ଭାବିବା ପାଇଁ ବାଧ କରିଦେଇଛି ଯେ ଆମେ ଆଗାମୀ ୨୫ ବର୍ଷ ମଧରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରୂପେ ଗଢ଼ିତୋଳିପାରିବା ତ ।

ଜନସଂଖ୍ୟା ଦୃଷ୍ଟିରୁ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର । ଗବେଷଣାକୁ ଦେଖିବାକୁ ଗଲେ ୨୦୨୩ ସୁଦ୍ଧା ଆମେ ଚୀନ୍‌କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିନେବୁ । ମାତ୍ର ଚିନ୍ତାର ବିଷୟ ଏହିକି ଯେ ଆମର ଏହି ଜନସଂଖ୍ୟା ଆମକୁ ୨୫ ବର୍ଷ ଭିତରେ ଏକ ବିକଶିତ ରାଷ୍ଟ୍ର ରୂପେ ଗଢ଼ିତୋଳିବାରେ ସାହାଯ୍ୟ କରିବ ନା ଏହା ଆମ ପାଇଁ ଏକ ସମସ୍ୟାରୂପେ ଉଭାହେବ । ଆଉ ଏକ ଭାବନା ଅଛି କି ଏକ ରାଷ୍ଟ୍ର ଧନୀ ହୋଇଗଲେ ବିକଶିତ ହୋଇଯିବ । ଏହି ଭାବନା ଯୁକ୍ତି ଯୁକ୍ତ ନୁହେଁ । ଉଦାହରଣ- ଆମେ ଆରବ ରାଷ୍ଟ୍ର ଗୁଡ଼ିକୁ ନେଇ ପାରିବା ଯେଉଁମାନଙ୍କ ପାଖରେ ତୈଳ ସମ୍ପଦର ଭଣ୍ଡାର ଅଛି ଏବଂ ସେହି ସମ୍ପଦକୁ ଅନ୍ୟ ଦେଶ ମାନଙ୍କୁ ରପ୍ତାନୀ କରି ଧନୀ ହୋଇଛନ୍ତି । ମାତ୍ର ସେମାନଙ୍କ ଆର୍ଥିକସ୍ଥିତି ସ୍ଥିର ନୁହେଁ । କାରଣ ସେମାନଙ୍କ ରାଷ୍ଟ୍ର ଦୁର୍ବଳ ମାନବ ପୁଞ୍ଜି ଏବଂ ଦୁର୍ବଳ ମାନବାଧିକ । ଏକ ରାଷ୍ଟ୍ରର ବିକାଶକୁ ହେଲେ ଏକ ରାଷ୍ଟ୍ର ବିକଶିତ ବୋଲି ବିଚାର କରିବା ମଧ ଠିକ୍ ନୁହେଁ । କାରଣ ଏକ ବିକଶିତ ରାଷ୍ଟ୍ର ଗଠନ କରିବାରେ ସମାଜର ବହୁତ ବଡ଼ ଭୂମିକା ଥାଏ । ଏକ ସୁସ୍ଥ ସମାଜ ଏକ ମଜଭୁତ୍ ଅର୍ଥନୀତି ଗଠନ କରିଥାଏ । ଯାହାଫଳରେ ଦେଶର ବିକାଶ ହୋଇଥାଏ । ଯଦି ଦେଶର ନାଗରିକ ମାନେ ନିଜର ଦାୟିତ୍ୱ ବୁଝି ସବୁ କାର୍ଯ୍ୟ ଠିକ୍ ରୂପେ କରିବା ପାଇଁ ଚେଷ୍ଟା କରିବେ ଏବଂ ଦୁର୍ନୀତିକୁ ପ୍ରଶୟ ଦେବେ ନାହିଁ । ତେବେ ଆମ ଦେଶ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ଏବଂ ଏକ ମହାଶକ୍ତିରୂପେ ଉଭାହେବ ।

**ନିର୍ଣ୍ଣାୟକ କକାରକ ଏବଂ ଭାରତର ସ୍ଥାନ :**

ଅନେକ ପ୍ରକାର ମାନଦଣ୍ଡ ଦ୍ୱାରା ଏକ ବିକଶିତ ରାଷ୍ଟ୍ରର ମାନତାସ୍ଥିର କରାଯାଇଥାଏ । ସେଗୁଡ଼ିକ ହେଲା–

**୧. ସକଳ ଘରୋଇ ଉତ୍ପାଦନ (Gross Domestic Product)**

"ସକଳ ଘରୋଇ ଉତ୍ପାଦନ" ସାଧାରଣତଃ ଆମେ ଏହାକୁ "GDP" ବୋଲି କହିଥାଉ । ଏହା ଆମକୁ ଏକ ବିକଶିତ ରାଷ୍ଟ୍ର ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥାଏ । ସ୍ୱାଧୀନତା ସମୟରେ ଆମକୁ ତୃତୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଗଣାଯାଉଥିଲା । ଆମେ ଏହି ୭୫ ବର୍ଷ ମଧ୍ୟରେ ଆମର GDP କୁ ୨-୭ ଲକ୍ଷ୍ୟ କୋଟିରୁ ୧୫୦ ଲକ୍ଷ୍ୟ କୋଟି ପର୍ଯ୍ୟନ୍ତ ବୃଦ୍ଧି କରିପାରିଛୁ । ଆମେ ହେଉଛୁ ବିଶ୍ୱର ୫ମ ବୃହ ମ ଅର୍ଥନୀତି ଏବଂ ୨୦୩୧ ସୁଦ୍ଧା ବିଶ୍ୱର ୩ୟ ବୃହ ମ ଅର୍ଥନୀତି ହୋଇଯିବୁ ବୋଲି ବିଶେଷଜ୍ଞ ମାନେ ଅନୁମାନ କରୁଛନ୍ତି । ମାତ୍ର ଆମକୁ ଅନେକ କ୍ଷେତ୍ରରେ ସୁଧାର ଆଣିବାକୁ ପଡ଼ିବ ।

**୨. ପ୍ରତିବ୍ୟକ୍ତି ସକଳ ଘରୋଇ ଉତ୍ପାଦନ (GDP Per Capita)**

ଏହା ହେଉଛି ଏକ ବ୍ୟକ୍ତିର ବାର୍ଷିକ ହାରାହାରି ଉତ୍ପାଦନ IMF ଅନୁଯାୟୀ ଯେଉଁ ଦେଶର GDP Per Capita 2000$ ଥିବ ତାହାକୁ ଏକ ବିକଶିତ ରାଷ୍ଟ୍ର ରୂପେ ଗଣାଯିବ । ଭାରତର GDP Per Capita 2011 ଜନଗଣନା ଅନୁଯାୟୀ 1458$ ଏବଂ 2021 ରେ ଏହା 2277.42$ ଥିଲା । ଭାରତ ତୁଳନାରେ ବାଙ୍ଗଲାଦେଶର GDP Per Capita ଅଧିକ ।

**୩. ଦାରିଦ୍ର୍ୟ**

ଦାରିଦ୍ର୍ୟର ମାତ୍ରା ଭାରତର ବିକାଶରେ ଏକ ବାଧକ ରୂପେ ଠିଆ ହୋଇଛି । ସରକାରୀ ଆକଳନ ଅନୁଯାୟୀ ୨୬.୯୩ ମିଲିୟନ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଏବଂ ଅଜିମ୍ ପ୍ରେମ୍‌ଜା ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ସର୍ଭେକ୍ଷଣ ଅନୁଯାୟୀ COVID-19 ଫଳରେ ୨୩ ମିଲିୟନ୍ ଲୋକ ଦରିଦ୍ର ହୋଇଛନ୍ତି । ତେଣୁ ଭାରତକୁ ଏଥିପାଇଁ କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ।

**୪. ମାନବ ବିକାଶ ସୂଚକାଙ୍କ (Human Development Index)**

ଏହା ସାଧାରଣତଃ HDI ରୂପେ ପରିଚିତ । ଏହାଦ୍ୱାରା ଆମେ ଏକ ରାଷ୍ଟ୍ରର ଅର୍ଥନୀତିକ ଏବଂ ସମାଜିକ ବିକାଶର ଏକ ଅବଧାରଣା ପାଇଥାଉ ଏକ ବିକଶିତ ରାଷ୍ଟ୍ରର ଏହି ସୂଚକାଙ୍କର ଶୀର୍ଷରେ ଥାଏ । ଭାରତ ଏହି ସୂଚକାଙ୍କ ର ୧୩୨ ସ୍ଥାନରେ ଅବସ୍ଥିତ । ଏକ ଦେଶର HDI ଯଦି ୮.୦୦ ରୁ ଅଧିକ କିମ୍ବା ୮.୦୦ ସହିତ ସମାନ ଥିବ ସେ ଦେଶ ବିକଶିତ ଦେଶ ତାଲିକାରେ ସାମିଲ ହୋଇପାରିବ ।

**୫. କୁପୋଷିତ ଜନତା**

ଭାରତର ଅନେକ ଶିଶୁ କୁପୋଷଣର ଶିକାର ଅଟନ୍ତି । ଭାରତର ପାଖାପାଖି ୧୫% ଜନତା ଅଳ୍ପପୋଷିତ ଅଟନ୍ତି । ଯେତେବେଳେକି ଆମେରିକାର ମାତ୍ର ୩% ଜନତା ଅଳ୍ପପୋଷିତ ଅଟନ୍ତି । ଭାରତକୁ ନିଜ ଜନତାକୁ ଉ ମ ପୋଷଣ ଯୋଗେଇବା ପାଇଁ ବହୁବାଟ ଯିବାର ଅଛି ।

**୬. ମହିଳାଙ୍କ ସ୍ଥିତି**

ଭାରତକୁ ମହିଳାଙ୍କ ସ୍ୱତନ୍ତ୍ରତା, ସମ୍ମାନ ଏବଂ ସଶକ୍ତିକରଣ ଉପରେ ଧ୍ୟାନ ଦେବାକୁ ହେବ । ସେମାନଙ୍କ ରାଜନୈତିକ ଆର୍ଥିକ ଏବଂ ସାମାଜିକ ବିକାଶ ପାଇଁ କାମ କରିବାକୁ ହେବ । ବିକଶିତ ଦେଶମାନଙ୍କରେ ମହିଳାଙ୍କ ଶ୍ରମକ୍ଷେତ୍ରରେ ଯୋଗଦାନ ହାର ବଢ଼ିଛି । ଯେତେବେଳେକି ଭାରତରେ ଏହା ବିପରିତ । ଭାରତକୁ ବିକଶିତ ରାଷ୍ଟ୍ର ହେବାପାଇଁ ହେଲେ ବାସ୍ତବିକତାକୁ ବିଚାରକୁ ନେଇ କାମ କରିବାକୁ ହେବ ।

ଯେତେବେଳେ ଆମେ ଆମ ଦେଶକୁ ବିକଶିତ ରାଷ୍ଟ୍ରମାନଙ୍କ ସହିତ ତୁଳନା କରୁ ସେତେବେଳେ ଆମେ ଜାଣିବାକୁ ପାଉଯେ ଆମକୁ ଆଗାମୀ ୨୫ ବର୍ଷ ମଧ୍ୟରେ ଏକ ବିକଶିତ ରାଷ୍ଟ୍ର ହେବାକୁ ହେଲେ ଆମକୁ ଆହୁରି ବହୁବାଟ ଯିବାର ଅଛି । ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତର Per Capita Income 12.4% ହାରରେ ବଢ଼ିଲେ ଆମେ OECD ଦେଶମାନଙ୍କ ସମକକ୍ଷ ହୋଇପାରିବୁ (OECD- Organization for Economic Cooeration and Development) ଭାରତର ଶୀର୍ଷ ୧% ଙ୍କ ପାଖରେ ଦେଶର ୨୨% ଏବଂ ଶୀର୍ଷ ୧୦% ଙ୍କ ପାଖରେ ଦେଶର ୫୭% ସମ୍ବଳ ରହିଅଛି । Global Hunger Index ରେ ଭାରତର ସ୍ଥାନ ୧୦୧, ୧୦୬ ଦେଶଙ୍କ ତୁଳନାରେ 2022 World Press Freedom Index ରେ ଭାରତର ସ୍ଥାନ ୧୫୦ କୁ ଖସିଛି ।

ଭାରତକୁ ଏହି ସ୍ୱପ୍ନ ପୂରଣ କରିବାକୁ ହେଲେ ବହୁତ କଠିନ ପରିଶ୍ରମ କରିବାକୁ ହେବ । କେବଳ କଥା କହିଲେ ଏହି ସ୍ୱପ୍ନ ସାକାର ହୋଇପାରିବ ନାହିଁ । ଆମକୁ ଉଭୟ ଆର୍ଥିକ ଏବଂ ସାମାଜିକ ବିକାଶ କରିବାକୁ ହେବ । ଭାରତକୁ ତାର ନାଗରିକ ମାନଙ୍କର ବିକାଶ କରିବାକୁ ହେବ । ଯେଉଁଠାରେ କି ତାର ପ୍ରତ୍ୟେକ ନାଗରିକ ଏକ ଉନ୍ନତ ଏବଂ ସମ୍ମାନଜନକ ଜୀବନ ବ ୍ବା ପାଇଁ ସକ୍ଷମ ହୋଇବେ । ଭାରତରେ ପ୍ରଚୁର ଖଣିଜ ସମ୍ପଦ ରହିଛି । ଆମ ପାଖରେ ଭଲ ମାନବ ସମ୍ବଳ ରହିଛି ତଥାପି ଆମେ ବିକାଶଶୀଳ କାରଣ ଆମେ ଆମ ଉନ୍ନୟନମୂଳକ ଯୋଜନାକୁ ଠିକ୍ ରୂପେ କାର୍ଯ୍ୟକାରୀ କରିପାରୁନାହୁଁ ତେଣୁ ଆମେ କିପରି ଆମ ଯୋଜନାକୁ

ଠିକ୍ ରୂପେ କାର୍ଯ୍ୟକାରୀ କରିପାରିବା । ସେଥିପାଇଁ ଆମକୁ ପଦକ୍ଷେପ ନେବାକୁ ହେବ । ବିଶେଷଜ୍ଞ ମାନଙ୍କ ମତରେ ଭାରତର ଦାରିଦ୍ର୍ୟ ସମସ୍ୟା ସମାପ୍ତ ହୋଇପାରନ୍ତା, ତେଣୁ ଆମକୁ ଆମ ଦେଶରୁ ଦାରିଦ୍ର୍ୟ ସମସ୍ୟା ଯେ କରିବାକୁ ପଡ଼ିବ ଏବଂ ଆମକୁ ଏହା ଧାର୍ଯ୍ୟ କରିବ ହେବ ଯେ ସେମାନେ ଯେପରି ଦାରିଦ୍ର୍ୟ ସମସ୍ୟାରେ ନପଡ଼ନ୍ତି । ଆମକୁ ଆହୁରି ପ୍ରତିଯୋଗୀ ମନୋଭାବ ନେଇ କାର୍ଯ୍ୟକରିବାକୁ ହେବ ଏବଂ ଆମକୁ ରପ୍ତାନୀ ଉପରେ ଗୁରୁତ୍ୱ ଦେବାକୁ ପୂର୍ବେ ଆମେ ଆମ ଭାଗ୍ୟସହ ମିଳିପାରିଥିଲୁ ବର୍ତ୍ତମାନ ସମୟ ଆସିଯାଇଛି ଆମ ଲକ୍ଷ୍ୟକୁ ପୂରଣ କରିବାକୁ । କିନ୍ତୁ କ'ଣ ଏହା ଆଗାମୀ ୨୫ ବର୍ଷ ମଧରେ ସମ୍ଭବ ?

## ଆମର ବ୍ରହ୍ମାଣ୍ଡ କେତେ ବଡ଼

✤ ଦେବବ୍ରତ ତ୍ରିପାଠୀ
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ବ୍ରହ୍ମାଣ୍ଡ ଖୋଗଲିୟ ଶାସ୍ତ୍ରରୁ ଅର୍ଥାତ୍ ଜ୍ୟୋର୍ତି ବିଜ୍ଞାନରୁ ଆସିଛି । ଏକ ବ୍ରହ୍ମାଣ୍ଡ କହିଲେ ସଂପୂର୍ଣ୍ଣ ଗ୍ରହ, ଉପଗ୍ରହ, ସୂର୍ଯ୍ୟ ଏବଂ ଅନ୍ୟସବୁ ଏକ ଖୋଗଲିୟ ବସ୍ତୁ ଅନ୍ତରୀକ୍ଷରେ ଏକ ବିଶେଷ କ୍ଷେତ୍ର ମଧକୁ ବ୍ରହ୍ମାଣ୍ଡ କୁହାଯାଏ । ବିଜ୍ଞାନ ହିସାବରେ ବ୍ରହ୍ମାଣ୍ଡ ଅର୍ଥ ସୌରମଣ୍ଡଳ । କିନ୍ତୁ ଆଧାତ୍ମିକ ଜ୍ଞାନ ଅନୁସାରେ ବ୍ରହ୍ମାଣ୍ଡ ଏକ ସୌରମଣ୍ଡଳରୁ ଆହୁରି ବିସ୍ତୃତ । ବିଜ୍ଞାନ କେବଳ ଭୌତିକ ବସ୍ତୁକୁ ବ୍ରହ୍ମାଣ୍ଡ ଭିତରେ ଗଢ଼ିଥାଏ କିନ୍ତୁ ବେହଦର ଜ୍ଞାନ ହିସାବରେ ବ୍ରହ୍ମାଣ୍ଡରେ ସ୍ଥୁଳ ଜଗତ, ସୂକ୍ଷ୍ମ ଜଗତ କାରଣ ଜଗତ ଇତ୍ୟାଦି ସବୁ ରହିଛି । ଆମ ସନାତନ ଶାସ୍ତ୍ରରେ ବର୍ଣ୍ଣିତ ଆମ ବ୍ରହ୍ମାଣ୍ଡରେ ୧୪ ଲୋକ ଅଛି ଏବଂ ବେହଦର ଜ୍ଞାନ ଅନୁସାରେ ଆମ ବ୍ରହ୍ମାଣ୍ଡର ସବୁଠାରୁ ଉଚ୍ଚତମ ଆୟାମକୁ ପରମଧାମ କହନ୍ତି । ପରମଧାମରେ ବ୍ରହ୍ମାଣ୍ଡର ରଚୟିତା "ନିରାକାର ଶିବ" ରହନ୍ତି । ପରମଧାମ ତଳେ ଶିବ ପୁରୀ, ବିଷ୍ଣୁ ପୁରୀ, ବ୍ରହ୍ମା ପୁରୀ, ତପ ଲୋକ, ଜନ ଲୋକ, ମର୍ହି ଲୋକ, ସ୍ୱର୍ଗ ଲୋକ, ଭୁର୍ବ ଲୋକ, ଭୁଲୋକ (ପୃଥିବୀ) ଅଛି । ପୃଥିବୀ ଉପରେ ବ୍ରହ୍ମାପୁରୀ ପର୍ଯ୍ୟନ୍ତ ୭ ଲୋକ ଅଛି । ପାତାଳ ତଳେ ୫୫ କରୋଡ଼ ନର୍କ ଆଗରୁ ଥିଲା କିନ୍ତୁ ଆଜି ତାହା ବଡ଼ ବଡ଼ ପଥର ତଥା କ୍ଷୁଦ୍ର ଉପଗ୍ରହ ଏବଂ ଧୂମକେତୁ ଇତ୍ୟାଦି ରୂପରେ ଦେଖାଯାଆନ୍ତି । ଏହି ପଥର କ୍ଷୁଦ୍ର ଉପଗ୍ରହ ଇତ୍ୟାଦିକୁ ଆଷ୍ଟ୍ରାଏଡ଼ କହନ୍ତି ଏବଂ ଏସବୁ ଆମ ବ୍ରହ୍ମାଣ୍ଡ ଭିତରେ ସୂର୍ଯ୍ୟ ଚାରିପାଖରେ ପରିକ୍ରମା କରୁଥାନ୍ତି ।

# ଅହଙ୍କାର

ଲିପ୍‌ସା ପଣ୍ଡା
+୩ ଦ୍ୱିତୀୟ ବର୍ଷ ବିଜ୍ଞାନ

ହେ ମନୁଷ୍ୟ ନିଜକୁ ପରମାତ୍ମାଙ୍କ ପାଖରେ ସର୍ମପଣ କରିଦିଅ ତେବେ ତୁମେ ସବୁକିଛି ଯାଇପାରିବ । ଏହି ଶରୀର ସେହି ସୃଷ୍ଟି କରିଛନ୍ତି । ତେଣୁ ତାଙ୍କ ପାଖରେ ଏ ଶରୀରକୁ ସମର୍ପଣ କରିଦିଅ । ବେଳେବେଳେ ମନରେ ପ୍ରଶ୍ନ ଉଠେ, ଆମେ କିଏ ? ଆମର ଅସ୍ତିତ୍ୱ କ'ଣ ? କେଉଁ ଉଦ୍ଦେଶ୍ୟ ରେ ଆମେ ଏହି ପୃଥିବୀ ପୃଷ୍ଠକୁ ଆସିଛନ୍ତି ?

ଆମେ ମାତା ଗର୍ଭରେ ରହିବା ଠାରୁ ଆଜି ପର୍ଯ୍ୟନ୍ତ ସଂଘର୍ଷ କରି ଆସିଛନ୍ତି ଏବଂ ସେଥିରେ ଆମ ମାତା ପିତା ଆମର ସାଥୀ ଦେଇଛନ୍ତି । ମାତା ପିତା ଆମକୁ ଜନ୍ମ ଦେଇ ଆମର ପ୍ରଥମ ଗୁରୁ ପାଲଟି ଯାଇଛନ୍ତି । ଆମ ଲାଳନ ପାଳନ ପାଇଁ ବହୁତ ସଂଘର୍ଷ କରିଛନ୍ତି । ସାଧାରଣତ ଗୋଟିଏ ମାଆ ଚଢ଼େଇ ସାରାଦିନ ଖାଦ୍ୟକୁ ତା ଥ      ରେ ନେଇ ତା ପିଲାର ପାଟିରେ ଦେଲା ଏବଂ ତାକୁ ଏକ ଚଢ଼େଇରେ ପରିଣତ କଲା, ସେହିପରି ଆମ ପିତା ମାତା ଆମକୁ ଗଢ଼ିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏ ଶରୀରରେ ଖରାବର୍ଷା ନ ପଡ଼ିବା ପାଇଁ ଗୋଟିଏ ଘର ସୃଷ୍ଟି କଲେ । ଲଜ୍ୟାନିବାରଣ ପାଇଁ ପୋଷାକ ଯୋଗାଇଲେ । ହାତ ଧରି ଚାଲିବା ଶିଖାଇଲେ । ଆମକୁ କଥାବା    ।ି ଶିଖାଇଲେ ଏବଂ ଏତକ ସବୁ କଲା ପରେ ମଧ ସେ ମା ବାପା ଡାକରେ ସନ୍ତୁଷ୍ଟ ହୋଇଗଲେ । ନିଜ ପିଲା ପାଇଁ ବହୁତ ବଡ଼ ବଡ଼ ସ୍ୱପ୍ନ ଦେଖିବା ଆରମ୍ଭ କଲେ । ତାକୁ ଉଡ଼ିବା ପାଇଁ ମାର୍ଗ ଦେଖାଇଲେ ଏବଂ ଏକ ଅସୀମ ଆକାଶ ଯୋଗାଇଦେଲେ । ଲାଗିପାଡି ବହୁତ ଦୁଃଖ କଷ୍ଟର ସାମ୍ନା କରି କୁନି ଚଢ଼େଇର ଲକ୍ଷ୍ୟ ସ୍ଥଳରେ ତାକୁ ପହ     ।ଇଲେ ଏବଂ ତା'ର ସ୍ୱପ୍ନକୁ ନିଜ ଜୀବନର ଲକ୍ଷ୍ୟ ବନେଇ ଦେଲେ । ତା'ର ସ୍ୱପ୍ନ ପୁରା କରିସାରିବା ପରେ ସେମାନେ ଥକି ପଡ଼ିଲେ । ଆଶାଟିଏ ରହିଲା ମୋ ପିଲା ମୋ ଥକାପଣର କ୍ଳାନ୍ତି ନିମନ୍ତେ ମୋତେ ମୁନ୍ଦାଏ ଜଳ ଦେବ ମୁଁ ତାକୁ ପିଇବି ଓ ଏ କ୍ଳାନ୍ତିରୁ ଟିକିଏ ଆଶ୍ୱସ୍ତି ପାଇବି । କିନ୍ତୁ ପ୍ରଶ୍ନ ଉଠେ ଯେ କ'ଣ ଏ ଦୁନିଆର ସବୁ ବାପା ମା' ନିଜ ଥକାପଣରୁ  କ୍ଳାନ୍ତି ପାଆନ୍ତି ? ଦୁଇ ବୃଦ୍ଧା ପ୍ରକୃତରେ କ'ଣ ମୁନ୍ଦାଏ ପାଣି ଆଶା କରନ୍ତି ? ନା ଟିକିଏ ସମ୍ମାନର ଆଶରେ ନିଜ ଜୀବନ କାଟିଦିଅନ୍ତି ?

ଏକଦା ରାଜକନ୍ୟାମାନେ ଆନନ୍ଦ ଉପଭୋଗ କରିବା ପାଇଁ ସଖୀମାନଙ୍କ ସହ ବନ ବିହରଣ କରିବା ସମୟରେ ଋଷି ଦୁର୍ବାସା ଯୋଗ ଧାନ ରେ ବସିଥିଲେ । ଏକ ରାଜକନ୍ୟା ଋଷିଙ୍କୁ ପରିହାସ କଲା ଫଳରେ ସେ ଋଷି ଦୁର୍ବାସାଙ୍କ ଦ୍ୱାରା ଅଭିଶପ୍ତ ହୋଇ ଏକ ସରୋବର ନିକଟସ୍ଥ ବୃଦ୍ଧ ଅଶ୍ୱତ୍ଥ ଗଛରେ ପରିଣତ ହେଲା । କାଳକ୍ରମେ ଦିନରାତି ଗଡ଼ି ଗଡ଼ି ଚାଲିଲା । ଦିନେ ମହାବଳୀ ଭୀମ ବନଗମନ କରୁଥିବା ସମୟରେ ସେହି ପୁଷ୍କରିଣୀକୁ ଦେଖିଲେ । ସେଠାରେ ସୁନ୍ଦର ସୁନ୍ଦର ପଦ୍ମ ଫୁଲ ମାନ ଫୁଟି ପୁଷ୍କରିଣୀର ଶୋଭା ଆହୁରି ବୃଦ୍ଧି କରୁଥିଲା । ମହାବଳୀଙ୍କ ମନକୁ ବିମୋହିତ କରିଦେଇଥିଲା ସେ ସରୋବରର ଦୃଶ୍ୟ । ସେ ସମ୍ଭାଳି ନପାରି ସରୋବର ନିକଟକୁ ଗଲେ ଏବଂ ପୁଷ୍କରିଣୀର ଜଳପାନ କରି ତୃଷା ମେ ାଇଲେ । ଏକ ପଦ୍ମଫୁଲେ ନିମନ୍ତେ ହାତ ବଢ଼ାଇବା ମାତ୍ରେ ଶୂନ୍ୟରୁ ଏକ ଶବ୍ଦ ଶୁଭିଲା, "ହେ ରାଜନ୍ ସାବଧାନ, ତୁମେ ମୋ ପୁଷ୍କରିଣୀର ଜଳପାନ କରି ତୃଷା ମେ ାଇଲ ପୁଣି ମୋ ପଦ୍ମ ପୁଷ୍ପ ଚୋରି କରୁଛ" । ମହାବଳୀ ରାଗିଯାଇ ବିକଟାଳ ଚିତ୍କାର କରିଉଠିଲେ । "ତୁମେ କିଏ ଯେ ମମହାବଳୀ ଭୀମକୁ ଚୋରର ଆଖ୍ୟା ଦେଉଛ, ତୁମେ ପ୍ରଥମେ ମୋ ସାମ୍ନାକୁ ଆସ" ବୋଲି କ୍ରୋଧରେ ଚିତ୍କାର କଲେ । ଏହା ଶୁଣି ଏକ ବୃଦ୍ଧା ବହୁ ଜରାଜୀର୍ଣ୍ଣ ଅବସ୍ଥାରେ ଅସନା ବସ୍ତ୍ର ଖଣ୍ଡେ ପରିଧାନ କରି ମହାବଳୀ ଙ୍କ ନିକଟରେ ପ୍ରକଟ ହେଲେ । ଏହା ଦେଖି ମହାବଳୀ ଥଟ୍ଟାରେ ପରିହାସ କରି କହିଲେ "ଆରେ ବୃଦ୍ଧନାରୀ ତୁ ମୋତେ ଚିହ୍ନିଛୁ, ମୁଁ କିଏ । ଏକା ପ୍ରହାର ରେ ତୁ ଏ ଧରଣୀରେ ମିଶିଯିବୁ । ତୋ ଶରୀରର କିଛି ଅଂଶ ବି ଖୋଜିଲେ ମିଳିବ ନାହିଁ" । ବୃଦ୍ଧା ଜଣକ ପ୍ରତ୍ୟୁ ରରେ କହିଲେ, ଠିକ୍ ଅଛି, ମୁଁ ଜାଣିଛି ତୁମେ ବହୁତ ଶକ୍ତିଶାଳୀ କିନ୍ତୁ ତୁମେ କ'ଣ ମୋର ତିନୋଟି ପ୍ରଶ୍ନର ଉ ର ଦେଇପାରିବ । ମହାବଳୀ କହିଲେ ଯଦି ନଦିଏ ? ବୃଦ୍ଧା କହିଲେ ଯଦି ମୋର ତିନୋଟି ପ୍ରଶ୍ନର ସଠିକ୍ ଉ ର ନମିଳେ ତେବେ ତୁମେ ସେ ଜଳରୁ ବାହାରିପାରିବ ନାହିଁ । ଏହାଶୁଣି ଭୀମ ରାଗିଗଲେ ଏବଂ କହିଲେ ମୁଁ ତୋର ସମସ୍ତ ପ୍ରଶ୍ନର ଉ ର ଦେବି କିନ୍ତୁ ତୋ ଧମକ୍ କୁ ଡରିନୁହେଁ ବରଂ ମୋର ପୂର୍ଣ୍ଣ ବିଶ୍ୱାସ ଯେ ତୋର ସମସ୍ତ ପ୍ରଶ୍ନର ସଠିକ୍ ଉ ର ମୁଁ ଦେଇପାରିବି । ବୃଦ୍ଧା ଜଣକ କହିଲେ, ହେ ରାଜନ୍ ମୋର ପ୍ରଥମ ପ୍ରଶ୍ନ ହେଲା "ପୃଥିବୀ ଠାରୁ ବଡ଼ କିଏ ?", ଦ୍ୱିତୀୟ ପ୍ରଶ୍ନ ହେଲା "ଆକାଶ ଠାରୁ ବଡ଼ କିଏ ?", ତୃତୀୟ ପ୍ରଶ୍ନ ହେଲା "କେଉଁ ଶବ୍ଦଟି ବିନାଶର କାରଣ ?" । ଏହାଶୁଣି ଭୀମ ହସିଲେ ଏବଂ କହିଲେ "ତୁ କ'ଣ ସତରେ ଜାଣିନାହୁଁ ମୁଁ କିଏ ? ମୁଁ ହସିଲେ ପୃଥିବୀ ଥରହର ହୋଇଉଠେ । ମୋ ଗଦା ପ୍ରହାରରେ ମେରୁ ଗିରି ବି ଖଣ୍ଡ ବିଖଣ୍ଡିତ ହୋଇଉଠେ । ମୋରି ପ୍ରଶ୍ନ ତୁ ମୋତେ ପଚାରୁଛୁ । ମୋ ଗଦା ଥରେ ଉଠିଲେ ବିନାଶ ନ କରିବାର ପ୍ରଶ୍ନ ଉଠୁନି । ଏହା ପରେ ମହାବଳୀ ଜଳ ଭିତରୁ ବାହାରିବା ପାଇଁ ପାଦ ବଢ଼ାଇଲେ ଏବଂ ସେହିସ୍ଥାନରେ ସ୍ଥିର ହୋଇଗଲେ ।

ଭୀମଦେବଙ୍କର ବିଳମ୍ବ ହେବାରୁ ରାଜମହଲରେ ଆଲୋଚନା ସୃଷ୍ଟିହେଲା । ଭୀମଦେବଙ୍କୁ ଖୋଜିବାନିମନ୍ତେ ଅର୍ଜୁନ ବାହାରିଲେ ଏବଂ ବନରେ ଖୋଜିଖୋଜି ସେହି ପୁଷ୍କରିଣୀ ନିକଟରେ ପହ ୍ଲେ । ଭୀମଦେବଙ୍କୁ ଜଳରେ ଏବଂ ସେ ବୃଦ୍ଧ ମହିଳାଙ୍କୁ ପୁଷ୍କରିଣୀ ନିକଟରେ ଦେଖି ସେ ପ୍ରଶ୍ନ କଲେ "କିଏ ତୁମେ ? ଭ୍ରାତାଙ୍କୁ ବନ୍ଦୀ କରି କାହିଁକି ରଖିଛ ?" । ବୃଦ୍ଧା ଉ ର ଦେଲେ ଭୀମଦେବ ମୋ ତିନୋଟି ପ୍ରଶ୍ନର ଉ ରଦେଇ ନପାରିବାରୁ ସେଠାରେ ବନ୍ଦୀ ହୋଇଗଲେ ଏବଂ ଯଦି ତୁମେ ମଧ ମୋ ତିନୋଟି ପ୍ରଶ୍ନର ଭୁଲ୍ ଉ ର ଦେବତ ତୁମେ ବି ଏଠାରେ ବନ୍ଦୀ ହୋଇଯିବ । ଅର୍ଜୁନ କହିଲେ ଠିକ୍ ଅଛି ତୁମେ ମତେ ପ୍ରଶ୍ନ କର । ସେହି ସମାନ ପ୍ରଶ୍ନ ବୃଦ୍ଧା ଦୋହରାଇଲେ । ଏହାଶୁଣି ଅର୍ଜୁନ ବଡ଼ ଦ୍ୱନ୍ଦରେ ପଡ଼ିଲେ । ବହୁତ ଭାବିବା ପରେ ଶେଷରେ ଉ ର ଦେଲେ, "ମୋ ଧନୁ ଥରେ ଉଠିଲେ ଏ ପୃଥିବୀ ଥରହର ହୋଇଉଠେ । ମହାନ୍ ଯୋଦ୍ଧା ମାନେ ମଧ ଏହାକୁ ଧରିବା ପାଇଁ ତପସ୍ୟା କରୁଛନ୍ତି । ମୋ ଧନୁରେ ଶରରେ ତ ଆକାଶ ପ୍ରକମ୍ପିତ ହୋଇଉଠେ । ମୋ ଧନୁରେ ମୋ ମହାବାଣ ଛାଡ଼ିବା ଦ୍ୱାରା ତିନିଲୋକ ଗହଗହ ନାଦରେ ଥରହର ହୋଇଉଠିବ । ତେଣୁ ତୁମ ତିନୋଟି ପ୍ରଶ୍ନର ଉ ର ମୋ ଧନୁ । ଏହାପରେ ଅର୍ଜୁନ ମଧ ସେହି ସରୋବରରେ ବନ୍ଦୀ ହୋଇଗଲେ । ଏହାପରେ ନକୁଳ ଏବଂ ଶହଦେବ ମଧ ସେଠାରେ ବନ୍ଦୀ ହୋଇଗଲେ ।

ଶେଷରେ ସେମାନଙ୍କର ଫେରିବାର ବିଳମ୍ବ ଦେଖି ଧର୍ମରାଜ ସେମାନଙ୍କ ସନ୍ଧାନ ରେ ବାହାରିଲେ ଏବଂ ସେହି ସରୋବର ନିକଟରେ ପହ ୍ ଦେଖିଲେ ସେହି ବୃଦ୍ଧା ଜଣକ ସରୋବର ନିକଟରେ ବସିଛନ୍ତି ଏବଂ ସେ ଚାରିଜଣ ସରୋବରରେ ବନ୍ଦୀ ହୋଇଯାଇଛନ୍ତି । ଧର୍ମରାଜ ଏହାର କାରଣ ପଚାରିବାରୁ ବୃଦ୍ଧା ଜଣକ କାନ୍ଦି କାନ୍ଦି କହିଲେ ହେ ଧର୍ମରାଜ ଆପଣ ମତେ ଅଭିଶାପ ମୁକ୍ତ କରନ୍ତୁ । ମୋର ତିନୋଟି ପ୍ରଶ୍ନର ଉ ର ଦିଅନ୍ତୁ । ଫଳରେ ଆପଣ ଆପଣଙ୍କ ଭ୍ରାତାମାନଙ୍କୁ ନେଇଯାଇ ପାରିବେ ଏବଂ ମୁଁ ମଧ ଅଭିଶାପ ମୁକ୍ତ ହେବି ।

ଧର୍ମରାଜ କହିଲେ ହେ ମାତା ତେବେ ଆପଣ ଆପଣଙ୍କ ପ୍ରଶ୍ନ କୁହନ୍ତୁ ଯଦି ମୁଁ ପାରିବି ତ ଉ ର ନିଶ୍ଚୟ ଦେବି । ନଦେଇ ପାରିଲେ ଯାହା ଆପଣଙ୍କ ଇଚ୍ଛା ଆପଣ କରିପାରିବା ପାଇଁ ସମ୍ପୂର୍ଣ୍ଣ ରୂପେ ମୁକ୍ତ । ଏହା ଶୁଣି ସେ ସେହି ସମାନ ପ୍ରଶ୍ନ ଦୋହରାଇଲେ "ଏ ପୃଥିବୀ ଠାରୁ ବଡ଼ କିଏ ?" ଧର୍ମରାଜ ଉ ର ଦେଲେ "ମାଆ" ମାଆ ହିଁ ପୃଥିବୀ ଠାରୁ ବଡ଼ । ଦ୍ୱିତୀୟ ପ୍ରଶ୍ନ "ଆକାଶ ଠାରୁ ବଡ଼ କିଏ ?" । ଧର୍ମରାଜ ଉ ର ଦେଲେ "ପିତା" ପିତା ହିଁ ଆକାଶ ଠାରୁ ବଡ଼ । ତୃତୀୟ ପ୍ରଶ୍ନ "କେଉଁ ଶବ୍ଦଟି ସର୍ବଦା ବିନାଶ ର କାରଣ ହୋଇଥାଏ ?" । ଧର୍ମରାଜ ଉ ର ଦେଲେ "ମୁଁ" ମୁଁ ଶବ୍ଦ ଟି ବିନାଶର କାରଣ ହୋଇଥାଏ । ଏହାପରେ ତାଙ୍କ ଭାଇମାନେ ଜଳରୁ ମୁକ୍ତ ହୋଇଗଲେ ଏବଂ ସେ ରାଜକନ୍ୟା ଜଣକ ଶାପମୁକ୍ତ ହେଲେ । ତତ୍କ୍ଷଣାତ୍ ସେ ଧର୍ମରାଜଙ୍କ ପାଦତଳେ

ପଡ଼ିଗଲେ ଏବଂ ନିଜ ଶାପ ପାଇବାର କାରଣ ରାଜାଙ୍କୁ କହିଲେ ।

ତେଣୁ ଆପଣ ପ୍ରଥମେ ଆପଣଙ୍କ ପିତାମାତାଙ୍କୁ ଦେବତା ରୂପରେ ଦେଖି ତାଙ୍କ ବା ର୍ିକୁ ଅନୁପ୍ରାଣିତ କର । ତାଙ୍କ ଆଦେଶ ପାଳନ କରି ନିଜର ଚଲାପଥର ଶୀର୍ଷରେ ପହ ୍ବାକୁ ଚେଷ୍ଟାକର ଦେଖିବ ଯେତେ ବାଧାବିଘ୍ନ ଆସିଲେବି ଲକ୍ଷ୍ୟ ସ୍ଥଳରେ ନିଶ୍ଚିତ ରୂପେ ପହ ୍ପାରିବ । ପିତାମାତାଙ୍କୁ ଏପରି ହତାଦାର କରି ବୃଦ୍ଧାଶ୍ରମ ଓ ଜରାଶ୍ରମରେ ରହିବାର ସୁଯୋଗ ଦିଅନାହିଁ ।

# ଅତିନ୍ଦ୍ରିୟ ସୁଖ

✤ ସମାପିକା ସାହୁ
+୩ ଦ୍ୱିତୀୟ ବର୍ଷ (ଉଦ୍ଭିଦ ବିଜ୍ଞାନ)

ଜାଣିନି ମୁଁ କିଛି, ଜାଣିନି ମୁଁ ଏ ଦୁନିଆକୁ, ଜାଣିନି ମୁଁ ଏ ପରିବେଶକୁ ଜାଣିନି ମୁଁ ଧରିତ୍ରୀ ମା' କୁ..........

ବାସ୍ ଏତିକି ଜାଣିଛି ମୁଁ ଏବେ ଧରିତ୍ରୀ ମା' କୋଳରେ ଶୋଇଛି ।....

ଜାଣିନି ଏ ନିଦ୍ରା କେବେ ଭଙ୍ଗହେବ ମେମାର...ହୁଏତ ଉଠିଲା ପରେ ମୁଁ ପୁଣି ଏକ ନୂଆ ଦୁନିଆ ଦେଖିବି...

ଏବଂ ନୂଆଲୋକଙ୍କ ସହ ପରିଚିତ ହେବି ।

ପୁଣି ଗଢ଼ିଉଠିବ ସମ୍ପର୍କ, ବନ୍ଧୁତ୍ୱ! ଆଉ କିଛି ଦିନ ବହୁତ ଭଲ ଲାଗିବ ମଧ, ଲାଗିବକି ଏ ସମସ୍ତେ ମୋ ନିଜର.... ।

ହେଲେ......!

କିଛି ଦିନ ପରେ ହଁ ପୁଣି ଚାଲିଯିବାକୁ ପଡ଼ିବ ସେହି ଧରିତ୍ରୀ ମା' କୋଳକୁ ।

କାରଣ ମାଁ ଜାଣେ ତା' ସନ୍ତାନ ର ଦୁଃଖ, କଷ୍ଟ ସେଥିପାଇଁ ସେ ତା' ସନ୍ତାନକୁ କୋଳେଇ ନେଇ ତା' କୋଳରେ ତା'କୁ ଆଶ୍ରା ଦିଏ ।

ବାକି ସବୁ ସମ୍ପର୍କ ତ ନିମି ମାତ୍ର ।

ଏମିତିକି ନିଜ ମା' ବାପା, ଭାଇ, ଭଉଣୀ, ବନ୍ଧୁ ବାନ୍ଧବ ସମସ୍ତେ କ୍ଷଣସ୍ଥାୟୀ ।

ଚିରସ୍ଥାୟୀ ହେଉଛି କେବଳ ଏହି ଆତ୍ମା! ଯାହା ସବୁଆଡ଼େ ଘୁରିବୁଲେ, ସଂସାର ଦେଖେ, ଦୁନିଆ ଦେଖେ ହେଲେ ସେ ଏମାନଙ୍କ ଉପରେ ନିର୍ଭରଶୀଳ ନୁହେଁ।

ପୁଣି ଏକ ନୂଆ ଶରୀରକୁ ଚାଲିଯାଏ ସେ, ପୁଣି ଦେଖେ ଏକ ନୂଆ ଦୁନିଆ।

ବେଳେବେଳେ ଲାଗେ ମୁଁ ସେ ପବିତ୍ର ଆତ୍ମାକୁ ଅନୁଭବ କରିପାରନ୍ତି ନିଜ ଭିତରେ...

ଯେପରିକି ଏ ସଂସାରର ଦୁଃଖ କଷ୍ଟ, ହସ ଖୁସି ସହ କୌଣସି ଫରକ୍ ପଡ଼ନ୍ତାନି।.....

ମୁଁ ଚାହେଁ "ଅତିନ୍ଦ୍ରିୟ ସୁଖ".... ଯେଉଁ ସୁଖ କେବେ ସରେନା...

କାହାସହ ବାଦ, ବିବାଦ, ଛଳନା, ହିଂସା, କ୍ରୋଧ ମୋହ ମାୟା ଏ ସବୁଠୁ ଦୁରେଇ ରହେ ସେ।

ସେହି ପବିତ୍ର ଆତ୍ମା ହୋଇ... ଅତିନ୍ଦ୍ରିୟ ସୁଖ ପାଇଁ ଘୁରିବୁଲନ୍ତି ଏହି ସମଗ୍ର ଜଗତରେ ଅନୁଭବ କରିପାରନ୍ତି ସେହି ପ୍ରକୃତ ସ୍ୱାଧୀନତାର।...

ନା" ମିଳନ୍ତେ ମତେ କେହି ସ୍ୱାର୍ଥପର ବ୍ୟକ୍ତି.. ନାଁ ମୁଁ କରନ୍ତି ସମ୍ପର୍କ.. ନାଁ ମୁଁ ବନ୍ଧୁ କରନ୍ତି ସେହି ଛଳନା, ହିଂସା, କ୍ରୋଧ, ମୋହ, ମାୟାକୁ... ।

ଏକ ମୁକ୍ତ ବିହଙ୍ଗପରି ବି ସମଗ୍ର ଜଗତରେ ଘୁରି ବୁଲନ୍ତି।

"ଏ ଜଣା ଦୁନିଆ ଭିତରେ ବି ସବୁ କିଛି ଅଜଣା"।

ସେଥିପାଇଁ ଖୋଜିବୁଲୁଛି ଏମିତି ଏକ ଦୁନିଆ ଯାହା ଅଜଣା ହେଲେ ମଧ ଜଣା ଜଣା ଅନୁଭବ ହେଉଥିବା ଏବଂ କହୁଥିବ କେବେ ତୁ ଚିନ୍ତିତ ହେବୁନି ଆମେ ସମସ୍ତେ ତୋ ସହ ଅଛୁ।

ମୁଁ ସେଇଠି ହିଁ ଆଖି ବୁଜି ଦିଅନ୍ତି....

ସେହିଁ କୋଳରେ ସେହି ଅତିନ୍ଦ୍ରିୟ ସୁଖ ଆଉ କୋଉଠି ବି ମିଳିପାରିବନି।

# ଅହଂକାରୀ ରାଜକୁମାରୀ

✤ ମଧୁମୟୀ ଧିକ୍ଷିତ୍
+୩ ତୃତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ଗୋଟିଏ ରାଜ୍ୟରେ ଜଣେ ରାଜକୁମାରୀ ଥିଲେ । ସେ ଅତ୍ୟନ୍ତ ସୁନ୍ଦରୀ କିନ୍ତୁ ଗର୍ବି ଥିଲେ । ସେ ତାଙ୍କ ପିତାଙ୍କୁ ବେଖାତିର କରୁଥିଲେ । ନିଜକୁ ଯାହା ଠିକ୍ ବୋଲି ଲାଗେ ତାହା ହିଁ କରନ୍ତି । ତାଙ୍କର ପ୍ରଚୁର ଧନ ସଂପ ି ଓ ମଣିମାଣିକ୍ୟ ଥିଲା । ତେଣୁ ସେ ସମସ୍ତ ଲୋକଙ୍କୁ ହେୟଜ୍ଞାନ କରୁଥିଲେ । କିନ୍ତୁ ତାଙ୍କ ପିତାଙ୍କର ସେଭଳି କୌଣସି ବ୍ୟକ୍ତିତ୍ୱ ନଥିଲା । ସେ ଅତ୍ୟନ୍ତ ପ୍ରେମୀ, ପୂଜା ବତ୍ସଳ ଓ ସୁ ସ୍ୱଭାବର ଥିଲେ । ତାଙ୍କ ଝିଅକୁ ସେ ଆଦୌ ପସନ୍ଦ କରୁନଥିଲେ ।

ଏକଦା ସେ ତାଙ୍କ ଝିଅଙ୍କୁ ବିବାହ କରାଇବା ନିମନ୍ତେ ଗୋଟିଏ ସଂୟମ୍ବର ସଭାର ଆୟୋଜକ କରିଥିଲେ । ଏଠାରେ ଦେଶର ବିଭିନ୍ନ କୋଣ ଓ ଅନୁକୋଣର ରାଜା ଓ ମହାରାଜାମାନେ ଆସି ଉପସ୍ଥିତ ହୋଇଥିଲେ । କିନ୍ତୁ ରାଜକୁମାରୀ ଜଣଙ୍କ କାହାକୁ ବି ପସନ୍ଦ ନ କରି ସମସ୍ତଙ୍କୁ ଥଟ୍ଟା ମଜ୍ଜା କରିବା ଆରମ୍ଭ କରି ଦେଇଥିଲେ । ଏହା ଦେଖି ରାଜନ୍ୟ ମଣ୍ଡଳୀ ସେହି ସ୍ଥାନରୁ ଚାଲିଗଲେ । ଏହିପରି କିଛିଦିନ ବିତିଗଲା ଉ ।ରୁ ହଠାତ୍ ଦିନେ ରାଜକୁମାରୀ ଜଣଙ୍କ ତାଙ୍କ ସଖୀ ମାନଙ୍କ ସହ ବନବିହାର କରିବାକୁ ଯାଇଥିଲେ । ସେଠାକୁ ସ୍ୱୟଂମ୍ବର ସଭାରେ ଉପସ୍ଥିତ ଥିବା ହରିଶ୍ଚନ୍ଦ୍ର ମଧ ଆସିଥିଲେ । ଯିଏକି ସ୍ୱୟଂମ୍ବର ସଭାରେ ପରିହାସର ପାତ୍ର ମଧ ସାଜିଥିଲେ । ରାଜକୁମାରୀ ବନରେ ବିଚରଣ କରୁ କରୁ ହଠାତ୍ ଏକ ଗଭୀର ଭୟଙ୍କର ଶବ୍ଦ ଶୁଭିଲା । ଏହାଶୁଣି ରାଜକୁମାରୀ ଓ ସଖୀମାନେ ଭୟଭୀତ ହୋଇ ଛତ୍ରଭଙ୍ଗ ହେଲେ । ଠିକ୍ ସେହି ସମୟରେ ଭଗବାନ ବିଷ୍ଣୁ ଗୋଟିଏ ସିଂହ ରୂପ ଧାରଣ କରି ରାଜକୁମାରୀଙ୍କ ଆଡ଼କୁ ଆଗମନ କଲେ । ବିଷ୍ଣୁ ଆସିଥିଲେ କେବଳ ଗୋଟିଏ ଉଦ୍ଦେଶ୍ୟ ନେଇ, ଯେ କିପରି ତାଙ୍କ ଗର୍ବ ଗଂଜନ କରିବେ । ରାଜକୁମାରୀ ଜଣଙ୍କ ଚିତ୍କାର କରିବାକୁ ଲାଗିଲେ । ରାଜା ହରିଶ୍ଚନ୍ଦ୍ର ଏହା ଶୁଣିପାରିଲେ ଓ ରାଜ କୁମାରୀଙ୍କ ଆଡ଼କୁ ଆଗମନ କଲେ । ସେ ଦେଖିଲେ କି ରାଜକୁମାରୀ ଜଣେ, ଏହା ଦେଖି ସେ ଟିକେ ଭାବିଲେ । ତାଙ୍କର ମନେ ପଡ଼ିଲାକି ଯେ ସେ ରାଜକୁମାରୀ ଜଣଙ୍କ ତାଙ୍କୁ ସ୍ୱୟଂମ୍ବର ସଭାରେ ଥଟ୍ଟା ଓ ଉପହାସ କରିଥିଲେ । ତଥାପି ଏହାକୁ ଦେଖି ସେ ଖାତିର ନକରି ରାଜକୁମାରୀଙ୍କ ପାଖକୁ ଗଲେ ଓ ସିଂହ କବଳରୁ ତାଙ୍କୁ ରକ୍ଷାକଲେ । ଏହା ଦେଖି ରାଜକୁମାରୀଙ୍କ ମନରୁ ସବୁ ଗର୍ବ, ଅହଂଙ୍କାର ଦୂର ହୋଇଗଲା ଓ ସେ ରାଜା ହରିଶ୍ଚନ୍ଦ୍ରଙ୍କୁ ବିବାହ କଲେ । ନିଜର ଭୁଲ ବୁଝି ପାରିଲେ । ଗର୍ବ ଓ ଅହଂଙ୍କାର ଚିରସ୍ଥାୟୀ ନୁହେଁ ବରଂ ବନ୍ଧୁତତା ଓ ପ୍ରେମ ଚିରସ୍ଥାୟୀ ଅଟେ । ଦୁହେଁ ମିଶି ଖୁସିରେ ରହିଲେ ।

# ସୃଷ୍ଟି ପ୍ରକ୍ରିୟାର ଶୀର୍ଷରେ ନାରୀର ଭୂମିକା

✤ ହିଂମାଂଶୁ ଶେଖର ସାହୁ
+୩ ତୃତୀୟବର୍ଷ (ବାଣିଜ୍ୟ ବିଭାଗ)

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ" ।

ଅର୍ଥାତ୍, ଯେଉଁଠାରେ ନାରୀମାନଙ୍କୁ ଗତାନୁଗତିକ ଭାବରେ ପୂଜା କରାଯାଏ ବା ପୂଜନୀୟା ହୋଇପାରିଛି ସେ ଦେବତ୍ୱର ଆସନରେ ଅଳଙ୍କୃତ ହୋଇପାରିଛି । ସୃଷ୍ଟି ପ୍ରକ୍ରିୟାରେ ନାରୀର ଭୂମିକା ଅନିବାର୍ଯ୍ୟ ଅଟେ । ଏହାକୁ ସର୍ବଦା ବେଦ ଉପନିଷଦ ମଧ ମାନିଆସିଛି । ସଭିଙ୍କର ବୋଧତା ଉପରେ ଏବଂ ସୃଷ୍ଟିର ସୌନ୍ଦର୍ଯ୍ୟ ବୋଧର ଗାଥା ବହନ କରି ସମସ୍ତଙ୍କ ନୟନ ପିତୁଳାରେ ପ୍ରତିକ୍ଷଣ ବିସ୍ମୟ ଝଲକ ସୃଷ୍ଟିକରିବା ପଛରେ ନାରୀର ଭୂମିକା ଅବିସ୍ମରଣୀୟ ହୋଇରହିଛି ।

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମତରେ- "ନାରୀ ଶକ୍ତି ଏକ ଆନନ୍ଦମୟୀ, ଜ୍ୱାଳାମୟୀ, ସେ ରୁଦ୍ରାଣୀ, ସେ ଚଣ୍ଡମୁଣ୍ଡୀ, ପୁଣି ସେ ଜାୟା, ଜନନୀ, ଭଗିନୀ ଏବଂ ଧରଣୀ ଓ ସର୍ବସଂହା ଏହିଭଳି ନାରୀର ଅନେକ ରୂପ ରହିଛି । ପୁନଶ୍ଚ କୁହାଯାଇଛି- 'ଯେ ନୁହେଁ କାହାରି ପରି ସେ ନାରୀ' ଅର୍ଥାତ୍ କାୟମନ ବାକ୍ୟରେ ସଭିଙ୍କୁ ଆପଣାର ମଣି ଯେ ହୃଦୟ ସିଂହାସନରେ ସ୍ଥାନ ଦେଇଥାଏ, ତାହାକୁ ନାରୀ କୁହାଯାଏ ।

ନାରୀର ଅନେକ ପ୍ରତିଶବ୍ଦ ରହିଛି ତନ୍ମଧ୍ୟରୁ ଏକଶବ୍ଦ ହେଉଛି- "ଭାର୍ଯ୍ୟା" ଯେ କି ସଂସାରର ସମସ୍ତ ଭାରକୁ ଅକୁଣ୍ଠ ଚି    ରେ ବହନ କରିଥାଏ । ସେ ନିଜର ଭାରକୁ କାହା ଉପରେ ଲଦିଦିଏ ନାହିଁ । ଦ୍ୱିତୀୟତଃ ନାରୀ ନାମ କରଣର ସାର୍ଥକତା ହେଉଛି ସେ ନିଜେ ଅନେକ କଷ୍ଟପାଇ ମଧ ସଂସାରର ପତନକୁ ଉଦ୍ଧାର କରିବାପାଇଁ ଶତଚେଷ୍ଟିତ ହୋଇଥାଏ ।

ସେଥିପାଇଁ ଶାସ୍ତ୍ରରେ ଅଛି-

"ପତନାତ୍ ତ୍ରାୟତେ ଇତି ନାରୀ"

ପୁଣି ସେ ସଂସାରରେ ନାବକୁ ବାହି ନେବାପାଇଁ ପ୍ରତିଟି ଅବସ୍ଥାରେ ସ୍ୱାମୀ ସହ ସାମିଲ୍ ହେଉଥିବାରୁ ସହଧର୍ମିଣୀ ଭାବେ ଖ୍ୟାତି ଅର୍ଜନ କରିଥାଏ ।

ଭୋଜନେଷୁ ମାତା- ଅର୍ଥାତ୍, ଯେ ଭୋଜନ ସମୟରେ ମା' ରୂପରେ ଅବତୀର୍ଣ୍ଣ ପୂର୍ବକ ତୃପ୍ତି ପ୍ରଦାନ କରିଥାଏ । ତେଣୁ ମାତା ନାରୀର ଅନ୍ୟ ଏକ ନାମ । ଏହିପରି ଅନେକରୂପରେ ନାରୀ ଏହି ସଂସାରରେ ଅବତୀର୍ଣ୍ଣ ହୋଇଛି । ସେହିନାରୀ କେତେବେଳେ ମା' ଦୁର୍ଗାଙ୍କ ରୂପଧାରଣ କରିଛି ପୁଣିକେବେ କାଳୀରୂପେ ଅବତୀର୍ଣ୍ଣ ହୋଇ ଅଗ୍ନି ପ୍ରଜ୍ୱଳିତ କରିଛି ।

ପୁରାଣରେ ମୁନି ବାଲ୍ମୀକି, ବ୍ୟାସଦେବ ଆଦି ବିଶିଷ୍ଟ କବି ପ୍ରବରମାନେ ନାରୀଚରିତ୍ରକୁ ପ୍ରାଧାନ୍ୟ ପ୍ରଦାନକରି ବିଭିନ୍ନ ରୂପରେ ଅବତାରଣା କରିଛନ୍ତି । କେବଳ ପୁରାଣ ଯୁଗରେ ନୁହେଁ ପ୍ରତିଯୁଗରେ ତାହାର ଗାରିମା ଅବିସ୍ମରଣୀୟ । ଏହି ସଂସାରରେ ବୋଧହୁଏ ସତେଯେପରି ତାହା ଇଙ୍ଗିତରେ ଆତଯାତ ହୁଏ । ସେ ଜୀବନର ପ୍ରଦୀପକୁ ଉଦ୍‌ଜୀବିତ କରିବା ଲାଗି ଅନ୍ୟମାନଙ୍କ ଓଠରେ ସଦାସର୍ବଦା ହସ ଫୁଟାଇବା ଲାଗି ସେ କେତେବେଳେ ଅବଳା ଭାବରେ ଅନ୍ୟମାନଙ୍କ ପାଖରେ ନିନ୍ଦିତ ହୋଇଥାଏ ଏବଂ କେତେବେଳେ ଦୁର୍ବଳଭାବରେ ସବୁ ସହି ସହି ପାଲଟିଯାଏ ପାଷାଣୀ ଅହଲ୍ୟା ।

ଯେଉଁଠାରେ ନାରୀକୁ ପ୍ରସାଧନର ସାମଗ୍ରୀଭାବେ ବିବେଚନା କରି ନାରୀକୁ ସମ୍ମାନଦେଇନଥାଏ । ସେ ସମାଜର ବିକାଶ ସାଧିତଦିଗରେ ସହଯୋଗୀ ହୋଇପାରିନଥାଏ । ଯଦିଆଜି ସମାଜର ଲୋକମାନେ ଆଧାତ୍ମିକ ବାଦୀଦେବେ ଏବଂ ନାରୀ ସମାଜର ବିକାଶକ୍ଷେତ୍ରରେ ଧାନଦେବେ ତେବେ ନିଶ୍ଚିତରୂପେ ଏଦେଶ ତଥା ଜାତିର ଉନ୍ନତି ହେବ । ଏ ସଂସାର ରୂପକ ସାଗରେ ତରଣୀ ରୂପେ ଗୋଟିଏ କୂଳରୁ ଅନ୍ୟ ଏକ କୂଳକୁ ଲଘଂନ କରିବା ନିମନ୍ତେ ଜଣେ ପୁରୁଷ ସଙ୍ଗେ ହିଁ ତା'ର ସହଧର୍ମିଣୀ ରୂପେ ନାରୀ ହିଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରେ ।

ଏଣୁ ମୁଁ ଯର୍ଥାତ୍‌ରେ ମୋର କ୍ଷୁଦ୍ର ମସ୍ତିଷ୍କର ସ୍ୱଳ୍ପଜ୍ଞାନ ବଳରେ ମୁଁ ଲେଖୁଅଛି ଯେ-

ଏଣୁ ଏ କ୍ଷେତ୍ରରେ ସମସ୍ତେ ଆତ୍ମ ସଂଜମତା, କ ର୍ବ୍ୟ ନିଷ୍ଠା ଓ ଆନ୍ତରିକ ସହକାରେ ଉଦ୍ୟମ ଜାରି ରଖିବା ନିମନ୍ତେ ବିଧେୟ ଅଟେ ।

# ନୂତନ ଯୁଗରେ ଅମାନବିକତା ମଣିଷ ସମାଜ

✤ ଶୁଭଶ୍ରୀ ସାମଲ
+୩ ପ୍ରଥମ ବର୍ଷ, ସମାଜ ଶାସ୍ତ୍ର ବିଭାଗ

ମଣିଷକୁ ନେଇ ସମାଜ ସମାଜକୁ ନେଇ ମଣିଷ । କଥାଟା ହୁଏତ କାହାକୁ ଅଜଣା ନାହିଁ । କାଳର ପରିବ ର୍ନ ସଙ୍ଗେ ସଙ୍ଗେ ମଣିଷ ସମାଜ, ଅମାନବିକତା ସମାଜରେ ପରିଣତ ହେବାରେ ଲାଗିଛି । ପ୍ରତିଟି ମୁହୂ ର୍ତ୍ତରେ ଏଠି କାଳର କରାଳ ଗର୍ଜନ । ଆଉ ନାରୀର ଲୁହଭରା କଣ୍ଠର ଆତୁର ଚିତ୍କାର ଶିକ୍ଷା ମଣିଷ ସମାଜକୁ ଶିକ୍ଷିତ କରାଏ କିନ୍ତୁ ନୂତନ ଯୁଗରେ ଶିକ୍ଷା ଅଶିକ୍ଷିତ ଅମାନବିକତାର ପରିଚୟ ପ୍ରଦାନ କରୁଛି । ନାରୀ ଓ ପୁରୁଷ ସମସ୍ତେ ସମାନ । ପୁରୁଷ ଯିଏକି ଗୋଟିଏ ନାରୀର, ବାପା, ଭାଇ, ଶିକ୍ଷକ ଇତ୍ୟାଦି ହୋଇ ମଧ ନିଜ ଜୀବନର ଲାଳସା ମେ ।ଇବାକୁ ନାରୀ ସହ କଣ୍ଢେଇ ପରି ଖେଳୁଛି ଆଉ ମଧ ସବୁ ପରି ଗୋଟିଏ ପୁରୁଷ ପଛରେ ନାରୀଟିଏ ର ହାତ ଥିଲା ପରି । ନାରୀଟିଏ ନାରୀ ହୋଇ ମଧ ନାରୀର ଜୀବନ ନେବାକୁ ପଛଉନାହିଁ ।

"ନାରୀର ଶତ୍ରୁ ଯେ ଅଟଇନାରୀ
ବଢେ ଇ ରଖେନା ଦିଏ ସେ ମାରୀ" ।

କେବେ ଭୃଣ ହତ୍ୟା, ଅତ୍ୟାଚାର, ଦୁର୍ଷ୍କମ ଆଉ କେବେ ନିର୍ଯ୍ୟାତନା । ସବୁ କ୍ଷେତ୍ରରେ ସବୁ ଯୁଗରେ ସବୁ ସ୍ଥାନରେ ନାରୀ, ଲା ଞ୍ଛିତା, ପୀଡ଼ିତା । ବିଜ୍ଞାନ ଯୁଗର ଉନ୍ନତି ଘଟିଲେ ମଧ ତାର ଅପପ୍ରୟୋଗ ହେଉଛି । ସତରେ କେତେ ବିଚିତ୍ର ଏ ସମାଜ । ନୂତନଯୁଗରେ ପଦାର୍ପଣ କରି ନୂଆ ନୂଆ ରଙ୍ଗ ଢାଳିଦେବା ବଦଳରେ ରକ୍ତର ନଦୀ ବହି ଯାଉଛି । ପ୍ରତିଦିନ ଖବର କାଗଜରେ ମୃତ୍ୟୁର ଆଭାସ ଦେଖିବାକୁ ମିଳୁଛି । କେତେ କେତେ ନିରୀହ ଜୀବନର ଦୀପ ଲିଭିଗଲାଣି । ଭଗବାନ ନାରୀଟିକୁ କୋମଳ କରି ଗଢ଼ିଛନ୍ତି । କାରଣ ନାରୀଟିଏ ନିଷ୍ଠୁର ହୋଇନୁହେଁ ବରଂ କୋମଳ ହୋଇ ସମସ୍ତଙ୍କୁ ସ୍ନେହ ଦେବା ଏହାର ମାନେ ନୁହେଁ ଯେ ନାରୀଟିଏ ପୁରୁଷର ରକ୍ଷଣା ବେକ୍ଷଣ କରିବା ଏବଂ ଯତ୍ନ ନେବ । ସେମାନେ ଭାବୁନାହାଁନ୍ତି ଯେ ନାରୀ ମାନେ ପୁରୁଷ ସହ ସମାନ ନୁହଁନ୍ତି ବରଂ ପୁରୁଷ ଠାରୁ ଅଧିକ । ପୁରୁଷ ମାନଙ୍କ ମତରେ ନାରୀ ମାନଙ୍କ ଯାଗା ଚୟନ ଶଯ୍ୟାରେ ଏବଂ ଚୁଲି ମୁଣ୍ଡରେ ଏବଂ ଲାଳନ ପାଳନରେ । ଯଦି ଏଇଟା ସତ ହୋଇଥାନ୍ତା ତାହାଲେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହୋଇପାରିନଥାନ୍ତେ କି ମ୍ୟାରିକ୍ରମ୍ ଦୁଇଟା ପିଲାର ମା ହୋଇ ବିଶ୍ୱ ପ୍ରସିଦ୍ଧ Boxing Champion ହୋଇପାରିନଥାନ୍ତେ । ଗାନ୍ଧିଜୀ କହିଥିଲେ କି ଯେତେବେଳେ ଗୋଟେ ନାରୀ ଅଧରାତ୍ରୀରେ ରାଜ ରାସ୍ତାରେ ଏକାକୀ ଚାଲିପାରିବ ତେବେ ଯାଇ ଆମେ ସ୍ୱାଧୀନ ହୋଇ ପାରିବା । କୌଣସି ବାପା ମାଆ ତାଙ୍କର ପୁଅକୁ ଶିକ୍ଷା ଦିଅନ୍ତି ନାହିଁ ଯେ ଅନ୍ୟ କାହାର ଝିଅ, ସ୍ତ୍ରୀ ଉପରେ ଖରାପ ନଜର ପକାଅ । ବରଂ ଏହା ସେହି ଅମାନବିକତା

ପୁରୁଷ ଭାବନା । ନାରୀଟିଏ ନିଜର ସ୍ୱାଧୀନତାକୁ ଉପଭୋଗ କଲେ ସିଏ ଉଚ୍ଛୃଙ୍ଖଳ ସ୍ୱାଧୀନତା ପାଇଁ ଲଢ଼ିଲେ ଅପରାଧ । କିନ୍ତୁ ସ୍ୱାଧୀନତା ପାଇଁ ଇଂରେଜ ମାନଙ୍କ ପ୍ରତି ଖଣ୍ଡା ଉଠାଇଥିବା ଝାନ୍‌ସୀରାଣୀ ଲକ୍ଷ୍ମୀବାଇ ବି କ'ଣ ଉଚ୍ଛୃଙ୍ଖଳଅପରାଧୀ । ଗୋଟିଏ ମଣିଷ 45 DEL ଯାଏ ଯନ୍ତ୍ରଣା ସହିଥାଏ । କିନ୍ତୁ ପିଲା ଜନ୍ମ କଲାବେଳେ ଗୋଟିଏ ନାରୀ 57 DEL ଯାଏ ଯନ୍ତ୍ରଣା ସହିଥାଏ । ଏକା ସହିତ ୨୦ଟି ହାଡ଼ ଭାଙ୍ଗିଲା ବେଳେ ଯେତିକି କଷ୍ଟ ସେତିକି ଅର୍ଥାତ୍ ସେହି ନାରୀଠାରୁ ଜନ୍ମ ହୋଇ ପୁରୁଷ କୁହେ ନାରୀ ଦୁର୍ବଳ ଆଉ ତା ପାଇଁ ରହିବା ସ୍ଥାନ ରାସ୍ତାକଡ଼ ନ ହେଲେ ବୃଦ୍ଧାଶ୍ରମ । ଗୋଟିଏ ସୁସ୍ଥ ମଣିଷ ଦେହରେ ୫ ଲିଟର ବ୍ଲଡ ଥାଏ କିନ୍ତୁ ନାରୀ ଟିଏ ତାର ଜୀବନ କାଳରେ ୩୦ ଲିଟର ବ୍ଲଡ ବୋହିଥାଏ । ୬ ଗୁଣ ଅଧିକ ।

ନାରୀ ନୁହଁଇ ଅବଳା ଦୁର୍ବଳା
ନିର୍ଯ୍ୟାତନା ଖାଲି ସହୁଥିବ
ନାରୀ ବି ଅଟଇ ନିଆଁର ଶିଖା
ପାପର ସଂସାର ଜାଳିଦେବ ।
ନାରୀ ଅଟଇ ପ୍ରେମର ଧାରା
ସବୁବେଳେ ଖାଲି ବହୁଥିବ
ନାରୀ ପାବନୀ ଗଙ୍ଗୋତ୍ରୀ ପରା
ଅଭିଶପ୍ତ ମାଟି ଧୋଇଦେବ ।

ନାରୀର ଲୋଡ଼ା ଖାଲି ଟିକେ ଖୁସି, ଭଲପାଇବା ଏବଂ ଉଚିତ ସମ୍ମାନ କିନ୍ତୁ ଏତିକି ପାଇବା ପାଇଁ ନାରୀଟିଏ ଜୀବନସାରା ସଂଗ୍ରାମ କରି କରି ଅମାନବିକତା ମଣିଷ ସମାଜ ଶେଷରେ ତାକୁ ବ ୍ବାକୁ ଦିଏନାହିଁ । ଏବଂ ଅପେକ୍ଷା ଖାଲି କେବେ ଫେରିବ ନାରୀର ସମ୍ମାନ ।

# ମହାନ ଗଣିତଜ୍ଞ

✤ ସଂଘମିତ୍ରା ପୃଷ୍ଟି
+୩ ଦ୍ୱିତୀୟ ବର୍ଷ ବିଜ୍ଞାନ

୧୮୧୧ ମସିହା ଅକ୍ଟୋବର ୨୫ ତାରିଖ ଦିନ ପିତା ନିକେଲାସ୍ ଗାବ୍ରିଲ୍ ଗାଲୋଇସ୍ ଏବଂ ମାତା ଆଡ଼ିଲେଡ୍ ମାରି ଡେମାଂେ ଙ୍କ କୋଳ ମଣ୍ଡନ କରିଥିଲେ ମହାନ ଗଣିତଜ୍ଞ ଇ-ଭାରିଷ୍ଟ ଗାଲୋଇସ୍ଙ୍କ । ଉଭୟ ତାଙ୍କ ପିତା ଏବଂ ମାତା ବୁଦ୍ଧିମାନ ଏବଂ ଦର୍ଶନ ଶାସ୍ତ୍ରୀୟ ସାହିତ୍ୟ ଏବଂ ଧର୍ମରେ ଭଲ ଶିକ୍ଷିତ ଥିଲେ । ତଥାପି ଗାଲୋଇସ୍ଙ୍କ ପରିବାର ର କୌଣସି ସଦସ୍ୟଙ୍କ ମାଥେମାଟିସ୍ ତଥା ଗାଣିତିକ ଦକ୍ଷତା ର ଚିହ୍ନ ନାହିଁ । ତାଙ୍କର ମାତା ୧୨ ବର୍ଷ ବୟସ ପର୍ଯ୍ୟନ୍ତ ଗାଲୋଇସ୍ ର ଏକମାତ୍ର ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ସେ ତାଙ୍କୁ ଗ୍ରୀକ୍, ଲାଟିନ୍ ଏବଂ ଧର୍ମ ଶିକ୍ଷା ଦେଇଥିଲେ । ଯେଉଁଠାରେ ସେ ତାଙ୍କ ନିଜ ପୁତ୍ରକୁ ନିଜର ଅନ୍ଧବିଶ୍ୱାସ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ସେ ୬ ଅକ୍ଟୋବର ୧୮୨୩ ମସିହାରେ ଚତୁର୍ଥ ଶ୍ରେଣୀରେ ବୋର୍ଡ଼ର ଭାବରେ ଲୁଇ-ଲେ-ଗ୍ରାଣ୍ଡ ର ଲାଇସିରେ ନାମ ଲେଖାଇଥିଲେ । ତାଙ୍କର ପ୍ରଥମ କାର୍ଯ୍ୟକାଳ ମଧରେ ସାମାନ୍ୟ ବିଦ୍ରୋହ ହୋଇଥିଲା ଏବଂ ୪୦ ଜଣ ଛାତ୍ରଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯାଇଥିଲା । ଗାଲୋଇସ୍ଙ୍କର ସ୍କୁଲ ରେକର୍ଡ଼ ଭଲ ଥିଲା ଏବଂ ଅନେକ ପୁରସ୍କାର ମଧ ପାଇଥିଲେ । ତଥାପି ୧୮୨୬ ମସିହାରେ ଗାଲୋଇସ୍ଙ୍କୁ ବର୍ଷର ପୁନରାବୃତ୍ତି କରିବାକୁ କୁହାଯାଇଥିଲା କାରଣ ବାଣୀବିହାରରେ ତାଙ୍କର କାର୍ଯ୍ୟ ଆବଶ୍ୟକୀୟ ମାନ୍ୟତା ନଥିଲା ।

ଫେବୃଆରୀ ୧୮୨୭ ମସିହାରେ ଗାଲୋଇସ୍ଙ୍କ ଜୀବନରେ ଏକ ପରିବର୍ତ୍ତନଶୀଳ ସ୍ଥାନ ଥିଲା । ସେ ତାଙ୍କର ପ୍ରଥମ ଗଣିତ ଶ୍ରେଣୀ ହାଇପୋଲାଇଟ୍ ଭର୍ନିୟାର୍ ଶ୍ରେଣୀ ରେ ନାମ ଲେଖାଇଲେ । ସେ ଶୀଘ୍ର ଗଣିତରେ ଅବତୀର୍ଣ୍ଣ ହେଲେ ଏବଂ ତାଙ୍କର ଅଧ୍ୟୟନ ନିର୍ଦ୍ଦେଶକ ମଧ ତାଙ୍କୁ ବହୁ ପ୍ରଶଂସା ଏବଂ ସହଯୋଗ କରୁଥିଲେ । ଗାଲୋଇସ୍ ଙ୍କ ସ୍କୁଲ ରିପୋର୍ଟ ତାଙ୍କୁ ଏକଳ , ବିଚିତ୍ର, ମୂଳ ଏବଂ ବନ୍ଦ ବୋଲି ବର୍ଣ୍ଣନା କରିବାକୁ ଲାଗିଲା । ଏହା ଏକ Intersting କୌତୁହଳର ବିଷୟ ଯେ ବୋଧହୁଏ ଅତ୍ୟଧିକ ମୂଳ ଗଣିତଜ୍ଞ ଯିଏ ସର୍ବଦା ବଞ୍ଚିଥିଲେ ତାଙ୍କୁ ମୂଳ ବୋଲି ସମାଲୋଚନା କରାଯିବା ଉଚିତ୍ ।

୧୮୨୮ ମସିହା ରେ ଗାଲୋଇସ୍ ଇ କୋଲ୍ ପଲିଟେକ୍ନିକ୍ ପରୀକ୍ଷା ଦେଇଥିଲେ କିନ୍ତୁ ବିଫଳ ହୋଇଥିଲେ । ଏହା ପ୍ୟାରିସ୍ର ଅଗ୍ରଣୀ ବିଶ୍ୱ ବିଦ୍ୟାଳୟ ଥିଲା ଏବଂ ଗାଲୋଇସ୍ ନିଶ୍ଚିତ ଭାବରେ କୋଡ଼େମିକ କାରଣରୁ ଏଥିରେ ପ୍ରବେଶ କରିବାକୁ ଇଚ୍ଛା କରିଥିଲେ । ଏଥିସହ ଛାତ୍ର ମାନଙ୍କ ମଧରେ ରହିଥିବା ପଲିଟିକାଲ୍ ରାଜନ୍ ଗତିବିଧି ହେତୁ ସେ ଏହି ବିଦ୍ୟାଳୟରେ ପ୍ରବେଶ କରିବାକୁ ଇଚ୍ଛା କରିଥିଲେ । ଲୁଇ-ଲେ-ଗ୍ରାଣ୍ଡ ରେ, ଗାଲୋଇସ୍ ଗଣିତ ଶ୍ରେଣୀରେ ନାମ ଲେଖାଇଲେ । ତଥାପି ସେ ନିଜ ଅନୁସନ୍ଧାନରେ ଅଧିକରୁ ଅଧିକ ଏବଂ ନିଜ ବିଦ୍ୟାଳୟ କାର୍ଯ୍ୟ ରେ କମ୍ ପରିଶ୍ରମ କଲେ । ସେ ଜିଓମେଟ୍ରି ଏବଂ ଲାଗ୍ରେଞ୍ଜ ର ଗ୍ରନ୍ଥ ଗୁଡ଼ିକ ଅଧ୍ୟୟନ

କରିଥିଲେ । ଏପ୍ରିଲ୍ ୧୮୨୯ ରେ ଗାଲୋଇସ୍ ତାଙ୍କର ପ୍ରଥମ ଗଣିତ କାଗଜ ଆନ୍ନାଲେସ୍ ଡି ଗଣିତ ରେ ପ୍ରକାଶ ପାଇଥିଲା ।

ତାଙ୍କର ପିତା ଙ୍କ ଆତ୍ମହତ୍ୟା ପରେ ସେ ପୁରା ଭାଙ୍ଗି ପଡ଼ିଥିଲେ ଏବଂ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ତାଙ୍କ ଜୀବନ ଦିଗକୁ ବହୁତ ପ୍ରଭାବିତ କରିଥିଲା ଏବଂ ତାଙ୍କ ମୃତ୍ୟୁ ର କିଛି ସପ୍ତାହ ପରେ ଦ୍ୱିତୀୟ ଥର ପାଇଁ କୋଲ୍ ପଲିଟେକ୍ନିକ୍‌ରେ ପରୀକ୍ଷା ଦେଇ ବିଫଳ ହୋଇଥିଲେ ।

ଏହିପରି ଭାବରେ ଅନେକ ବିଫଳତା ପରେ ମଧ ସେ ହାର ନ ମାନି ନିଜର ସଫଳତା ହାସଲ କଲେ । ସେ ଗଣିତ ର ଅନେକ ତଥ୍ୟ ପ୍ରଦାନ କରିଥିଲେ । ସେଥପାଇଁ ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ମଧ ମିଳିଥିଲା । ଅନେକ ଗଣିତଜ୍ଞ ମଧ୍ୟରୁ ଗାଲୋଇସ୍ ଥିଲେ ଅନ୍ୟତମ । ସେ ୩୧ ମେ ୧୮୩୨ ମସିହା ରେ ସେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ଭଳି ଗଣିତଜ୍ଞ ଆଜିବି ଆମ ସମାଜକୁ ଆବଶ୍ୟକ ଏବଂ ସେମାନଙ୍କ ପାଇଁ ଆମେ ବହୁ ଗର୍ବିତ ।

# ଉନ୍ନତି ର ମାର୍ଗ ପିତା ଏବଂ ମାତା

**✤ ଶୁଭଶ୍ରୀ ସେଠୀ**

**+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)**

ପିତା ଏବଂ ମାତା ଏହି ଦୁଇଟି ଶବ୍ଦ ଜୀବନରେ ଆଗକୁ ବଢ଼ିବା ପାଇଁ ମାର୍ଗ ଦେଖାଇଥାଏ । ଏହି ଦୁଇଟି ଶବ୍ଦ ଆମକୁ ଅନେକ ବାଧାବିଘ୍ନରୁ ମୁକ୍ତ କରିଥାଏ । ଏହି ସ୍ୱାର୍ଥପର ଦୁନିଆରେ ଯଦି କେହି ଆମର ଶୁଭ ଚିନ୍ତକ ଥାଆନ୍ତି ତେବେ ସେ ହେଉଛନ୍ତି ଆମର ମାତା ଏବଂ ପିତା । ସେମାନେ ସବୁବେଳେ ଆମ୍ଭମାନଙ୍କର ଭଲ ଚାହିଁଥାନ୍ତି ଏବଂ ଆମର ମଙ୍ଗଳ ତଥା ସୁଖମୟ ଭବିଷ୍ୟତ ପାଇଁ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି । ସେମାନେ ସମୟ ସମୟରେ ଆମ୍ଭମାନଙ୍କୁ ମାଡ଼ ମାରିଥାନ୍ତି, ଗାଳି ମଧ କରିଥାନ୍ତି । କିନ୍ତୁ ତାହା ତାଙ୍କର ଅନ୍ତର ମନର କ୍ରୋଧ ନୁହେଁ କାରଣ ସେମାନେ ଆମକୁ ଯେଉଁ ଶାସନ କରିଥାନ୍ତି ତାହା ଆମ୍ଭମାନଙ୍କର ନୂତନ ଭବିଷ୍ୟତର ଟୋପାଏ ଜଳବିନ୍ଦୁ । ଯଦି ଆମ୍ଭେମାନେ ସେହି ଟୋପାଏ ଜଳକୁ ଏକ କଳସୀରେ ସୁରକ୍ଷିତ ଭାବରେ ସାଇତି ରଖିବା ତେବେ ଦିନେ ନା ଦିନେ ତାହା ଏକ ପୂର୍ଣ୍ଣ କଳସୀ ଜଳରେ ପରିଣତ ହେବ । ତେଣୁ ଆମ୍ଭେମାନେ ପିତା, ମାତାଙ୍କ ଆଦେଶ, ଉପଦେଶକୁ ମାନିବା ଆବଶ୍ୟକ । ସେମାନେ ଦେଇଥିବା ଉପଦେଶ ଓ ସେମାନଙ୍କର ଶାସନକୁ ମାନି ଆଗକୁ ବଢ଼ିଲେ ଆମେ ନିଷ୍ଚୟ ଉନ୍ନତିର ଶୀର୍ଷରେ ପହ ୍ପାରିବା ।

# ଜୀବ ଓ ବ୍ରହ୍ମ

✤ ଦେବବ୍ରତ ତ୍ରିପାଠୀ
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)
**Debabrata Tripathy**

ଅଖଣ୍ଡେ ସଚ୍ଚିଦାନନ୍ଦେ ନିର୍ବିକଳ୍ପୈକ ରୂପିଟି ।
ସ୍ଥିତେଽଦ୍ୱିତୀୟ ଭାବେ ସ୍ମିନ୍ କଥଂ ପୂଜା ବିଧୀୟତେ ॥

ଯିଏ ଅଖଣ୍ଡ, ସଚ୍ଚିଦାନନ୍ଦ, ଏକମାତ୍ର ନିର୍ବିକଳ୍ପ ରୂପ ଏବଂ ଅଦ୍ୱିତୀୟ ଭାବରେ ବିଦ୍ୟମାନ ଅଛନ୍ତି । ତାଙ୍କର ପୂଜା କିପରି ହୋଇପାରିବ ? ଅର୍ଥାତ୍ ହୋଇପାରିବ ନାହିଁ । ପୂଜା ନିମନ୍ତେ ଦ୍ୱୈତଭାବ (ପୂଜ୍ୟ-ପୂଜକ) ଆବଶ୍ୟକ ।

ଭାଷ୍ୟ - ଈଶ୍ୱର ଏକ-ସମ୍ପୂର୍ଣ୍ଣ-ଅଖଣ୍ଡ ତ ୍ୱ ଅଟନ୍ତି । ଯେତେବେଳେ ଏହା କୁହାଯାଏ କି ଜୀବ ବ୍ରହ୍ମଙ୍କର ଅଂଶ ଅଟେ, ତେବେ ଏହାର ଅର୍ଥ ହେଲାକି ଗୋଟିଏ ସମୟ ଥିଲା ଯେତେବେଳେ ଆମେ ଗୋଟିଏ ଥିଲେ ବା ବ୍ରହ୍ମଥିଲେ । କାଳାନ୍ତରରେ ଆମେ ପୃଥକ୍ ହୋଇ ତାଙ୍କର ଅଂଶ ହୋଇ ରହିଗଲେ । ପ୍ରକାରାନ୍ତରରେ ଏହାର ଅର୍ଥ ଏହା କି ବ୍ରହ୍ମ ଏକ ସାବୟକ ପଦାର୍ଥ ଥିଲା । କାଳାନ୍ତରରେ ତାହାର ବିଘଟନ ହୋଇଗଲା ଓ ତାହା ଖଣ୍ଡ ଖଣ୍ଡ ହୋଇ ସଂସାରରେ ବିଛରିତ ହୋଇଗଲା । ଯେତେବେଳେ ବ୍ରହ୍ମ ଅତିରିକ୍ତ ଅନ୍ୟକୌଣସିର ସ । ନଥିଲା ତେବେ ଏହାର ବିଘଟନ କିପରି ହେଲା ଏବଂ କିଏ କଲା ? ଯଦି ସିଏ ଆତ୍ମହତ୍ୟା କଲେ ଏବଂ ନିଜେନିଜକୁ ଖଣ୍ଡ ଖଣ୍ଡ କରିଦେଲେ, ତେବେ ପ୍ରଶ୍ନ ହେଉଛି ଯେ ସେ ଏମିତି କାହିଁକି କଲେ ? ବସ୍ତୁତଃ ପରମେଶ୍ୱର ଅଖଣ୍ଡ ଅଟନ୍ତି । ସିଏ ସର୍ବଦା ଏକ ରସ ହୋଇ ରହିଥାନ୍ତି । ତାଙ୍କଠାରେ କୌଣସି ବିକାର, ପରିଣାମ, ଅଥବା ବିଘଟନ ର କଳ୍ପନା କରାଯାଇପାରିବ ନାହିଁ ।

ଅଂଶ ସର୍ବଦା ଅବୟବୀର ଅଂଶ ହୋଇଥାଏ । ଜୀବାତ୍ମା ନିରପେକ୍ଷ ବ୍ରହ୍ମଙ୍କ ଅଂଶ- ସମ୍ପୂର୍ଣ୍ଣ ଆକାରର କଟା ହୋଇଥିବା ଭାଗ ହୋଇପାରିବ ନାହିଁ । ଶଙ୍କରାଚାର୍ଯ୍ୟଙ୍କ ମତରେ ବ୍ରହ୍ମପୂର୍ଣ୍ଣ ତଥା ଅବିଭକ୍ତ ରୂପରେ ଜୀବାତ୍ମା ରୂପରେ ହିଁ ବିଦ୍ୟମାନ ।

# ଗର୍ବ ଠାରୁ ଦୂରରେ ରୁହ

❖ ଦୀପ୍ତିପ୍ରିୟଦର୍ଶିନୀ ସାହୁ
+୨ ଦ୍ୱିତୀୟ ବର୍ଷ ବିଜ୍ଞାନ

ପ୍ରବଳ ପରାକ୍ରମୀ ଦାନବରାଜ ହିରଣ୍ୟକଶ୍ୟପଙ୍କ ସଂହାରଲୀଳା ଶେଷକରି ପ୍ରଭୁ ନୃସିଂହ ତାଙ୍କ ପୁତ୍ର ତଥା ଏକନିଷ୍ଠ ଭକ୍ତ ପ୍ରହ୍ଲାଦଙ୍କୁ ସିଂହାସନରେ ବସାଇ ନିର୍ଦ୍ଦେଶ ଦେଲେ, "ଯାଅ ବତ୍ସ! ତୁମେ ପାତାଳପୁରରେ ରାଜାଧିରାଜ ହୋଇ ସୁଖରେ ଶାସନ କର । ପ୍ରଭୁଙ୍କ ଆଶିଷ ଲାଭ କରି ଭକ୍ତ ପ୍ରହ୍ଲାଦ ପାତାଳପୁରୀରେ ନିଜର ସାମ୍ରାଜ୍ୟ ବିସ୍ତାର କରି ସୁଶାସନ ଚଳାଇଲେ । ମହର୍ଷି ଭୃଗୁଙ୍କ ପୁତ୍ର ଋଷି ଚ୍ୟବନ ପବିତ୍ର ନର୍ମଦା ନଦୀରେ ସ୍ନାନ କରୁଥିଲାବେଳେ ଏକ ଭୟଙ୍କର ସର୍ପ ତାଙ୍କ ଦେହରେ ଗୁଡ଼େଇ ହୋଇ ଗଭୀର ଜଳ ମଧ୍ୟକୁ ଟାଣି ନେଇଗଲା । ଋଷି ଚୈବନ ଯେତେ ଚେଷ୍ଟାକଲେ ମଧ ସର୍ପ କବଳରୁ ନିଜକୁ ମୁକ୍ତ କରିପାରିଲେନି । ଭଗବାନଙ୍କୁ ସ୍ମରଣ କରୁ କରୁ ଅଚେତ୍ ହୋଇଗଲେ । ଚେତା ଫେରିବା ପରେ ସେ ନିଜକୁ ଆବିଷ୍କାର କଲେ ଏକ ସୁନ୍ଦର ପ୍ରମୋଦ କକ୍ଷରେ ସେଠାରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଦେଖୁଦେଖୁ ନାଗକନ୍ୟା ମାନେ ନୃତ୍ୟଛନ୍ଦରେ ଆସି ତାଙ୍କର ପୂଜାର୍ଚ୍ଚନା କଲେ । ଋଷି ସେଠାରେ କିଛିଦିନ ରହିବା ପାଇଁ ଚାହିଁଲେ । ଋଷି ଯେପରି କୌଣସି କାରଣରୁ ଅସନ୍ତୁଷ୍ଟ ନହେବେ ସର୍ପରାଜ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟିଦେଲେ ।

ଦିନେ ସେ ବୁଲୁବୁଲୁ ସୁବର୍ଣ୍ଣ ନିର୍ମିତ ଏକ ବିଶାଳ ରାଜପ୍ରସାଦ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଭିତରକୁ ପ୍ରବେଶ କରିବା ମାତ୍ରେ ଦାନବରାଜ ପ୍ରହ୍ଲାଦ ତାଙ୍କୁ ପ୍ରଣାମ ଜଣାଇ ପାଦପୂଜା କଲେ । ଋଷିଙ୍କୁ ଆସନରେ ବସାଇ ବିନୟ ସହକାରେ ପ୍ରଶ୍ନକଲେ, "ହେ ମହାଭାଗ! ଆପଣ ପାତାଳ ଲୋକକୁ ଆସିଲେ କିପରି ? ଏହିପରି ପ୍ରଶ୍ନ ପଚାରି ସେ ତାଙ୍କ ମନର ସନ୍ଦେହ ଦୂର କଲେ । ଋଷି ଚୈବନ ପ୍ରହ୍ଲାଦଙ୍କ କଥାଶୁଣି ମୃଦୁମୃଦୁ ହସି କହିଲେ, "ହେ ମହାରାଜ! ଇନ୍ଦ୍ରଙ୍କ ସହିତ ମୋର ବା କଅଣ ସଂପର୍କ ? ମୁଁ ବା କାହିଁକି ତାଙ୍କର ଗୁପ୍ତଚର ହେବି ? ମୁଁ ଭୃଗୁପୁତ୍ର ଚ୍ୟେବନ । କଥା କହୁ କହୁ ଋଷି ଏଯାବତ୍ ଘଟିଥିବା ସବୁ ଘଟଣା କହିଗଲେ । ଦାନବରାଜ ପ୍ରହ୍ଲାଦ ଋଷିଙ୍କ ଠାରୁ ଜାଣିବାକୁ ଚାହିଁଲେ କେଉଁ ତୀର୍ଥ ସବୁଠାରୁ ବେଶୀ ପବିତ୍ର । ଋଷି କହିଲେ ଯେ ସବୁଠାରୁ ବେଶୀ ପୁଣ୍ୟତୀର୍ଥ ହେଉଛି ନୈମିଷ୍ୟାରଣ୍ୟ । ଜୀବନରେ ଥରେ ନୈମିଷ୍ୟାରଣ୍ୟରେ ପହ ି ସେଠାକାର ମନୋରମ ଦୃଶ୍ୟ ଦେଖି ସମସ୍ତେ ମୁଗ୍ଧ ହେଲେ ।

ଦାନବରାଜ ଭ୍ରମଣ କରୁକରୁ ଏକ ବିଶାଳ ବଟବୃକ୍ଷ ଦେଖିଲେ । ମାତ୍ର ଏ କ'ଣ ? ଏହାର କୋରଡ଼ରେ ଏତେ ବାଣ ରଖିଛି କିଏ ? ଦାନବରାଜ ବଟଛାୟାରେ ବସି ଏହିକଥା ଭାବୁଥିଲା ବେଳେ ତପସ୍ୱୀ ବେଶରେ

ନର ନାରାୟଣ ସେଠାରେ ପହ   ିଲେ । ସେମାନଙ୍କୁ ଦେଖି ଦାନବରାଜ କହିଲେ । ତୁମେମାନେ ତପସ୍ୱୀ ନା ଯୋଦ୍ଧା ? ତୁମରି ମାନଙ୍କ ପରି ଛଦ୍ମବେଶୀ ଭଣ୍ଡଙ୍କ ପାଇଁ ଧର୍ମର ଅବନତି ଘଟୁଛି । ନର ନାରାୟଣ କ୍ଷୁବ୍ଧ ହୋଇ କହିଲେ, "ହେ ରାଜନ୍! ନିଜ କାମ ନିଜେ କର । ଆମେ ସମର୍ଥ ସିଦ୍ଧ ଓ ତପସ୍ୟା କ୍ଷେତ୍ରରେ ଆମେ ଦକ୍ଷ । ଆମ ସଂପର୍କରେ ମୁଣ୍ଡ ଖେଳାଅ ନାହିଁ । ଇଚ୍ଛାନୁସାରେ ଆମେ ସବୁକିଛି କରିପାରୁ । ଦାନବରାଜ ରାଗିଉଠିଲେ । "ନିଜର ତପସ୍ୟା ଏବଂ ବଳ ଉପରେ ତମର ଏତେ ଅଭିମାନ ? ଜାଣିଛନା ତୁମେ କାହା ସାମ୍ନାରେ କଥା କହୁଛ ? ମୁଁ ଦାନବରାଜ ପ୍ରହ୍ଲାଦ । ମୋହରି ବଳରେ ଧର୍ମ ଅକ୍ଷୁର୍ଣ୍ଣ ରହିଛି । ଭଗବାନ୍ ଶ୍ରୀହରି ମୋ ସହିତ ଅବସ୍ଥାନ କରିଛନ୍ତି । ତିନିପୁରରେ ମୋଠାରୁ ଅଧିକ ବଳବାନ୍ କେହିନାହିଁ । ସାହାସ ଅଛି ତ ଯୁଦ୍ଧପାଇଁ ପ୍ରସ୍ତୁତ ହୁଅ ।

ଦୁଇଜଣଙ୍କ ମଧରେ ଭୟଙ୍କର ଯୁଦ୍ଧ ଆରମ୍ଭ ହେଲା । ଦାନରାଜଙ୍କ ବାଣ ଓ ଗଦା କୁ ନରନାରାୟଣ ନଷ୍ଟ କରିଦେଲେ । ଶକ୍ତିକୁ ମଧ ପଣ୍ଡ କରିଦେଲେ । ଦାନବରାଜ କିଛି ଉପାୟ ନପାଇ ଭଗବାନଙ୍କୁ ସ୍ମରଣ କଲେ । ଭଗବାନ୍ ଆସି ରଥରେ ବିଜେ କଲେ । ଦାନରାଜ ଭଗବାନଙ୍କୁ ପ୍ରଣିପାତ କରି କହିଲେ, ହେ ଭଗବାନ୍! ମୁଁ ଏହି ଭଣ୍ଡ ତପସ୍ୱୀମାନଙ୍କ ଠାରୁ ସେମାନେ କଣ ଅଧିକ ଶକ୍ତିଶାଳୀ ? ମୋ ଠାରୁ ବଡ଼ ଭକ୍ତ ଆପଣଙ୍କର ?

ଭଗବାନ୍ ହସିହସି କହିଲେ, ତୁମେ ମୋର ଏକନିଷ୍ଠ ଭକ୍ତ । ପରମଧାର୍ମିକ । କିନ୍ତୁ ତୁମେ ସେମାନଙ୍କ ଠାରୁ ଯୁଦ୍ଧରେ ବିଜୟଲାଭ କରିପାରିବନି, ଏହା ସତ୍ୟ । କାରଣ- ସେମାନେ ମୋର ଅଂଶାବତାର । ତୁମର ଧର୍ମ, ନିଷ୍ଠା ପରୀକ୍ଷା କରିବା ପାଇଁ ଏଠାକୁ ଆସିଛନ୍ତି । ମୋର ଭକ୍ତ ହିସାବରେ ତୁମର ଗର୍ବ କରିବା ଉଚିତ୍ ହୋଇନାହିଁ । ନିଜକୁ ବଡ଼ ଧାର୍ମିକ ଓ ବଳଶାଳୀ ବୋଲି କହି ଯୁଦ୍ଧପାଇଁ ଆହ୍ୱାନ ଦେବା ମଧ ଉଚିତ୍ ହୋଇନାହିଁ । ଗର୍ବ କଲେ ନିଜର ଶକ୍ତି ସମ୍ମାନ ପୂର୍ଣ୍ଣ ହୁଏ । ଏକଥା ତମେ ଜାଣି ରଖିବା ଉଚିତ୍ । ତମେ ସେମାନଙ୍କୁ କ୍ଷମା ମାଗ ଏବଂ ନିଜ କ   ର୍ବ୍ୟରେ ଅବିଚଳ ରୁହ । ସର୍ବଦା ଗର୍ବଠାରୁ ଦୂରରେ ରୁହ ।

ଭଗବାନ ଏତକ କହି ଅନ୍ତର୍ଦ୍ଧାନ ହୋଇଗଲେ । ଦାନବରାଜ ପ୍ରହ୍ଲାଦ ନର ନାରାୟଣଙ୍କୁ ପ୍ରଣାମ କରି ହିମାଳୟ ଅଭିମୁଖେ ଯାତ୍ରା କଲେ ।

# ହେ କୃଷ୍ଣ ତୁମେ ହିଁ ଜଗତ

✤ ଚିନ୍ମୟୀ ରଣା
+୩ ବିଜ୍ଞାନ (ପ୍ରାଣୀ ବିଜ୍ଞାନ ସମ୍ମାନ)

ହେ କୃଷ୍ଣ ତୁମେ ହିଁ ଆଦି, ତୁମେ ହିଁ ଅନ୍ତ । ତୁମେ ହିଁ ସୃଷ୍ଟିକ ୍ଭ । ତୁମେ ହିଁ ବିନାଶକାରୀ, ତୁମେ ସର୍ବତ୍ର ବିଦ୍ୟମାନ । ତୁମ୍ଭ ଅସରନ୍ତି ଜ୍ୟୋତିର ପରିପ୍ରକାଶ ଏ ସର୍ବବ୍ୟାପୀ ବିଶାଳ ଜଗତ । ଏ ଜୀବନର ଆରମ୍ଭ ତୁମ୍ଭଠାରେ ଶେଷ ବି ତୁମେ ।

ତୁମ ନିକଟରେ ପହ ୍ବାକୁ ପ୍ରୟାସ୍ । ତୁମକୁ ଖୋଜିବାର ପ୍ରୟାସ୍ ।

ତୁମେ ହିଁ ତ ଶୂନ୍ୟତାରେ ପୂର୍ଣ୍ଣତା ଆଣିଦିଅ, ତୁମେ ହିଁ ପୂର୍ଣ୍ଣ । ପୂର୍ଣ୍ଣ ହେବାର ପ୍ରୟାସ୍ । ଜୀବନର ଜ୍ୟୋତି ତୁମ୍ଭଠାରେ ହିଁ ଲୀନହେଉ । ତୁମ ପରିପ୍ରକାଶରେ ଆତ୍ମ ପରିପ୍ରକାଶର ଇଚ୍ଛା ।

କେବେ କେବେ ଅନୁଭବ ହେଉଛି ମୁଁ ଏକା । ତୁମକୁ ନିଜ ଭିତରେ ପାଇବାକୁ ଚେଷ୍ଟା କରୁଛି । ସଦା ସର୍ବଦା ତୁମରି ଭିତରେ ହଜିଯିବାକୁ ଇଚ୍ଛା ହେଉଛି । ହେଲେ ମାୟା ଠାରୁ ଦୂରେଇବି କେମିତି । ମାୟା ଠାରୁ ନଦୂରେଇଲେ ତୁମକୁ ପାଇବି କେମିତି ? ମାୟାକୁ ଛାଡ଼ିବା ଏତେ ସହଜ ନୁହେଁ ।

ମୁଁ ତୁମର । ମୁଁ ନିଜର ନୁହେଁ । ସଦା ସର୍ବଦା ତୁମର । ଜୀବନର ପ୍ରତି ପୃଷ୍ଠାରେ ପ୍ରତିକ୍ଷଣର ରୋମମନ୍ଥନରେ ସମସ୍ତେ, ଥାଇ ବି ଏକାକୀ ଭଳି ପ୍ରତ୍ୟୟମାନ ହୁଏ । ମୁଁ କିଏ ? ଏଠିକି କାହିଁକି ଆସିଛି ? ବାପା ମୋ ଜନ୍ମ ପଛର ଉଦ୍ଦେଶ୍ୟ ଜାଣିବାକୁ ଚାହେଁ ମୁଁ । ତୁମେ ହିଁ ଜଣେଇବ ମତେ । ଖୋଜୁଛି ତୁମକୁ ମୁଁ । ଏ ଦୁନିଆରୁ ବହୁତ ଦୂରରେ ।......

ଜୀବନ ଦୁଃଖ ପୂର୍ଣ୍ଣ, ତୁମେ ହିଁ ଆତ୍ମାରେ ଆନନ୍ଦ ଆଣିଦିଅ । ତୁମ ପ୍ରେମର ସଜ୍ଞା ନାହିଁ । ସବୁ ଯୁଗରେ ଥିଲ ତୁମେ ମନୁଷ୍ୟ ରୂପରେ ଏ ଯୁଗରେ କେଉଁଠି ଅଛ ତୁମେ ? ଏ ପର୍ଯ୍ୟନ୍ତ ପାଉନି ମୁଁ ତୁମକୁ କାହିଁକି । କ'ଣ ଏ ଭକ୍ତ ତୁମର ପାଇବ ତୁମକୁ କେବେ କେବେ... ?

ପ୍ରେମ, ଜ୍ଞାନ, ଆନନ୍ଦ, ପୂର୍ଣ୍ଣତା ସମସ୍ତର ଭଣ୍ଡାର ତୁମେ । କାହିଁକି ଏତେ ଖୋଜୁଛି ମୁଁ ତୁମକୁ । ତୁମ ମଧ୍ୟରେ ନିଜକୁ ପାଇବାର ପ୍ରଚେଷ୍ଟାରେ ନୁହେଁ ତ । ସ୍ୱାର୍ଥପର ବହୁତ ନା ବହୁତ ମୁଁ ?

ମାୟା ଦୁନିଆରୁ ବହୁ ଉର୍ଦ୍ଧ୍ୱକୁ ଚାଲିଯିବାକୁ ମନ ।

# ଭାଗ୍ୟ ଓ ପରିଶ୍ରମ

✤ ଶୁଭସ୍ମିତା ସେଠୀ
+୩ ଦ୍ୱିତୀୟ ବର୍ଷ କଳା

ଗୁରୁଙ୍କୁ ଜଣେ ଅନୁଗାମୀ ପଚାରିଲା - ଯଦି ସବୁ କିଛି ଈଶ୍ୱର ଦେଇଛନ୍ତି, ତେବେ ପରିଶ୍ରମ କରିବାର ଆବଶ୍ୟକତା କ'ଣ ? ଭାଗ୍ୟରେ ଯାହାଅଛି ତାହାତ ମିଳିବ । ଗୁରୁ ଏକଥା ଶୁଣି ସେହି ବ୍ୟକ୍ତିକୁ ଗୋଟିଏ ଆମ୍ବଗଛ ମୂଳକୁ ଡାକିନେଲେ, ଏକ ବିଶାଳ ଆମ୍ବଗଛରେ ରସାଳ ଆମ୍ବ ଫଳିଥିଲା । ଗୁରୁ କହିଲେ- ଦେଖ, ଭଗବାନ ଆମକୁ ସୁସ୍ୱାଦୁ ଆମ୍ବ ଦେଇଛନ୍ତି । ତୁମେ ଆମ୍ବ ପାଇବାକୁ ହେଲେ ଦୁଇଟି ମାର୍ଗ ଅଛି । ଗୋଟିଏ ହେଲା, ଆମ୍ବ ଗଛ ଚଢ଼ି ସୁସ୍ୱାଦୁ ଆମ୍ବଟିଏ ତୋଳିବା, ଦ୍ୱିତୀୟଟି ହେଲା, ଆମ୍ବ ଗଛ ମୂଳରେ ବସି ଆମ୍ବଟିଏ ପଡ଼ିବାଯାଏଁ ଅପେକ୍ଷା କରିବା, ଏମିତି ବସିରହିଲେ ଜଣେ ଅବଶ୍ୟ ଆମ୍ବଟିଏ ପାଇଯାଇପାରେ କିନ୍ତୁ ଭଲ ଆମ୍ବଟିଏ ପାଇବାଲାଗି ହେଲେ ତୁମକୁ ତଳୁ ଆମ୍ବଟିଏ ବାଛି ଲକ୍ଷ୍ୟ ସ୍ଥିର କରି ଚଢ଼ିବାକୁ ହେବ । ସେତିକି ପରିଶ୍ରମ କଲେ ଯାଇ ସେଇ ଆମ୍ବଟି ପାଇବା କିନ୍ତୁ ତଳେ ବସି ରହିଲେ ଯେଉଁ ଆମ୍ବ ପଡ଼ିବ, ତାହା ଭଲ କି ଖରାପ ତାହା କହି ହେବ ନାହିଁ, ଭଲ ବି ପଡ଼ିପାରେ, କିନ୍ତୁ ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହେବାକୁ ପଡ଼ିବ । ଈଶ୍ୱର ସେମିତି ହିଁ ଚାହାଁନ୍ତି । ଭଲ ଫଳ ପାଇବାକୁ ହେଲେ ପରିଶ୍ରମ କରିବାକୁ ହେବ । ପରିଶ୍ରମ ନ କରି ବସି ରହିଲେ ଈଶ୍ୱର ତାଙ୍କ ମର୍ଜିରେ ଯାହା ପକାଇବେ ତାହା ନେବାକୁ ବାଧ୍ୟ ହେବ ।

ଲୋକଟି କହିଲା- ପରିଶ୍ରମ କଲେ ଯଦି ସବୁ ମିଳିବ, ତେବେ ଈଶ୍ୱରଙ୍କୁ ଜଣେ ଡାକିବ କାହିଁକି ?

ଗୁରୁ କହିଲେ- ଭଲ ଆମ୍ବ ପାଇଁ ଲକ୍ଷ୍ୟ ସ୍ଥିର କରି ଗଛ ଚଢ଼ି ଆମ୍ବ ପାଖରେ ପହଁ ତୋଳିବା ଲାଗି ହାତ ବଢ଼ାଉଥିବା ବେଳେ ଗୋଡ଼ ଖସି ଜଣେ ଗଛରୁ ତଳକୁ ଖସି ପଡ଼ିପାରେ । ସେଥିଲାଗି ଈଶ୍ୱରଙ୍କୁ ବି ପ୍ରାର୍ଥନା କରିବା ଦରକାର । ଈଶ୍ୱର ନ୍ୟାୟବନ୍ତ । ତେଣୁ ଏମିତି ଗୋଡ଼ ଖସିଯିବାର ଦୃଷ୍ଟାନ୍ତ କମ୍ । ଆମ୍ବ ଲାଗି ଗଛ ଚଢ଼ିଥିବା ଅଧିକାଂଶ ଲୋକଙ୍କୁ ଚାହିଁଥିବା ଆମ୍ବଟି ମିଳିଥାଏ ।

# ନାରୀ

✤ ଜୟସ୍ମିତା ପଣ୍ଡା
+୩ ଦ୍ୱିତୀୟ ବର୍ଷ କଳା (ସଂସ୍କୃତ ସମ୍ମାନ)

ନାରୀ ହେଉଛି ଆମ ଭାରତର ସମ୍ମାନ, ନାରୀକୁ କେବେ ମନ୍ଦ ଭାବିବା ଉଚିତ୍ ନୁହେଁ । କାହିଁକି ନା ନାରୀ କେତେବେଳେ ମା'ତ କେତେବେଳେ ଝିଅ, କେତେବେଳେ ସ୍ତ୍ରୀ ତ କେତେବେଳେ ଭଉଣୀ, ନାରୀ ଅନେକ ରୂପରେ ଆମ ପୃଥିବୀରେ ବସବାସ କରୁଛନ୍ତି । ଯେକୌଣସି ପୁରୁଷର ସଫଳତା ପଛରେ ନାରୀର ହାତ ରହିଥାଏ । ନାରୀ ସବୁକ୍ଷେତ୍ରରେ ଆମକୁ ସାହାଯ୍ୟ କରିଥାଏ ।

ନାରୀର ଭାବନା ସ୍ୱାଭାବିକ ସରଳ, ନିର୍ମଳ ଓ ପବିତ୍ରତା ଥାଏ ସେ ଉପରେ ଯେତେ କଠୋର ହେଲେ ମଧ୍ୟ ତାର ମନ ଭିତରଟା ସମ୍ପୂର୍ଣ୍ଣ କୋମଳ । ସେ କାହା ବିଷୟରେ ମନ୍ଦ ଭାବିଲେ ଅନୁତାପ କରିଥାଏ ଓ ନିଜକୁ ନୀଚ ମନେ କରିଥାଏ । ଆଜିକାଲି ଯୁଗରେ ସମସ୍ତେ ନାରୀ ଉପରେ ହୁକୁମ୍ ଚଳାଇବା ଆରମ୍ଭ କରିଦେଇଛନ୍ତି, ଆଉ ସେହି ସୁଯୋଗରେ ନେଇ କେତେକ ନାରୀ ବିଶ୍ୱାସରେ ବିଷ ଦେଉଛନ୍ତି । ତଥାପି ସବୁନାରୀ ଏପରି ନୁହଁନ୍ତି । ସାରା ସଂସାରରେ ଏମିତିବି ନାରୀ ଅଛନ୍ତି ଯେଉଁମାନେ ଏ ଦୁନିଆକୁ ସୁନ୍ଦର କରିବାକୁ ଚାହୁଁଛନ୍ତି, ନାରୀହିଁ ସର୍ବଶକ୍ତିମାନ ।

# କଳି ଯୁଗର କଳ୍କି ଅବତାର

✤ ସମାପିକା ସାହୁ
+୩ ଦ୍ୱିତୀୟ ବର୍ଷ (ଉଭିଦ ବିଜ୍ଞାନ)

ମୁଁ ଜାଣିନଥିଲି ମୋ ଜୀବନରେ ଏମିତି ବି ଏକ ଦିନ ଆସିବ । ଯାହା ବିଷୟରେ ମୋର ଟିକେ ବି ଅଭିଜ୍ଞତା ନଥିଲା । ଏହି ମହାଯୁଦ୍ଧରେ ଏତେ ସୈନିକଙ୍କର ରକ୍ତପାତ ହେବ ବୋଲି କେହି ଜାଣି ନଥିଲେ । କେହି ଜାଣିବେ କ'ଣ ? କେହି ସ୍ୱପ୍ନରେ ସୁଧା ଭାବିନଥିଲେ ।

ହେ ଭଗବାନ୍! ଆପଣଙ୍କର ଏହି ବିଶାଳ ଦୁନିଆରେ ଏହି କ୍ଷୁଦ୍ର ରାକ୍ଷସଟିକୁ କେଉଁଠି ଲୁଚାଇ ରଖିଥିଲେ । ଯେଉଁଥିପାଇଁ ଅଗଣିତ ସୈନ୍ୟମାନଙ୍କର ମୃତ୍ୟୁ ହେଲା ଏବଂ ସେ ସମୟରେ ଆପଣ କେଉଁଠି ଥିଲେ ।

ଆପଣ ତ ଏ ଧରାଶ୍ରାୟୀ ଧରିତ୍ରୀର ହ   ୍ା, କ   ୍ା ଦଇବ ବିଧାତା । ଆପଣ କ'ଣ ଏହି ନିର୍ଦ୍ଦୋଷ, ନିରପରାଧୀ ମନୁଷ୍ୟର ଟିକେ ବି ସହଯୋଗ କରିବେନି । ଯେଉଁମାନେ ବିନା କାରଣରେ ନିଜ ପ୍ରାଣତ୍ୟାଗ କରୁଛନ୍ତି ।

ମୁଁ ତ ସାମାନ୍ୟ ମଣିଷଟିଏ । ଯିଏ ଦି ଓଳି କାମ କରି ଦି ପଇସା ରୋଜଗାର କରି ନିଜ ଗୁଜୁରାଣ ମେ   ।ଏ । ତଥାପି ମୋ ମନରେ ଏ ନିରୀହ ମନୁଷ୍ୟମାନଙ୍କ କଥା ଭାବି ମୋ ହୃଦୟ କମ୍ପିତ ହୋଇ ଉଠୁଛି ।

କ'ଣ କରିଥିଲେ ଏ ମନୁଷ୍ୟମାନେ । ସେମାନେ ତ କେବଳ ଆପଣଙ୍କ ନିର୍ଦ୍ଦେଶରେ ହି ଚାଲୁଥିଲେ । ତେବେ କାହିଁକି ଆପଣ ଏମାନଙ୍କର କଠିନ ପରୀକ୍ଷା ନେଉଛନ୍ତି ।

ମୋର ବିଶ୍ୱାସ ଅଛି ଏହି "ଜନ୍ମ-ମୃତ୍ୟୁ" ପରୀକ୍ଷାରେ ସେମାନେ ନିଃଶ୍ଚିତ ଭାବେ ସଫଳ ହେବେ ।

ହେ ଭଗବାନ୍! ଆପଣଙ୍କୁ ମୋର ଏକ ମାତ୍ର ପ୍ରଶ୍ନଟିଏ,

"ଏହି ମନୁଷ୍ୟମାନଙ୍କର ଦୋଷଟି କ'ଣ ଯେ ଆପଣ ସେମାନଙ୍କର ଏପରି ଜଟିଳ ପରୀକ୍ଷା ନେଉଛନ୍ତି ।"

ହଠାତ୍ ଏକ ଉଜ୍ଜ୍ୱଳ ଜ୍ୟୋତି ଦୃଶ୍ୟମାନ ହେଲା । ଆଉ ଏକ ଶବ୍ଦ ଶୁଣାଗଲା ।

"ହେ ମାନବ"! ତୁମର ପ୍ରଶ୍ନର ଉ   ର ମୋ ପାଖରେ ଅଛି ।

ତୁମେ ଜାଣିବାକୁ ଚାହୁଁଛ ଯେ କାହିଁକି ମୁଁ ଏହି ମନୁଷ୍ୟ ମାନଙ୍କର ଜଟିଳ ପରୀକ୍ଷା ନେଉଛି ।

ମୁଁ ଉତ୍କଣ୍ଠାର ସହ କହିଲି ହଁ ମୁଁ ଜାଣିବାକୁ ଚାହେଁ ।

"ଭଗବାନ୍" ଉ    ର ଦେଲେ-

ଏହି ବିଶାଳ ଧରିତ୍ରୀ ମୋର ପ୍ରିୟପୁତ୍ରୀ । ତା'ର ସବୁ ସୁଖଦୁଃଖରେ ମୁଁ ତା' ସାଥିରେ ଥାଏ ।

ମୁଁ ତାର ବିବାହ କରାଇଲି ପ୍ରକୃତି ସହିତ । ଯିଏ କମନୀୟ ଚନ୍ଦ୍ରର ଶୁଭ୍ର ଜ୍ୟୋତ୍ସ୍ନାରେ ପୁଲକିତ ହୋଇଉଠେ । ଉଦୀୟମାନ ରବିଙ୍କ ଜ୍ୟୋତିରେ ଆଲୋକିତ ହୋଇଥାଏ । ଧରିତ୍ରୀକୁ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ ।

ସେମାନଙ୍କର ବୈବାହିକ ଜୀବନ ସୁଖମୟ ଥିଲା । ଧରିତ୍ରୀର ଗର୍ଭରୁ "ପ    ଭୁତ" ଜନ୍ମନେଲେ । (ବାୟୁ, ଜଳ, ଅଗ୍ନି, ଆକାଶ, ମାଟି)

ହେଲେ ଏହାପରେ ସେମାନଙ୍କ ଜୀବନରେ ବିପଦ ସାଜି କଳାବାଦଲ ମାଡ଼ି ଆସିଲା ।

ମୁଁ - ଉତ୍କଣ୍ଠାର ସହ କଳାବାଦଲ ?

ଭଗବାନ - ହଁ ସେ କଳାବାଦଲ ହେଉଛନ୍ତି ଚାରୋଟି ଯୁଗ - (ସତ୍ୟଯୁଗ, ତ୍ରେତୟା ଯୁଗଗ, ଦ୍ୱାପର ଯୁଗ, କଳିଯୁଗ)

ସେମାନେ ନିଜର କୁକର୍ମ ବଳରେ ମୋ ଜ୍ୟୋଇଁ ପ୍ରକୃତି ସହ ବିବାହ କରିନେଲେ ।

ସେହି ଚାରିଯୁଗର ସନ୍ତାନମାନେ ହେଉଛନ୍ତି ଏହି କୁଳାଙ୍ଗାର ମନୁଷ୍ୟମାନେ ।

ଏହି କୁଳାଙ୍ଗାର ମନୁଷ୍ୟମାନଙ୍କୁ ବାଟକୁ ଆଣିବା ପାଇଁ ମତେ ଧରାପୃଷ୍ଠରେ ଜନ୍ମ ନେବାକୁ ପଡ଼ିଲା । କିନ୍ତୁ ମୁଁ ମୋ ଶକ୍ତି ବଳରେ କେବଳ ତିନିଥର ଜନ୍ମ ନେଇ ପାରିବି ।

ତେଣୁ ମୁଁ ସତ୍ୟଯୁଗରେ- ଶ୍ରୀଜଗନ୍ନାଥ, ତ୍ରେତୟା ଯୁଗରେ- ଶ୍ରୀରାମ, ଦ୍ୱାପର ଯୁଗରେ-ଶ୍ରୀକୃଷ୍ଣ ଅବତାରରେ ଜନ୍ମନେଇ ପାପୀ, ରାବଣ ଓ ଅଧର୍ମୀ, କୁକର୍ମୀ କୁରୁବଂଶୀ ମାନଙ୍କର ବିନାଶ କଲି ।

ଧରିତ୍ରୀ, ତ୍ରେତୟା, ଦ୍ୱାପର, ସତ୍ୟ, ଚାରିଭଉଣୀ ହୋଇଗଲେ ।

ଏହାପରେ କଳିଯୁଗରେ ଅଶାନ୍ତ, କୁକର୍ମ, ଅନ୍ୟାୟ, ପାପ ଖୁବ୍ ଜୋର୍‌ରେ ବଢ଼ିବାକୁ ଲାଗିଲା କିନ୍ତୁ ମୁଁ ଏଠାରେ ମନୁଷ୍ୟ ଅବତାର ନେଇପାରିବି ନହିଁ । ତେଣୁ ମୋର ଜ୍ୟୋଇଁ ପ୍ରକୃତି ନିଜର ସନ୍ତାନ ମାନଙ୍କୁ ବାଟକୁ ଆଣିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଦାନ କରିଦେଲେ । ଯାହାର ଫାଇଦା ଉଠାଇ ଏହି ଅଧର୍ମୀ ମନୁଷ୍ୟ ମାନେ ନଷ୍ଟ କରିଦେଲେ "ପ୍ରକୃତିଙ୍କୁ" ।

ସେମାନେ ତାଙ୍କର କୋମଳ, ସୁନ୍ଦର ପିତାଶ୍ରୀଙ୍କୁ ନଷ୍ଟ କରିଦେଲେ କଳାକାରଖାନା, ନିଜର ସୁବିଧା ପାଇଁ ଜିନିଷ, ଯନ୍ତ୍ରପାତି ଇତ୍ୟାଦି... ବ   ମାନ ପ୍ରକୃତି ମୃତ୍ୟୁଶଯ୍ୟାରେ ।

ଏହି କୁକର୍ମ, ଅଧର୍ମ ସହ୍ୟ କରି ପାରିଲିନି ମୁଁ ।ତେଣୁ ମତେ ଏବେ ମହାପୁରୁଷ ରୂପରେ ନୁହେଁ ମହାମାରୀ ରୂପରେ ଜନ୍ମ ନେବାକୁ ପଡ଼ିବ ।

ମୁଁ ଜନ୍ମ ନେଲି ସେହି ମହାମାରୀ, ଯେଉଁ ମହାମାରୀ ବ ର୍ମାନ ସାରା ପୃଥିବୀରେ ଚିନ୍ତାର କାରଣ ପାଲଟିଛି । ମୁଁ କୋରୋନା (କୋଭିଡ଼-୧୯) ରୂପରେ ଜନ୍ମ ନେଇ ପାପୀ ଅନ୍ୟାୟୀ ମାନଙ୍କର ବିନାଶ କଲି ।

ମୁଁ ଭଲଲୋକଙ୍କର କିଛି କ୍ଷତି କରେନା । ପାପୀ ମାନଙ୍କୁ କେବଳ ଆକ୍ରାନ୍ତ କରିଥାଏ । ଯେଉଁମାନଙ୍କର 'ପାପ କଳସ' ପୂର୍ଣ୍ଣ ହୋଇସାରିଛି ସେମାନଙ୍କୁ ଜୀବନରୁ ମାରିଦିଏ । ଏବଂ କରୋନାରୁ ବ ଥିବା ବ୍ୟକ୍ତି ମାନଙ୍କୁ ଥରେ ସୁଯୋଗ ଦେଇଥାଏ ପାପକର୍ମରୁ ବ ର୍ବା ପାଇଁ ।

ଏହି ମନୁଷ୍ୟମାନଙ୍କୁ ଏହା ଦେଖାଇବାରେ ଅଛି ଯେ ଟଙ୍କା, ଧନ ପଇସା ବଳରେ ସବୁ କିଛି ସମ୍ଭବ ନୁହେଁ ।

ମୁଁ ସେଥିପାଇଁ ସବୁଠାରୁ ଧନୀରାଷ୍ଟ୍ର ଆମେରିକା, ଚୀନ୍, ଇଟାଲୀ, ସ୍ପେନ, ଫ୍ରାନ୍ସ, ଜର୍ମାନୀ ଭଳି ଦେଶରେ ଅଧିକ ମାତ୍ରାରେ ବ୍ୟାପିଛି ।

ସେମାନେ ସମସ୍ତେ ବୁଝିସାରିଲେଣି ନିଜର କୁକର୍ମ କୁ ଏବଂ ଜୀବନର ମୂଲ୍ୟକୁ

ଏହି ଜଘନ୍ୟ ପରିସ୍ଥିତି ଦେଖି ଅନ୍ୟରାଷ୍ଟ୍ରମାନେ ନିଜ ନିଜ ଦେଶରେ "Lock Down" ଭଳି ବ୍ୟବସ୍ଥା କରିଛନ୍ତି । ସେଥିପାଇଁ ଚାରିଆଡ଼େ ଗାଡ଼ିମଟର, କଳକାରଖାନା ବନ୍ଦ ହୋଇଯାଇଛି ଓ ମୋର ଜ୍ୟୋଇଁ ସଂପୂର୍ଣ୍ଣ ରୂପେ ସୁସ୍ଥ ହୋଇଯାଇଛନ୍ତି । ଧରାବକ୍ଷରେ ଆମ୍ର ପ୍ରବେଶ କରି ପ୍ରାଣେ ପ୍ରାଣେ ଭରିଦେଇଛି ସୁଶୀତଳ ମାଧୁର୍ଯ୍ୟ । ହିମାଳୟ ପର୍ବତ ନିଜର ମୁଣ୍ଡ ଟେକି ନିଜର ସୌନ୍ଦର୍ଯ୍ୟରେ ଭରିଦେଉଛି ଧରାପୃଷ୍ଠକୁ ।

ବ ର୍ମାନ ସମୟ ହେଇଯାଇଛି ମୁଁ ସମଗ୍ର ବିଶ୍ୱରୁ ବିଦାୟ ନେବା ପାଇଁ ତୁ ମୋ ଉପରେ ଭରସା ରଖ ତୋର କିଛି ହେବନି ତୁ ଆଗକୁ ବଢ଼ ତୁ ତୋ ଜୀବନକୁ ବିଢ଼ିବା ଶିଖ୍ ।

ବିଦାୟ !

ଠିକ୍ ଏହି ସମୟରେ କଲମର ମୁନ ଅଟକି ଗଲା ଓ ନିଦ୍ରାରେ ପରିଣତ ହୋଇଗଲା । ମୁଁ ଉଠି ଦେଖିଲା ବେଳକୁ ସେ ମୁଁ ହିଁ ଥିଲି ଯେ ନିଜର କଳ୍ପନାକୁ କଲମ ମୁନରେ ଏତେ ସୁନ୍ଦରେ ଗଳ୍ପଟିଏ ଲେଖିଛି ।

ଧନ୍ୟବାଦ :-

# ଦେଶର ୧୫ତମ ରାଷ୍ଟ୍ରପତି : ଦ୍ରୌପଦୀ ମୁର୍ମୁ

✤ ସୋମାଲିନ୍ ନାୟକ
+୩ ଦ୍ୱିତୀୟ ବର୍ଷ କଳା (ରାଜନୀତି ବିଜ୍ଞାନ ସମ୍ମାନ)

ଓଡ଼ିଶାର ତିରିଶଟି ଜିଲ୍ଲା ମଧ୍ୟରୁ ମୟୁରଭଞ୍ଜ ଜିଲ୍ଲା ଅନ୍ୟତମ, ସବୁଜଭରା ଘ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଝରଣାର କୁଳୁକୁଳୁ ଶବ୍ଦ, କୋଇଲିର କୁହୁକୁହୁ ତାନ, ସୁଗନ୍ଧଭରା ପୁଷ୍ପର ବାସ୍ନା ଏବଂ ବିଭିନ୍ନ ପଶୁପକ୍ଷୀଙ୍କର ରାବ ସତେ ଅବା ଦୂରଦୂରାନ୍ତର ଲୋକଙ୍କର ମନକୁ ମୁଗ୍ଧ କରି ନିଜ ପାଖକୁ ଟାଣିଆଣେ । ମୟୁରଭଞ୍ଜର ଛଉନୃତ୍ୟ ଏବେ ବିଶ୍ୱ ପ୍ରସିଦ୍ଧ । ମୟୁରଭଞ୍ଜର ଶିମିଳିପାଳ ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ମନୋମୁଗ୍ଧ କରିପାରୁଥିବା ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଗୋଟିଏ । ଜନଜାତି କ୍ଷେତ୍ରରେ ପରିପୂର୍ଣ୍ଣ ମୟୁରଭଞ୍ଜ ଜିଲ୍ଲାରେ ଅଧିକ ମାତ୍ରାରେ ସାନ୍ତାଳ ଆଦିବାସୀ ବାସ କରନ୍ତି । ଏହି ସାନ୍ତାଳ ଆଦିବାସୀଙ୍କର ମନ ଗଙ୍ଗା ପରି ନିର୍ମଳ ଆଉ ଏମାନଙ୍କର ବ୍ୟବହାର ଜଣେ ଶିକ୍ଷିତ ପାଠୁଆ ମଣିଷର ବ୍ୟବହାର ଠାରୁ ଉନ୍ନତ ଅଟେ ।

ଏହି ମୟୁରଭଞ୍ଜ ଜିଲ୍ଲା ଏବେ ଜାତୀୟ ରାଜନୀତିରେ ମଧ୍ୟ ନିଜର ପରିଚୟ ସ୍ଥାପନ କରିପାରିଛି । ଏହି ମୟୁରଭଞ୍ଜ ଜିଲ୍ଲାରେ ଉପରବେଡ଼ା ଗାଁରେ ଆମର ୧୫ତମ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମସ୍ଥାନ ଅଟେ । ୨୦୦୭ ରେ ପ୍ରତିଭାଦେବୀ ସିଂହ ପାଟିଲ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ର ଗୌରବ ହାସଲଯ କରିବା ପରେ ଏବେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପାଇବା ପରେ ଦେଶର ଗଣତନ୍ତ୍ର ପରଂପରାର ଏକ ଉଦାହରଣ ପାଲଟିଯାଇଛି । କେହି କେବେ ଭାବିନଥିବେ କି ଦିଲ୍ଲୀରୁ ଦୁଇ ହଜାର କିଲୋମିଟର ଦୂର ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲାର ଏକ ଛୋଟ ଗାଁ ଉପରବେଡ଼ାର ଏକ ସାଧାରଣ ସ୍କୁଲରୁ ଶିକ୍ଷା ଲାଭ କରିଥିବା ଦ୍ରୌପଦୀ ମୁର୍ମୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ବିରାଜମାନ ହେବେ ଏବଂ ରାଷ୍ଟ୍ରପତି ଭବନ ତାଙ୍କର ସରକାରୀ ବାସ ଭବନରେ ପରିଣତ ହେବ । ଦ୍ରୌପଦୀ ମୁର୍ମୁ ହେଉଛନ୍ତି ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ।

ଦ୍ରୌପଦୀ ମୁର୍ମୁ ୨୦ ଜୁନ୍ ୧୯୫୮ ମସିହାରେ ମୟୁରଭଞ୍ଜ ଜିଲ୍ଲାର ଉପରବେଡ଼ା ଗାଁ ର ଏକ ସାନ୍ତାଳ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ହେଉଛି ବିର ୍ ନାରାୟଣ ଟୁଡୁ । ଦ୍ରୌପଦୀ ମୁର୍ମୁ ତାଙ୍କ ଗାଁ ର ସରକାରୀ ସ୍କୁଲରେ ପ୍ରାଥମିକ ଶିକ୍ଷା ଶେଷ କରି ମାଧ୍ୟମିକ ଶିକ୍ଷା ପାଇଁ ସେ ଭୁବନେଶ୍ୱର ଯାଇଥିଲେ । ଭୁବନେଶ୍ୱରର ଏକ ଛାତ୍ରବାସରେ ରହି ନିଜର ମାଧ୍ୟମିକ ଶିକ୍ଷା ଶେଷ କରି ସେ ରମାଦେବୀ ମହିଳା କଲେଜରେ ନିଜର ଉଚ୍ଚଶିକ୍ଷା ସମାପ୍ତ କରିଥିଲେ ।

ଦ୍ରୌପଦୀ ମୁର୍ମୁ ଶ୍ୟାମ ଚରଣ ମୁର୍ମୁଙ୍କୁ ବିବାହ କରିଥିଲେ । ନିଜର ପତି ଏବଂ ଦୁଇ ପୁତ୍ରଙ୍କୁ ହରାଇବା ପରେ ସେ ନିଜ ଘରେ ଏକ ସ୍କୁଲ ଖୋଲି ଦେଇଥିଲେ, ଯେଉଁଠାରେ ସେ ଛୋଟ ଛୋଟ ପିଲାଙ୍କୁ ପଢ଼ାନ୍ତି ।

ତାଙ୍କର ଏକମାତ୍ର ଜୀବିତ ସନ୍ତାନ ହେଉଛନ୍ତି ତାଙ୍କ ଝିଅ ଇତିଶ୍ରୀ ମୁର୍ମୁ ।

ଦ୍ରୌପଦୀ ମୁର୍ମୁ ଏକ ଅଧ୍ୟାପିକା ରୂପରେ ନିଜର ବ୍ୟକ୍ତିଗତ ଜୀବନ ଆରମ୍ଭ କରିଥିଲେ ଏହାପରେ ସେ ଧୀରେ ଧୀରେ ରାଜନୀତିରେ ନିଜର ପରିଚୟ ସ୍ଥାପନ କଲେ ।

୧୯୯୭ ମସିହାରେ ରାଇରଙ୍ଗପୁର ନଗର ପଞ୍ଚାୟତରେ ନିର୍ବାଚନ ଜିତି ନିଜର ପ୍ରଥମ ରାଜନୀତି ଜୀବନ ଆରମ୍ଭ କରିଥିଲେ । ୨୦୦୭ ମସିହାରେ ସର୍ବଶ୍ରେଷ୍ଠ ବିଧାୟିକା ପାଇଁ ସେ ନୀଳକଣ୍ଠ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ୨୦୧୫ ରୁ ୨୦୨୧ ମସିହା ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡର ରାଜ୍ୟପାଳ ପଦରେ କାର୍ଯ୍ୟରତ ଥିଲେ ।

ଏବେ ସେ ଦେଶର ୧୫ତମ ରାଷ୍ଟ୍ରପତି ରୂପେ ବିରାଜମାନ ହୋଇ ସାରା ଦେଶ ଏବଂ ବିଶ୍ୱ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ।

## ଶୁଦ୍ଧ ଏବଂ ପ୍ରକୃତ ସଂପର୍କର ଲକ୍ଷଣ/ଗୁଣ

✤ **ଶୁଭଶ୍ରୀ ବାରିକ**
**+୩ ୨ୟ ବର୍ଷ, କଳା (ସଂସ୍କୃତ ସମ୍ମାନ)**

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ମନୁଷ୍ୟକୁ ସମାଜରେ ସୁଖ ଏବଂ ସ୍ୱାଚ୍ଛନ୍ଦ ଜୀବନ ଅତିବାହିତ କରିବାକୁ ହେଲେ ସଂପର୍କ ସ୍ଥାପନ କରିବାକୁ ପଡ଼ିଥାଏ । ଏକ ଶୁଦ୍ଧ ଏବଂ ପ୍ରକୃତ ସଂପର୍କ ସ୍ଥାପନ ନିମନ୍ତେ ଏହି ଚାରୋଟି ଗୁଣ ବା ଲକ୍ଷଣ ରହିବା ନିତ୍ୟାନ୍ତ ଆବଶ୍ୟକ । ଏହି ସଂପର୍କ ଭାଇ-ଭଉଣୀ, ସ୍ୱାମୀ-ସ୍ତ୍ରୀ, ବନ୍ଧୁ-ବାନ୍ଧବୀ, ପ୍ରେମିକ-ପ୍ରେମିକା ର ହେଉନା କାହିଁକି ଏହି ଚାରୋଟି ଗୁଣ ରହିବା ଉଚିତ୍ । ଏହି ଗୁଣର ଅଭାବରେ କଳହ ଏବଂ ଦ୍ୱେଷ ସୃଷ୍ଟି ହୋଇଥାଏ ।

**୧. ପ୍ରଥମ ଗୁଣ :** ଉଭୟ ପରସ୍ପର ସମ୍ମାନ ଏବଂ ସୁରକ୍ଷା କରୁଥିବା ନିତ୍ୟାନ୍ତ ଆବଶ୍ୟକ । ଉଭୟଙ୍କ ମଧ୍ୟରେ କୌଣସି ସନ୍ଦେହ ସୃଷ୍ଟି ନହେବା ଉଚିତ୍ । ପରସ୍ପର ମଧ୍ୟରେ ବାର୍ତ୍ତାଳାପ ଏବଂ ସାକ୍ଷାତ କରିବାରେ ସଂକୋଚ ଅନୁଭବ ନହେବା ଉଚିତ୍ ।

**୨. ଦ୍ୱିତୀୟ ଗୁଣ :** ପରସ୍ପର ପ୍ରତି କର୍ତ୍ତବ୍ୟଶୀଳ ହେବା ଉଚିତ୍ । ପରସ୍ପର ଧର୍ମ ପାଳନ କରିବା ସହ ଯାହା ଠିକ୍ ତାକୁ ଜାଣି ନିଜ ଜୀବନରେ ଅନୁସରଣ ତଥା ଉପଯୋଗ କରିବା ଉଚିତ୍ ।

**୩. ତୃତୀୟ ଗୁଣ :** ପରସ୍ପର ମଧ୍ୟରେ ଶକ୍ତି ଅର୍ଜନ ହେଉଥିବା ଉଚିତ୍ । ଏଠାରେ ଶକ୍ତି ପା      ପ୍ରକାରର ଅଟେ । ଯଥା- ସାମାଜିକ, ଶାରୀରିକ, ରାଜନୈତିକ, ଆର୍ଥିକ, ଶିକ୍ଷାଗତ । ଏହି ପା      ଟି କ୍ଷେତ୍ରରେ ଉଭୟ ଶକ୍ତି ଅର୍ଜନ କରୁଥିବା ନିତ୍ୟାନ୍ତ ଆବଶ୍ୟକ ।

**୪. ଚତୁର୍ଥ ଗୁଣ :** ପରସ୍ପର ମଧ୍ୟରେ ବୋଧ ଶକ୍ତି ରହିବା ଉଚିତ୍ । ଉଭୟ ପରସ୍ପରର ମନର ଭାବକୁ ବୁଝିପାରୁଥିବା ନିତ୍ୟାନ୍ତ ଆବଶ୍ୟକ ।

ସଂପର୍କ ସ୍ଥାପନ ନିମନ୍ତେ ଏହି ଚାରୋଟି ଗୁଣ ବା ଲକ୍ଷଣ ସମାଜ ପାଇଁ ଏକ ଦିଗ୍‌ଦର୍ଶନ । ଯଦି ଏହି ଗୁଣ ଅନୁସାରେ ସଂପର୍କ ସ୍ଥାପନ ହେବ, ତେବେ ଏକ ସୁସ୍ଥ ସମାଜ ସ୍ଥାପନ ହୋଇପାରିବ ।

## ବରଗଛ ଓ ବାଟୋଇ

✤ ଲଳିତା ନାୟକ
+୩ ୨ୟ ବର୍ଷ, କଳା (ସଂସ୍କୃତ ସମ୍ମାନ)

ଦିନେ ଗୋଟିଏ ବାଟୋଇ ଖରାରେ ଚାଲି ଚାଲି ଯାଉଥିଲା । ତାପ ହେବାରୁ ହାଲିଆ ହୋଇ ସେ ଗୋଟିଏ ବରଗଛ ଛାଇରେ ଆସି ଶୋଇପଡ଼ିଲା । ନନିଦ ଭାଙ୍ଗିବା ପରେ ବାଟୋଇ ର ବରଗଛ ଉପରେ ଆଖି ପଡ଼ିଲା । ଦେଖିଲା ବରଗଛରେ ଛୋଟ ଛୋଟ ଲାଲ୍ ଫଳ ଗୁଡ଼ିଏ ହୋଇଛି । ବାଟୋଇ ମନେ ମନେ ଭାବିଲା, "ଠାକୁର ଭାରି ବୋକା, ନହେଲେ କି ଏତେ ବଡ଼ ବରଗଛରେ ଏତିକି ଟିକି ଟିକି ଫଳ କରିଥାନ୍ତେ ?"

ଏତିକିବେଳେ ବରଫଳ ଗୋଟିଏ ଖସି ବାଟୋଇ ର ମୁଣ୍ଡ ଉପରେ ପଡ଼ିଲା । କହିଲା "ଓ ହୋ ! ଠାକୁର କାହିଁକି ବୋକା ହେବେ ? ମୁଁ ବୋକା ! ବରଗଛରୁ ଯେବେ ବରଫଳଟିଏ ଆସି ଖସିଥାନ୍ତା" ତା'ପରେ ସେ ଠାକୁରଙ୍କୁ ହାତ ଯୋଡ଼ି ଜଣାଇଲା, "ହେ ହରି ହେ ! ତୁମେ ଯାହା କରୁଛ ଜଗତର ମଙ୍ଗଳ ପାଇଁ ।"

# ପିତାମାତାଙ୍କ ମହତ୍ତ୍ୱ

✤ ଅରୁନ୍ଧତୀ ସାହୁ
+୩ ଦ୍ୱିତୀୟ ବର୍ଷ , କଳା

ପିତାମାତା ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ଜଣେ ନିଜ ସନ୍ତାନର ସପକ୍ଷ ନେଲେ ଆଉ ଜଣେ ବିପକ୍ଷରେ ରୁହନ୍ତି । କିନ୍ତୁ ସନ୍ତାନ ପ୍ରତି ସେମାନଙ୍କର ଅତୁଟ ସ୍ନେହଶ୍ରଦ୍ଧା ଏବଂ ଭଲପାଇବା ଭରି ରହିଥାଏ । ଯାହା ବୁଝିବା ବହୁତ କଷ୍ଟକର । ଦୁନିଆରେ ଅଧିକାଂଶ ବ୍ୟକ୍ତି ମାଆ ବିଷୟରେ ତ ଆଉ କେହି ବାପା ବିଷୟରେ ଲେଖନ୍ତି । କିନ୍ତୁ ମୁଁ ଆଜି କିଛି ଲେଖୁଛି ପିତାମାତାଙ୍କ ଉଦ୍ଦେଶ୍ୟରେ ।

ସନ୍ତାନଟିଏ ନିଜର ପିତାମାତାଙ୍କୁ ତ ଭଲପାଏ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଆଜିର ଦୁନିଆରେ କିଛି ସନ୍ତାନ ଅଛନ୍ତି, ଯିଏ ନିଜର ସ୍ୱାର୍ଥ ପାଇଁ ପିତା ମାତାଙ୍କୁ ଭୁଲିଯାଉଛନ୍ତି । ପିତା ମାତାଙ୍କ ପରି ଜୀବନ୍ତ ଦେବତାଙ୍କ ଉପରକୁ ହାତ ଉଠେଇ ଦେଉଛନ୍ତି । ନିଜ ଗୋଡ଼ରେ ଠିଆ ହୋଇଗଲାପରେ ସେମାନେ ବୃଦ୍ଧା ଅବସ୍ଥାରେ ପିତାମାତାଙ୍କର ସେବା କରିବା ପରିବର୍ତ୍ତେ ସେମାନଙ୍କୁ ଘରୁ ତଡ଼ି ଦେଉଛନ୍ତି ।

କିଛି ପିଲା ନିଜର ସାଙ୍ଗମାନଙ୍କ ପାଇଁ ତ ଆଉ କିଛି ନିଜ ପ୍ରେମ ପାଇଁ ପିତାମାତାଙ୍କ ମାନସମ୍ମାନକୁ ଭୁଲି ଯାଉଛନ୍ତି । ପୁଅଟିଏ ଯେତେବେଳେ ପ୍ରେମରେ ପଡ଼ି ନିଜ ପ୍ରେମିକାକୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ, ସେତେବେଳେ ସେ ନିଜ ପିତା ମାତାଙ୍କ ମତାମତ ନେବାକୁ ଭୁଲିଯାଇଥାଏ । ପରେ ନିଜ ବିବାହ କଥା ଯେତେବେଳେ ସେ ପିତା ମାତାଙ୍କୁ ଜଣାଏ, ସେତେବେଳେ ଯଦି କୌଣସି କାରଣରୁ ପିତା ମାତା ସମ୍ମତି ପ୍ରକାଶ ନ କରନ୍ତି, ସେ ନିଜ ପୁଅ ଆଗରେ ଦୋଷି ହୋଇଯା'ନ୍ତି । କିନ୍ତୁ ପୁଅଟି ପିତା ମାତାଙ୍କ କଥାକୁ ନମାନି ନିଜ ପ୍ରେମିକାକୁ ବିବାହ କରେ । ବିବାହ ପରେ ଯେତେବେଳେ ଛୋଟ ଛୋଟ ମତାନ୍ତର ମନାନ୍ତର ହେଲେ ଆରମ୍ଭ ହୋଇଯାଏ ବୋହୂର ଶାଶୁ ଶ୍ୱଶୁରଙ୍କ ପ୍ରତି ଶାରିରୀକ ନିର୍ଯ୍ୟାତନା । ବାର୍ଦ୍ଧକ୍ୟ ହେତୁ ପିତାମାତା ଯେତେବେଳେ ପୁଅଟିକୁ ଆଶ୍ରା କରି ରହିଥାନ୍ତି, ସେତେବେଳେ ପୁଅଟି ନିଜ ସ୍ତ୍ରୀ କଥାରେ ପଡ଼ି ବୃଦ୍ଧ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଇ ଆସେ । ଏବଂ ପରେ ନିଜ ସ୍ତ୍ରୀ ଏବଂ ସନ୍ତାନ ସହ ଖୁସିରେ ସମୟ ଅତିବାହିତ କରେ ।

ଝିଅଟିଏ ଯେତେବେଳେ ଗୋଟିଏ ପୁଅଟିକୁ ପ୍ରେମ କରେ, ସେତେବେଳେ ସେ ପୁଅଟି ତା' ପାଇଁ ଏତେ ନିଜର ହୋଇଯାଏ ଯେ ସେ ପିତା ମାତାଙ୍କ ବିନା ଅନୁମତିରେ ବିବାହ କରିବା ପାଇଁ ପ୍ରସ୍ତୁତ ହୋଇଯାଏ

। ଯେତେବେଳେ ପିତାମାତା ଝିଅଟିର ବାହାଘର ପାଇଁ ପ୍ରସ୍ତାବ ଦେଖନ୍ତି, ସେତେବେଳେ ଝିଅଟି ନିଜ ପ୍ରେମିକ ବିଷୟରେ ଜଣାଏ । ପିତାମାତା ରାଜି ନ ହେଲେ ଶେଷରେ ଝିଅଟି ନିଜ ପ୍ରେମିକ ସହ ଘରୁ ଲୁଚି ଚାଲିଯାଏ ଏବଂ ପୁଅଟିକୁ ବିବାହ କରେ । କିନ୍ତୁ ଝିଅଟି ନିଜ ପିତାମାତାଙ୍କ ବିଷୟରେ କି ସେମାନଙ୍କ ସମ୍ମାନ ବିଷୟରେ ଟିକେ ବି ଚିନ୍ତା କରେନି ।

ଆଜିର ଏହି କଳଙ୍କିତ ସମାଜରେ ଏହି ସବୁ ନିତିଦିନର ଘଟଣା । ଯେତେବେଳେ ପୁଅ ଝିଅ ମାନେ ପ୍ରେମ ପାଇଁ କିମ୍ବା ଅନ୍ୟ କିଛି କାରଣ ପାଇଁ ପିତାମାତାଙ୍କ ଭଲପାଇବାକୁ ଏବଂ ମାନ ସମ୍ମାନଙ୍କୁ ପାଦରେ ଆଡ଼େଇ ଚାଲିଯାଉଛନ୍ତି, ସେମାନଙ୍କୁ ଶାରିରୀକ ନିର୍ଯ୍ୟାତନା ଦେଉଛନ୍ତି ଏବଂ କଠୋର ବ୍ୟବହାର କରୁଛନ୍ତି, ସେତେବେଳେ ସେମାନେ ଭାବୁନାହାନ୍ତି, ଦିନେ ସେଇ ମାଆ ଦଶ ମାସ ଦଶ ଦିନ ଗର୍ଭରେ ଧରି ନିଜ ସନ୍ତାନକକୁ କେତେ କଷ୍ଟରେ ଜନ୍ମ କରିଥାଏ ଏବଂ ଜୀବନ ସାରା ନିଜେ ଉପାସ ରହି ନିଜ ସନ୍ତାନର ପେଟ ପୂରେଇଥାଏ । ଏବଂ ପିଲାଟିଏ ଜନ୍ମ ହେବା ପରେ ବାପା ମୁଣ୍ଡରେ କେବଳ ଗୋଟିଏ କଥା ଚାଲିଥାଏ । ତାହା ମଣିଷଟିଏ କରିବା ପାଇଁ ସେ ଦିନ ରାତି କଷ୍ଟ ସହି, ନିଜକୁ ନାନା କାର୍ଯ୍ୟରେ ଲିପ୍ତ ରଖି ଅର୍ଥ ଉପାର୍ଜନ କରିଥାଏ । ଯେମିତି ନିଜ ସନ୍ତାନର କେବେ କୌଣସି ପ୍ରକାର ଅସୁବିଧା ନ ହୁଏ । ସେଇ ବାପା ସବୁବେଳେ ଚାହେଁ ନିଜ ସନ୍ତାନ ଯେମିତି ବାପାର ନାଁ ରଖିବ ଏବଂ ବହୁତ ଆଗକୁ ଯିବ ।

ଶେଷରେ ଆଜିର ଏଇ ସମାଜରେ ବସବାସ କରୁଥିବା ପୁଅଝିଅ ମମାନଙ୍କୁ ଏତିକି କହିବି :-

ମୋ ପ୍ରିୟର ଭାଇ ଭଉଣୀମାନେ ପିତାମାତାଙ୍କ ଠାରୁ ଆଉ କେହି ବି ବଡ଼ ନୁହଁନ୍ତି କିମ୍ବା ନିଜର ନୁହଁନ୍ତି । ପିତାମାତାଙ୍କ ଠାରୁ କେହି ବି ବେଶୀ ଭଲପାଇ ପାରିବେ ନାହିଁ ।

କଥାରେ ଅଛି :-

ପିତାମାତା ହେଉଛନ୍ତି ଜୀବନ୍ତ ଦେବତା । ମନ୍ଦିରରେ ପଥର ମୂ ର୍ତ୍ତିକୁ ପୂଜା କଲେ ଯେତିକି ପୁଣ୍ୟ ଏବଂ ଆଶୀର୍ବାଦ ମିଳେନି, ପିତାମାତାଙ୍କୁ ପୂଜା କଲେ ତା'ଠାରୁ ବେଶୀ ପୂଣ୍ୟ ମିଳେ ଏବଂ ପିତାମାତାଙ୍କୁ ପୂଜା କରିବା ଦ୍ୱାରା ଶୂନ୍ୟରୁ ଭଗବାନ୍ ପ୍ରୀତ ହୁଅନ୍ତି ଏବଂ ଆଶୀର୍ବାଦ କରନ୍ତି । ତେଣୁ ପ୍ରଥମେ ପିତାମାତାଙ୍କୁ ସମ୍ମାନ ଦିଅନ୍ତୁ ଏବଂ ଭଲ ପାଆନ୍ତୁ ।

# ଉ□ର ଦେବେ ଆପଣ

✤ ରିତାରାଣୀ ସାମଲ
+୩ ଦ୍ୱିତୀୟ ବର୍ଷ, ବାଣିଜ୍ୟ

ସକାଳୁ ସକାଳୁ ଜ୍ୟୋତି ଘର ସଜାଇବାକୁ ଲାଗିଥିଲା, ସେ ଚାହୁଁଥିଲା ଶୀତ ଋତୁରେ ବି ତା'ଘରକୁ ବସନ୍ତ ଆସୁ, ହଁ ସେ ଚାହିଁବନିବା କେମିତି କାହିଁକିନା ଅନେକ ଦିନ ପରେ ତା ଘରକୁ ଫେରୁଛି ବସନ୍ତ ମାନେ ପ୍ରକାଶ । ପ୍ରକାଶ ମାନେ ଜ୍ୟୋତିର ସ୍ୱାମୀ । ଦଶ ବର୍ଷ ତଳେ ପ୍ରକାଶ ଓ ଜ୍ୟୋତିର ପ୍ରଥମ ଦେଖା, କିଛି ଦିନର ପ୍ରେମ ଓ ତା'ପରେ ବାହାଘର । ବାହାଘରର ଠିକ୍ ମାସେ ପରେ ଜ୍ୟୋତିର ସ୍ୱପ୍ନ ଭାଙ୍ଗିଗଲା । ଜ୍ୟୋତି ସେତେବେଳକୁ ଗୋଟେ ପ୍ରାଇଭେଟ୍ କଲେଜରେ ଅଧ୍ୟାପିକା । ଦିନେ ସେ କଲେଜରୁ ଫେରି ସବୁ କାମ ସାରି ଅପେକ୍ଷା କରିଥାଏ ପ୍ରକାଶ କୁ । ପ୍ରକାଶ ଆସିଲେ ସେ ପ୍ରକାଶ ସହ ମିଠା ମିଠା କଥାହେବ । ତା'ପରେ ଦୁହେଁ ମିଶି ସାଙ୍ଗରେ ତାଙ୍କ ନୂଆ ଜୀବନର ସ୍ୱପ୍ନ ଦେଖିବେ । ଜ୍ୟୋତିର ସ୍ୱପ୍ନ ଭାଙ୍ଗିବାକୁ କିଛି ସମୟ ଲାଗିଲାନି । ପ୍ରକାଶ ଖାଇବାକୁ ଆସୁ ଆସୁ ସିଧା ଆରମ୍ଭ କରିଦେଲେ, ତୁମକୁ ମୋର କିଛି କଥା କହିବାର ଅଛି, ତୁମକୁ ଯଦି ମୋ ସହିତ ରହିବାର ଅଛି ତାହା ହେଲେ ତୁମକୁ ଏ ଚାକିରୀ ଛାଡ଼ିବାକୁ ପଡ଼ିବ କାହିଁକିନା ମୁଁ ଚାହେଁନା ମୋ ସ୍ତ୍ରୀ ବାହାରେ ଅନ୍ୟ ପୁରୁଷ ମାନଙ୍କ ସହ ମିଶି କାମ କରୁ, ଆଉ ତା ପରେ ବି ସ୍ତ୍ରୀ ଚଳାଇ ପାରୁନଥିବା ପୁରୁଷ ବି ମୁଁ ନୁହେଁ, ଏବେ ନିଷ୍ପ ି ତୁମର । ତୁମେ ଏଇ ଡିଭୋର୍ସ ପେପର୍ ସିଗ୍ନେଚର କରିବ ନ ହେଲେ ଚାକିରୀ ଛାଡ଼ିବ ।

ପ୍ରକାଶର କଥାରୁ ଅହଂକାରର ବାସ୍ନା ପାଉଥିଲା ଜ୍ୟୋତି ଓ ସନ୍ଦେହର ଗନ୍ଧ ବାରିପାରୁଥିଲା । ଜ୍ୟୋତି କିନ୍ତୁ ଗୋଟେ ନୂଆ ଜୀବନ ଆରମ୍ଭ କରିଥିବାରୁ ସେ ଚୁପ୍ ରହିଲା ଏବଂ ଚାକିରୀ ଛାଡ଼ି ଦେଲା । ଚାରିପା ଦିନ ଭିତରେ ପ୍ରକାଶ ଓ ଜ୍ୟୋତି ବୁଲି ଆସିଲେ ଜ୍ୟୋତିଙ୍କ ଘରକୁ । ପ୍ରକାଶ ମନରେ କ'ଣ ଥିଲା ଜ୍ୟୋତି ଜାଣିନଥିଲା । ଆଠ ଦିନ ପରେ ତୁମକୁ ନେବି ବୋଲି କହି ପ୍ରକାଶ ଚାଲିଗଲା । ଆଠ ଦିନଗଲା, ଆଠ ମାସ ଗଲା, ଆଠ ବର୍ଷ ମଧ୍ୟ ପୂରିଗଲା, ହେଲେ ପ୍ରକାଶ ଆସିଲେନି । ପ୍ରକାଶ ଜ୍ୟୋତିକୁ ତା ବାପଘରେ ଏକା ଛାଡ଼ି ଯାଇନଥିଲେ, ସେତେବେଳେ ଜ୍ୟୋତିର ଗର୍ଭରେ ବଢୁଥିଲା ଜ୍ୟୋତିର ସନ୍ତାନ । ସାହି ପଡ଼ିଶା ଠାରୁ ଆରମ୍ଭ କରି ଘରେ ଭାଉଜ ମାନେ ବି ଜ୍ୟୋତିକୁ ଖୁ । ଦେବାକୁ ପଛାଉ ନଥିଲେ । ହେଲେ ଏହା ଭିତରେ ଦଶବର୍ଷ ବିତିଗଲାଣି ରାହୁଲ୍ ବି ସ୍କୁଲ ଗଲାଣି । ରାହୁଲ୍ ମାନେ ପ୍ରକାଶ ଓ ଜ୍ୟୋତିର ପୁଅ । ରାହୁଲ ଜନ୍ମ ହେବା ପରେ ତାକୁ ପାଳିବା ପାଇଁ ଆଉ ସମ୍ମାନର ସହ ବ ୍ବା ପାଇଁ ଜ୍ୟୋତି ଗୋଟେ ସରକାରୀ ସ୍କୁଲରେ ଚାକିରୀ ପାଇଁ ପାରିଛି । ବ ୍ବା

ପାଇଁ ପଇସା କି ପୁଅଠାରୁ ସ୍ନେହ ସେ ସବୁର କିଛି ଅଭାବ ନଥିଲା, ହେଲେ ମନର କୌଣସି ଗୋଟେ କୋଣରେ ଶୂନ୍ୟସ୍ଥାନଟେ ଫାଙ୍କା ପଡ଼ିଥିଲା ପ୍ରକାଶଙ୍କ ପାଇଁ । ବହୁଦିନ ପରେ ପୁଣି ପ୍ରକାଶ ଆସୁଛନ୍ତି ତାକୁ ତାଙ୍କ ଘରକୁ ନେବା ପାଇଁ ।

ମନରେ ଥିବା ସବୁ ରାଗ,ରୁଷା, ଅଭିମାନ ସବୁକୁ ଜ୍ୟୋତି ଭୁଲିଯିବା ପାଇଁ ଚାହୁଛି । ପ୍ରକାଶ ତା'ହାତ ଧରି ତାକୁ ଘରକୁ ନେବାପରେ ସେ ପ୍ରକାଶକୁ ଧରି ଖୁବ୍ କାନ୍ଦିବ ତା'ପରେ ତା ଆଖି ଲୁହରେ ତା ଅତୀତର ସବୁ ଘଟଣ ଓ ଅଘଟଣ କୁ ସବୁ ଭୁଲିଯାଇ ପୁଣି ଆଉଥରେ ଜୀବନ ଆରମ୍ଭ କରିବ ।

କବାଟର ଠକ୍ ଠକ୍ ଶବ୍ଦରେ ଜ୍ୟୋତି ତା ଭାବନା ରାଇଜରୁ ବାହାରି କବାଟ ଖୋଲି ଦେଖେ ତା ସାମ୍ନାରେ ପ୍ରକାଶ ଠିଆ ହୋଇଛନ୍ତି । ପ୍ରକାଶ ଆଗପରି ଖୁବ୍ ବିନ୍‌ଦାସ୍ । ସିଧା ସିଧା ଆସି ସୋଫା ଉପରେ ବସିପଡ଼ିଲେ । କହିଲେ ଖରାବେଳ ହେଲାଣି ଖାଇବାକୁ ଦେବନା ସର୍ବତ ଦେବ ଜ୍ୟୋତି କିଛି ଜାଣିପାରୁନଥାଏ । ତଥାପି ଜ୍ୟୋତି ଖାଇବା ପାଇଁ ପ୍ରକାଶକୁ ଡାକିଲା । ପ୍ରକାଶ ହାତ ଧୋଇ ଖାଇବା ପାଇଁ ବସିଲେ ଓ କହିଲେ ତୁମେ ବି ମୋ ପାଖରେ ବସ ତୁମ ସାଙ୍ଗରେ ମୋର ଗୋଟେ କଥା ଅଛି । ପ୍ରକାଶ ତାଙ୍କ କଥା ଆରମ୍ଭ କରିଦେଲେ, ମୁଁ ଆଜି ତୁମକୁ ନେବାକୁ ଆସିଛି ସବୁଦିନ ପାଇଁ ଆମ ଘରକୁ ନେବାକୁ ଆସିଛି । ହେଲେ ଏହା ଭିତରେ ଆମ ଦୁଇଜଣକୁ ଗୋଟେ ଶେଷ ନିଷ୍ପ ି ନବାକୁ ହେବ । ତୁମେ ଯଦି ଚାହୁଁଛ ମୁଁ ତୁମକୁ ଆମ ଘରକୁ ସବୁଦିନ ପାଇଁ ନେଇଯିବି ତାହାହେଲେ ତୁମକୁ ଏ ଚାକିରୀ ଛାଡ଼ିବାକୁ ପଡ଼ିବ ନହେଲେ ଏଇ ଡିଭୋର୍ସ ପେପର୍ ରେ ସିଗ୍‌ନେଚର କରିବାକୁ ପଡ଼ିବ ।

